RNI No.ODIODI/2010/33031
୧୭ ବର୍ଷ | Volume-17
ISSUE -34 | ସଂଖ୍ୟା-୩୪
ଭୁବନେଶ୍ୱର, ଶନିବାର ୧୧ ଏପ୍ରିଲ୍ ୨୦୨୬
Bhubaneswar, Saturday 11 April, 2026
୦୮ ପୃଷ୍ଠା | Pages-08
ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com | RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ୩୪୦୦ କୋଟିର 'ଅଟଳ ବସଷ୍ଟାଣ୍ଡ' ଯୋଜନାକୁ ଅନୁମୋଦନ

ଭୁବନେଶ୍ୱର: ରାଜ୍ୟ କ୍ୟାବିନେଟ ବୈଠକରେ ଆଜି ଗୁରୁତ୍ୱପୂର୍ଣ୍ଣ ୧୧ଟି ପ୍ରସ୍ତାବକୁ ମୋହର ଲାଗିଛି। ମୋଟ ୫ଟି ବିଭାଗ ସମ୍ବନ୍ଧୀୟ ଏହି ନିଷ୍ପତ୍ତିମାନଙ୍କ ମଧ୍ୟରୁ ଜଳ ସମ୍ପଦ, ପରିବହନ ଓ ଗ୍ରାମ୍ୟ ପାନୀୟ ଜଳ ବିଭାଗକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ବୈଠକ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏହି ସୂଚନା ଦେଇଛନ୍ତି।

ସବୁଠାରୁ ଆକର୍ଷଣୀୟ ନିଷ୍ପତ୍ତି ଭାବେ ୩୪୦୦ କୋଟି ଟଙ୍କାର 'ଅଟଳ ବସଷ୍ଟାଣ୍ଡ ଯୋଜନା' କ୍ୟାବିନେଟ ଅନୁମୋଦନ ପାଇଛି। ଏହି ଯୋଜନାରେ ରାଜ୍ୟର ୩୧୮ଟି ବସଷ୍ଟାଣ୍ଡର ଉନ୍ନତୀକରଣ ହେବ ଏବଂ ଏହାକୁ ଓଏସ୍ଆରଟିସି ସମନ୍ୱୟରେ କାର୍ଯ୍ୟକାରୀ କରାଯିବ। ଯାତ୍ରୀ ସୁବିଧା ବୃଦ୍ଧି ଓ ଆଧୁନିକ ପରିବହନ ବ୍ୟବସ୍ଥା ପାଇଁ ଏହାକୁ ବଡ଼



ପଦକ୍ଷେପ ଭାବେ ଦେଖାଯାଉଛି।

ସେହିପରି ଜଳ ସମ୍ପଦ ବିଭାଗର ୫ଟି ମୁଖ୍ୟ ପ୍ରକଳ୍ପକୁ ମଧ ମଞ୍ଜୁରୀ ମିଳିଛି। ସେଥିରେ ପାର୍ବତୀଗିରି ମେଗା ଲିଫ୍ଟ ଜଳସେଚନ ପ୍ରକଳ୍ପକୁ ବିଶେଷ ଗୁରୁତ୍ୱ ଦିଆଯାଇଛି, ଯାହା ଦ୍ୱାରା ସମ୍ବଲପୁରରେ ପ୍ରାୟ ୬୨୧୦ ହେକ୍ଟର ଜମି ଜଳସେଚିତ ହେବ ଓ ୧୪ଟି ଗାଁ ଉପକୃତ ହେବେ। ସେହିପରି କଟକର ହାଡୁଆ ପ୍ରକଳ୍ପ, ସୋନପୁର ତେଲ ନଦୀ କ୍ଲଷ୍ଟର, ଯାଜପୁରର ଖରାସୁଆ-ବ୍ରାହ୍ମଣୀ ପ୍ରକଳ୍ପ ଓ କେନ୍ଦୁଝରର ବିଭିନ୍ନ କ୍ଲଷ୍ଟର ପ୍ରକଳ୍ପ ମାଧ୍ୟମରେ ହଜାର ହେକ୍ଟର ଜମିକୁ ପାଣି ମିଳିବ। ଏହା ସହିତ, କେନ୍ଦୁଝରରେ ୧୬୪୭ କୋଟି ଟଙ୍କା ବ୍ୟୟରେ ନୂଆ ୨,୫୦୦ ଗଠଇ ସବ୍-ଷ୍ଟେସନ ସ୍ଥାପନ ପାଇଁ ମଧ ମଞ୍ଜୁରୀ ମିଳିଛି, ଯାହା ୩ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ହେବ। ହାଡୁଆ ଜଳସେଚନ ପ୍ରକଳ୍ପରେ ଭୂତଳ ପାଇପ୍ ଲାଇନ୍ ପାଇଁ ଟେଣ୍ଡର ମଞ୍ଜୁର କରାଯାଇଛି। ଏହା ଦ୍ୱାରା କଟକଜିଲ୍ଲା ବଡ଼ମ୍ବାର ୭୬, ନରସିଂହପୁର ଓ ତିଗିରିଆର ୫ ଲେଖାଏଁ ଗ୍ରାମବାସୀ ଉପକୃତ ହେବେ। ପାର୍ବତୀ ଗିରି ବୃହତ୍ ଉଠା ଜଳସେଚନ ପ୍ରକଳ୍ପକୁ ମଧ ଗୁରୁତ୍ୱ ଦିଆଯାଇଛି।

ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପରିଚାଳନା ଓ ରକ୍ଷଣାବେକ୍ଷଣା ନୀତି ୨୦୨୬କୁ କ୍ୟାବିନେଟ ଅନୁମୋଦନ ଦେଇଛି। ଏହି ନୀତି ଅନୁସାରେ ପ୍ରକଳ୍ପ ସମାପ୍ତି ପରେ ତାହାର ପରିଚାଳନାରେ ପଞ୍ଚାୟତ ଓ ଗ୍ରାମବାସୀଙ୍କ ଭୂମିକା ସ୍ପଷ୍ଟ କରାଯାଇଛି।

ଅନ୍ୟପଟେ, ଶ୍ରମ ବିଭାଗର ୩ଟି ପ୍ରସ୍ତାବ ଚାକିରୀ ସର୍ତ୍ତ ସଂଶୋଧନ ଓ କ୍ୟାଡର ନିୟମ ପରିବର୍ତ୍ତନ ମଧ ପାରିତ ହୋଇଛି।

ସେହିପରି ପୂର୍ବରୁ ନିଯୁକ୍ତ ଏଏଲ୍ଓ, ଆରଏଲ୍ଆଇ ମାନେ ବିଭାଗୀୟ ପରୀକ୍ଷାରୁ ଛାଡ଼ ପାଇବେ ବୋଲି ଶ୍ରୀମତୀ ଗର୍ଗ ସୂଚନା ଦେଇଛନ୍ତି।

ମୋଟ ଉପରେ କହିଲେ, ଆଜିର କ୍ୟାବିନେଟ ବୈଠକରେ ପରିବହନ, ଗ୍ରାମ୍ୟ ଉନ୍ନତିକୁ ଗତି ଦେବା ପାଇଁ ଅନେକ ମହତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି।

# ଯମୁନା ନଦୀରେ ଡଙ୍ଗା ବୁଡ଼ି ୧୦ ଶ୍ରଦ୍ଧାଳୁଙ୍କ ମୃତ୍ୟୁ

ମଥୁରା: ଉତ୍ତରପ୍ରଦେଶର ଧର୍ମନଗରୀ 'ବୃନ୍ଦାବନ'ର ଯମୁନା ନଦୀର କେଶିଘାଟ ନିକଟରେ ଶୁକ୍ରବାର ଅପରାହ୍ନରେ ଏକ ହୃଦୟବିଦାରକ ଦୁର୍ଘଟଣା ଘଟିଯାଇଛି। ପଞ୍ଜାବର ଲୁଧିଆନାରୁ ଆସିଥିବା ପ୍ରାୟ ୨୭ ଜଣ ଶ୍ରଦ୍ଧାଳୁଙ୍କୁ ନେଇ ଯାଉଥିବା ଏକ ଷ୍ଟିମର ଯମୁନା ନଦୀରେ ଏକ ପଣ୍ଟୁନ୍ ବ୍ରିଜ୍ ସହ ଧକ୍କା ହୋଇ ଓଲଟି ପଡ଼ିବାରୁ ଏପର୍ଯ୍ୟନ୍ତ ୧୦ ଜଣଙ୍କର ମୃତ୍ୟୁ ଘଟିଛି।

ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ଅପରାହ୍ନ ପ୍ରାୟ ୩ଟା ୧୫ରେ ଘଟିଥିବା ଏହି ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଯାତ୍ରୀମାନେ ନିଜକୁ ସମ୍ଭାଳିବା ପୂର୍ବରୁ ହିଁ ଷ୍ଟିମରଟି ନଦୀ ଗର୍ଭରେ ନିମଜ୍ଜିତ ହୋଇଯାଇଥିଲା। ସ୍ଥାନୀୟ ପ୍ରଶାସନ ଓ ଉଦ୍ଧାରକାରୀ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ୧୪ ଜଣଙ୍କୁ ଜୀବନ୍ତ ଉଦ୍ଧାର କରିଥିବା ବେଳେ ଏବେ ମଧ ଅନେକ ଯାତ୍ରୀ ନିଖୋଜ ଅଛନ୍ତି।

ଏହି ଭୟଙ୍କର ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇବା ସହ ଏନଡିଆରଏଫ୍, ଏସଡିଆରଏଫ୍ ଓ ସେନା ବାହିନୀକୁ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଜାରି ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆହତମାନଙ୍କୁ ଉପଯୁକ୍ତ ଚିକିତ୍ସା ଓ ମୃତକଙ୍କ ପରିବାରକୁ କ୍ଷତିପୂରଣ ଯୋଗାଇ ଦେବା ପାଇଁ ଜିଲ୍ଲା ପ୍ରଶାସନକୁ ତ୍ୱରିତ ପଦକ୍ଷେପ ନେବାକୁ କୁହାଯାଇଛି।

# ରାଜ୍ୟସଭାରେ ଶପଥ ଗ୍ରହଣ କଲେ ମୁଖ୍ୟମନ୍ତ୍ରୀ ନୀତିଶ କୁମାର

ନୂଆଦିଲ୍ଲୀ୧୦।୪(ନି.ପ୍ର.):: ବିହାରର ନୀତିଶ କୁମାର ଏବେ ଦିଲ୍ଲୀର ହେଲେ। ବିହାର ମୁଖ୍ୟମନ୍ତ୍ରୀ ଏବଂ ଜନତା ଦଳ (ସଂଯୁକ୍ତ) ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିଶ କୁମାର ଶୁକ୍ରବାର ରାଜ୍ୟସଭାରେ ଏକ ନୂତନ ଇନିଂସ ଆରମ୍ଭ କରୁଛନ୍ତି। ଆଜି ଅପରାହ୍ନ ୧୨:୧୨ ସମୟରେ ସେ ରାଜ୍ୟସଭାରେ ସଂସଦ ସଦସ୍ୟ ଭାବରେ ଶପଥ ଗ୍ରହଣ କରିଛନ୍ତି। ଏହି ଅବସରରେ ସ୍ୱତନ୍ତ୍ର ଭାବରେ ଏକ ସମାରୋହର ଆୟୋଜନ କରାଯାଇଥିଲା। ରାଜ୍ୟସଭା ଭିତରେ ସମସ୍ତ ଆବଶ୍ୟକୀୟ ବ୍ୟବସ୍ଥା ପୂର୍ବରୁ ସମାପ୍ତ ହୋଇସାରିଛି। ମୁଖ୍ୟମନ୍ତ୍ରୀ ନୀତିଶ କୁମାର ତାଙ୍କ ବାସଭବନରୁ ବାହାରି ରାଜ୍ୟସଭାରେ ପହଞ୍ଚିଥିଲେ। କେନ୍ଦ୍ରମନ୍ତ୍ରୀ ଲଲନ ସିଂହ, ଜେଡି(ୟୁ) କାର୍ଯ୍ୟକାରୀ ସଭାପତି ସଞ୍ଜୟ ଝା ଏବଂ ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ମଧ ତାଙ୍କ ବାସଭବନରୁ ରାଜ୍ୟସଭାକୁ ତାଙ୍କ ସହିତ ଯାଇଥିଲେ। ମୁଖ୍ୟମନ୍ତ୍ରୀ ନୀତିଶ କୁମାର ମାର୍ଚ୍ଚ ୧୬ ତାରିଖରେ ରାଜ୍ୟସଭାର ସଦସ୍ୟ ଭାବରେ ନିର୍ବାଚିତ ହୋଇଥିଲେ। ମାର୍ଚ୍ଚ ୩୦ ତାରିଖରେ ସେ ବିଧାନ ପରିଷଦର ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ। ଏହା ପରେ ସେ ଆଜି ରାଜ୍ୟସଭାରେ ସଂସଦ ସଦସ୍ୟ ଭାବରେ ଶପଥ ଗ୍ରହଣ କରିଥିଲେ।

ବର୍ଷ ବର୍ଷ ଧରି ବିହାରରେ କ୍ଷମତାର ମଙ୍ଗ ଧରିଥିବା ନୀତିଶ କୁମାର ଏବେ ରାଜ୍ୟସଭାର ସଦସ୍ୟ ଭାବରେ ଶପଥ ନେଇଛନ୍ତି। ନୀତିଶ କୁମାର ପୂର୍ବରୁ ବିହାର ବିଧାନ ପରିଷଦରୁ ଇସ୍ତଫା ଦେଇସାରିଛନ୍ତି। ରାଜ୍ୟସଭାରେ ସେବା କରିବା ନୀତିଶ କୁମାରଙ୍କ ସ୍ୱପ୍ନ ଥିଲା ବୋଲି ସେ କହିଛନ୍ତି।

ବିହାର ଛାଡି ରାଜ୍ୟସଭାରେ ଯୋଗଦେବା ବିଷୟରେ ପଚରାଯିବାରୁ ନୀତିଶ କୁମାର ମନ୍ତବ୍ୟ ଦେଇଥିଲେ ଯେ ସଂସଦର ଉଭୟ ଗୃହ ଏବଂ ରାଜ୍ୟ ବିଧାନସଭାର ଉଭୟ ଗୃହରେ ସଦସ୍ୟ ଭାବରେ ସେବା କରିବା ତାଙ୍କର ସ୍ୱପ୍ନ ଥିଲା। ଆଜି ପର୍ଯ୍ୟନ୍ତ ନୀତିଶ କୁମାର ବିହାର ବିଧାନ ପରିଷଦ, ବିଧାନସଭା ଏବଂ ଲୋକସଭାର ସଦସ୍ୟ ଭାବରେ କାର୍ଯ୍ୟ କରିଛନ୍ତି। କେବଳ ରାଜ୍ୟସଭା ବାକି ରହିଥିଲା। ଏବେ ରାଜ୍ୟସଭାରେ ପ୍ରବେଶ ସହିତ ନୀତିଶ କୁମାରଙ୍କ ସ୍ୱପ୍ନ ପୂରଣ ହୋଇଛି।

# ଇସ୍ତଫା ଦେଲେ ବିଚାରପତି ଜଷ୍ଟିସ୍ ଯଶୱନ୍ତ ବର୍ମା

ନୂଆଦିଲ୍ଲୀ,୧୦।୪(ନି.ପ୍ର.): ଇସ୍ତଫା ଦେଲେ ବିବାଦୀୟ ବିଚାରପତି ଜଷ୍ଟିସ୍ ଯଶୱନ୍ତ ବର୍ମା। ଆହ୍ଲାବାଦ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଯଶୱନ୍ତ ବର୍ମା ଶୁକ୍ରବାର ନିଜର ଇସ୍ତଫା ପତ୍ର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ପଠାଇଛନ୍ତି। ବାସଭବନରୁ ବିପୁଳ ଟଙ୍କା ମିଳିବା ପରେ ସେ ବିବାଦରେ ପଡ଼ିଥିଲେ। ପରେ ତାଙ୍କୁ ଦିଲ୍ଲୀ ହାଇକୋର୍ଟରୁ ଆହ୍ଲାବାଦ ସ୍ଥାନାନ୍ତର କରାଯାଇଥିଲା। ଗତ ୫ ତାରିଖରେ ଶପଥ ନେଇଥିଲେ ଜଷ୍ଟିସ୍।



ବର୍ତ୍ତମାନ ଆଭ୍ୟନ୍ତରୀଣ ତଦନ୍ତର ସମ୍ମୁଖୀନ ହେଉଛନ୍ତି ବୋଲି ସୂଚନା ମିଳିଛି। ଆହ୍ଲାବାଦ ହାଇକୋର୍ଟର ବିଚାରପତି ଯଶୱନ୍ତ ବର୍ମା ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି। ଜଷ୍ଟିସ୍ ବର୍ମାଙ୍କ ନାମ "ନଗଦ ଦୁର୍ନୀତି"ରେ ଆସିବା ପରେ ବେଶ ଚର୍ଚ୍ଚା ହୋଇଥିଲା। ଦିଲ୍ଲୀରେ ତାଙ୍କ ବାସଭବନରେ ଅଗ୍ନିକାଣ୍ଡ ଘଟିଥିଲା ଏବଂ ପରବର୍ତ୍ତୀ ତଦନ୍ତ ସମୟରେ ପୋଡ଼ିଯାଇଥିବା ୫୦୦ ଟଙ୍କାର ନୋଟ୍ ବିଡା ଉଦ୍ଧାର କରାଯାଇଥିଲା। ଏହି ଘଟଣା ପରେ ସୃଷ୍ଟି ହୋଇଥିବା ବିବାଦ ପରେ, ତାଙ୍କୁ ଦିଲ୍ଲୀ ହାଇକୋର୍ଟରୁ ଆହ୍ଲାବାଦ ହାଇକୋର୍ଟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କୁ ନ୍ୟାୟିକ କାର୍ଯ୍ୟ କରିବାକୁ ଅନୁମତି ଦିଆଯାଇନଥିଲା।

# ମେଟ୍ରୋ ପ୍ରକଳ୍ପର ପୁନଃବିଚାର କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅପରାଜିତାଙ୍କ ଚିଠି

ଭୁବନେଶ୍ୱର,୧୦।୪(ନି.ପ୍ର.): ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ ପାଇଁ ପୁଣି ଥରେ ରାଜନୀତି ଆରମ୍ଭ ହୋଇଛି। ଏହି ପ୍ରକଳ୍ପ ଉପରେ ପୁନର୍ବିଚାର କରିବାକୁ ରାଜ୍ୟ ସରକାରଙ୍କ ନିକଟକୁ ଘନ ଘନ ଗୁହାରୀ ଆସୁଛି। ଏହି କ୍ରମରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ନାମ ମଧ ଯୋଡ଼ି ହୋଇଯାଇଛି। ସାଂସଦ ଷଡ଼ଙ୍ଗୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ମେଟ୍ରୋ ପ୍ରକଳ୍ପ ପାଇଁ କ୍ୟାବିନେଟରେ ନିଆଯାଇଥିବା ନିଷ୍ପତ୍ତି ଉପରେ ପୁନଃ ବିଚାର କରିବାକୁ ଅନୁରୋଧ କରିଛନ୍ତି।



ସାଂସଦ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଭୁବନେଶ୍ୱର ସହରରେ ଜନବସତି ବଢ଼ିବା ସହିତ ଲୋକଙ୍କ ପାଇଁ ଏକ ଆଧୁନିକା ପରିବହନ ବ୍ୟବସ୍ଥାର ଜରୁରୀ ଅଛି। ମେଟ୍ରୋ ଭୁବନେଶ୍ୱର ସହିତ କଟକ, ଖୋର୍ଦ୍ଧା ଓ ଜଟଣୀକୁ ସଂଯୋଗ କରିବ। ମେଟ୍ରୋ ବରିଷ୍ଠ ନାଗରିକଙ୍କଠାରୁ ଆରମ୍ଭ କରି ମହିଳା, ଶିଶୁ, ଛାତ୍ରଛାତ୍ରୀ, ଅଫିସ ଯାଉଥିବା କର୍ମଚାରୀଙ୍କ ପାଇଁ ଏକ ଭଲ ପରିବହନ ବ୍ୟବସ୍ଥା ଦେଇପାରିବ।

ଏଥିପାଇଁ ସେ ନିଜେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ଭାବେ ଚିଠି ଲେଖିବା ସହିତ ନିଜେ ମଧ ଗତ ୩୦ ନଭେମ୍ବର ୨୦୨୪ରେ ମେଟ୍ରୋ ରେଳ ପ୍ରକଳ୍ପ କାର୍ଯ୍ୟାଳୟ ପରିଦର୍ଶନ କରି ସମୀକ୍ଷା କରିଥିଲା। ଯାହାକି ତାଙ୍କୁ ବହୁତ ଆକୃଷ୍ଟ କରିଥିଲା। ଏହି ପ୍ରକଳ୍ପ ପର୍ଯ୍ୟଟକଙ୍କ ପାଇଁ ମଧ ବେଶ ଲାଭଦାୟକ ହେବ। କେବଳ ଜନସଂଖ୍ୟା ଓ ଆର୍ଥିକ କାରଣକୁ ନେଇ ଏହାକୁ ବନ୍ଦ କରିବା ଉଚିତ ହେବ ନାହିଁ ବୋଲି ସାଂସଦ କହିଛନ୍ତି।

ସାଂସଦ ଆହୁରି ଉଲ୍ଲେଖ କରିଛନ୍ତି ଯେ ସରକାର ଲାଭ ପାଇଁ ନୁହେଁ ବରଂ ବୃହତର ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି କିଛି ଉନ୍ନୟନମୂଳକ ପ୍ରକଳ୍ପ ହାତକୁ ନେଇଛନ୍ତି। ଭାରତର କୌଣସି ମେଟ୍ରୋ ତୁରନ୍ତ ଲାଭ ପାଇବାର ଆଶା ନେଇ କାର୍ଯ୍ୟକାରୀ କରାଯାଇ ନାହିଁ। ଏଗୁଡ଼ିକୁ ସମ୍ପୃକ୍ତ ରାଜ୍ୟ ସରକାର ସବସିଡି ଦିଅନ୍ତି।

ତେଣୁ ସାଂସଦ କହିଛନ୍ତି ଭୁବନେଶ୍ୱରରେ ମେଟ୍ରୋ ରେଳ ପ୍ରକଳ୍ପ ପାଇଁ ଜନସାଧାରଣଙ୍କ ସମର୍ଥନ ସ୍ପଷ୍ଟ ଭାବରେ ଦେଖାଯାଉଛି। ଜନସାଧାରଣଙ୍କ ଇଚ୍ଛା ଏବଂ ଚାହିଦାକୁ ଅଣଦେଖା କଲେ, ଜନସାଧାରଣଙ୍କ ଆଶା ଏବଂ ବିକାଶ ପ୍ରତିଶ୍ରୁତି ଉପରେ ଥିବା ବିଶ୍ୱାସକୁ ଦୁର୍ବଳ କରିବାର ଆଶଙ୍କା ରହିଛି। ତେଣୁ ୪ ଏପ୍ରିଲ, ୨୦୨୬ରେ ନିଆଯାଇଥିବା ରାଜ୍ୟ କ୍ୟାବିନେଟ ନିଷ୍ପତ୍ତିକୁ ପୁନର୍ବିଚାର କରିବାକୁ ସେ ଅନୁରୋଧ କରିଛନ୍ତି। ସେହିପରି କେନ୍ଦ୍ରୀୟ ସ୍ତରରେ ସମ୍ପୃକ୍ତ ବିଭାଗଗୁଡ଼ିକ ସହିତ ଯୋଗାଯୋଗକୁ ସୁଗମ କରିବା, ଅନୁମୋଦନ ପାଇବା ଏବଂ ଅତ୍ୟନ୍ତ ଆବଶ୍ୟକୀୟ ମେଟ୍ରୋ ରେଳ ପ୍ରକଳ୍ପକୁ ଆଗକୁ ବଢାଇବା ପାଇଁ କେନ୍ଦ୍ରରୁ ପାଣ୍ଠି ପାଇଁ ଯେକୌଣସି ସହାୟତା କରିବାକୁ ସେ ପ୍ରସ୍ତୁତ ଅଛନ୍ତି।

## ଡାହୁକ



ନିର୍ବାଚନ ହେବା ଆଗରୁ ଫାଇଟି
ନିର୍ବାଚନ ପରେ ଫାଇଟି
ଆଙ୍କୁ ନେଇ ଯେତେ ସପନ ଦେଖିଲେ
ସାକାର ହୋଇବ କୋଉଠି
ଯେତେବି ପ୍ରୟାସ କରିଲେ ରାହୁଲ
ଆଶା କରି ଭଲ ଫଳକୁ
କଂଗ୍ରେସ ନେତାଙ୍କ ରଙ୍ଗ ଢଙ୍ଗ ଯାହା
କାମ ଦେବ ନେଇଁ ବେଳକୁ।
-ବିଧୁ

# ଗ୍ରୀଷ୍ମ ଛୁଟି ପୂର୍ବରୁ ମିଳିବ ବିଦ୍ୟାଳୟ ୟୁନିଫର୍ମ

ଭୁବନେଶ୍ୱର,୧୦।୪(ନି.ପ୍ର.): ଗ୍ରୀଷ୍ମ ଛୁଟି ପୂର୍ବରୁ ସମସ୍ତ ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ କରାଯିବ। ଏ ନେଇ ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି।

ପୋଷାକ ବଣ୍ଟନ ପାଇଁ ମାର୍ଗଦର୍ଶିକା ପ୍ରସ୍ତୁତ ହୋଇସାରିଛି। ଏପ୍ରିଲ ୧୦ ତାରିଖ ସୁଦ୍ଧା ଶ୍ରେଣୀ ଅନୁଯାୟୀ ଆକଳନ କରାଯିବ। ଏପ୍ରିଲ ୧୨ ତାରିଖରେ ସମସ୍ତ ଏଜେନ୍ସି ମାନଙ୍କୁ ପୋଷାକ ତିଆରି ପାଇଁ କାର୍ଯ୍ୟାଦେଶ ହେବ। ତାହା ପାଇଁ ସମସ୍ତ ବିଭାଗକୁ ଏସଓପି ଜାରି ହୋଇ ସାରିଛି। ଏପ୍ରିଲ ୨୩, ଗ୍ରୀଷ୍ମ ଛୁଟି ପୂର୍ବରୁ ସମସ୍ତ ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ କରାଯିବ ବୋଲି କହିଛନ୍ତି ଗଣଶିକ୍ଷା ମନ୍ତ୍ରୀ।

ତେବେ ଗତ ବର୍ଷ ଯେଉଁ ଏଜେନ୍ସିମାନେ କାମ ନେଇଥିଲେ ସେହିମାନେ ହିଁ ଚଳିତ ବର୍ଷ ପୁଣି କାର୍ଯ୍ୟ ନେବେ। ଯେଉଁମାନଙ୍କ ନାଁରେ କିଛି ଅଭିଯୋଗ ରହିଥିବେ ସେମାନଙ୍କୁ ଆଉ ପୁନର୍ବାର ପୋଷାକ ବଣ୍ଟନ ପାଇଁ ଅନୁମତି ଦିଆଯିବ ନାହିଁ। ଉକ୍ତ ସଂସ୍ଥାକୁ କାର୍ଯ୍ୟରୁ ବାଦ ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

# ଆସିବ ୫୦୦ କୋଟିର ନିବେଶ, ମିଳିବ ୧୫୦୦ ନିଯୁକ୍ତି

ଭୁବନେଶ୍ୱର,୧୦।୪(ନି.ପ୍ର.): ରାଜ୍ୟର ଶିଳ୍ପ ବିକାଶ ତଥା ନିଯୁକ୍ତି ସୃଷ୍ଟି କ୍ଷେତ୍ରରେ ଏକ ବଡ଼ ପଦକ୍ଷେପ। ଭାରତର ବୃହତ୍ତମ ଆଲୁମିନିୟମ୍ ଉତ୍ପାଦନକାରୀ ସଂସ୍ଥା 'ବେଦାନ୍ତ ଆଲୁମିନିୟମ୍' ଝାରସୁଗୁଡ଼ାରେ ନିଜର ଆଗାମୀ ଆଲୁମିନିୟମ୍ ପାର୍କ ପାଇଁ ଦୁଇଟି ପ୍ରମୁଖ ଆନୁଷଙ୍ଗିକ (ଡାଉନଷ୍ଟ୍ରିମ୍) ଶିଳ୍ପସଂସ୍ଥା ସହ ବୁଝାମଣାପତ୍ର (ଗକ୍ଟଟ) ସ୍ୱାକ୍ଷର କରିଛି। ଏହି ବୁଝାମଣା ଅନୁଯାୟୀ, ସିଂଘଲ୍ ଷ୍ଟିଲ୍ ଏଣ୍ଡ୍ ପାୱାର ଲିଃ (ସିଂଘଲ୍ ଗ୍ରୁପ୍) ଏବଂ ସ୍କଟ୍-ଏଲ୍ ମେଟକନ ପ୍ରା. ଲିଃ (ସ୍କଟିସ୍ କେମିକାଲ ଓ ୟୁଏଏଲ୍ ଇଣ୍ଡଷ୍ଟ୍ରିଜ) ଝାରସୁଗୁଡ଼ାଠାରେ ସେମାନଙ୍କର କାରଖାନା ସ୍ଥାପନ କରିବେ। ଏହି ବୁଝାମଣାପତ୍ର ସ୍ୱାକ୍ଷର ସମାରୋହ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଶ୍ରୀ ସଂପଦ ଚନ୍ଦ୍ର ସ୍ୱାଇଁ ଏବଂ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଶିଳ୍ପ ସଚିବ ଶ୍ରୀ ହେମନ୍ତ ଶର୍ମା ଉପସ୍ଥିତ ଥିଲେ।

MANTHAN
ମନ୍ଥନ
www.odishamanthan.com | RNI No. ORIORI/2010/33031
ଏକ ନିର୍ଭିକ ନିରପେକ୍ଷ ଦୈନିକ ସମ୍ବାଦପତ୍ର
୩୧ତମ ପ୍ରତିଷ୍ଠା ଉତ୍ସବ
ତାରିଖ : ୧୪ ଏପ୍ରିଲ ୨୦୨୬, ସ୍ଥାନ : ଗୀତଗୋବିନ୍ଦ ସଦନ, ଭୁବନେଶ୍ୱର
ସମୟ : ସକାଳ ୧୦ ଘଟିକା
ମହାଶୟ/ ମହାଶୟା
'ମନ୍ଥନ'ର ୩୧ତମ ପ୍ରତିଷ୍ଠା ଉତ୍ସବରେ ଆମେ ଆପଣଙ୍କର ସଦୟ ଉପସ୍ଥିତି କାମନା କରୁଛୁ।
: ଉଦ୍‌ଘାଟକ :
ଶ୍ରୀଯୁକ୍ତ ସଞ୍ଜିବ ଚନ୍ଦ୍ର ହୋତା (ଭା.ପ୍ର.ସେ)
ଅବସର ପ୍ରାପ୍ତ ବରିଷ୍ଠ ପ୍ରଶାସକ
: ଆଲୋଚନା ଚକ୍ର :
ଓଡ଼ିଶା ୨୦୩୭ : ବିକାଶର ସ୍ୱପ୍ନ ଓ ବାସ୍ତବତା
ସମ୍ମାନୀୟ ଆଲୋଚକ ବୃନ୍ଦ
ଶ୍ରୀଯୁକ୍ତ ସଜନ ଶର୍ମା, ମୁଖପାତ୍ର, ଭାରତୀୟ ଜନତା ପାର୍ଟି
ଶ୍ରୀଯୁକ୍ତ ରବି ଦାସ, ବରିଷ୍ଠ ସାମ୍ବାଦିକ
ଶ୍ରୀଯୁକ୍ତ ସୁଦର୍ଶନ ଦାସ, ବରିଷ୍ଠ ରାଜନେତା ଓ ସମାଜସେବୀ
ଶ୍ରୀଯୁକ୍ତ ସରୋଜ କୁମାର ସାମଲ, ଅବସର ପ୍ରାପ୍ତ ପ୍ରଶାସକ
ସଂଯୋଜକ : ଅଧ୍ୟାପକ ବିଶ୍ୱରଞ୍ଜନ
ମନ୍ଥନ ସମ୍ମାନ ବିତରଣ ଉତ୍ସବ
ମୁଖ୍ୟ ଅତିଥି
ଶ୍ରୀମତୀ ସୁଲୋଚନା ଦାସ, ମାନ୍ୟବର ମେୟର
ଭୁବନେଶ୍ୱର ମହାନଗର ନିଗମ
ସମ୍ମାନିତ ଅତିଥି
ଶ୍ରୀଯୁକ୍ତ ସୁରେଶ କୁମାର ରାଉତରାୟ, ପୂର୍ବତନ ମନ୍ତ୍ରୀ
ସଭାପତିତ୍ୱ କରିବେ
ଶ୍ରୀଯୁକ୍ତ ଶରତ ରାଉତ, ସଂପାଦକ, 'ମନ୍ଥନ'
ନିବେଦକ : ସୀତେଶ କୁମାର ରାଉତ, ପ୍ରକାଶକ, ମନ୍ଥନ

# ଆଞ୍ଚଳିକ ମନ୍ଥନ

ଶନିବାର,୧୧,ଏପ୍ରିଲ,୨୦୨୬ Saturday,11 April 2026, Bhubaneswar





## କୁଜଙ୍ଗ ମହୋତ୍ସବ ୨୦୨୬ ଉଦଘାଟିତ କୁଜଙ୍ଗ ଗାରିମା ବହନ କରୁଛି କୁଜଙ୍ଗ ମହୋତ୍ସବ

ପାରାଦୀପ/କୁଜଙ୍ଗ,୧୦।୪:(ମନ୍ଥନ)ରଙ୍ଗାରଙ୍ଗ ବର୍ଣାଢ୍ୟ ସନ୍ଧ୍ୟା ରେ ଉଦଘାଟିତ ହୋଇଯାଇଛି କୁଜଙ୍ଗ ମହୋତ୍ସବ ୨୦୨୬। ଐତିହାସିକ କୁଜଙ୍ଗ ମାଟିର ଗୌରବମୟ ଐତିହ୍ୟ ପରମ୍ପରା, ସଂସ୍କୃତି,କଳା,ସାହିତ୍ୟ କୁ ଉଜ୍ଜୀବିତ କରିବା ସହିତ କୁଜଙ୍ଗ ଗାନ୍ଧୀ ନାରାୟଣ ବୀରବର ସାମନ୍ତ ଙ୍କ କୁଜଙ୍ଗ ମାଟି ପ୍ରତି ରହିଥିବା ଅବଦାନ ର ସ୍ମୃତି କୁ ସମ୍ମାନ ଜଣାଇ ଉଦଘାଟିତ ହୋଇଯାଇଛି କୁଜଙ୍ଗ ମହୋତ୍ସବ । କୁଜଙ୍ଗ ମାଟି ଧାନ, ପାନ ଓ ମୀନ କୁ ନେଇ ଗର୍ବ କରିବା ସହିତ ବ୍ରିଟିଶ ଶାସନ ର ଅତ୍ୟାଚର ବିରୁଦ୍ଧରେ ଲବଣ ସତ୍ୟାଗ୍ରହ ହେଉ କିମ୍ବା ଅସହଯୋଗ ଭୁଦାନ ଆନ୍ଦୋଳନ ରେ କୁଜଙ୍ଗ ମାଟି ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ଯାହା କୁଜଙ୍ଗ ର ଐତିହାସିକ ଗାରିମା ବହନ କରୁଥିବା ନେଇ ଉଦଘାଟନ ଉତ୍ସବ ରେ କହିଛନ୍ତି ଜଗତସିଂହପୁର ସାଂସଦ ବିଭୂପ୍ରସାଦ ତରାଇ ଓ ଶିକ୍ଷମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ।ସେହିଭଳି ମହାପ୍ରଭୁ ଶ୍ରୀଜଗନ୍ନାଥ ଙ୍କ ବିଗ୍ରହ କୁ ହଜାର ହଜାର ମାଇଲ ଦୂରରୁ ମୃଦଙ୍ଗ ଭିତରେ ଲୁଚାଇ ଗଡ଼କୁଜଙ୍ଗ ସୁଭଦ୍ରା କ୍ଷେତ୍ରରେ ମହାପ୍ରଭୁ ଙ୍କ ପରମଭକ୍ତ ବିସର ମାହାନ୍ତି ଙ୍କ ଭକ୍ତି ର ଗାଥା ଆଜି ବହନ କରୁଛି କୁଜଙ୍ଗ ମାଟି । ଆଜି ଡବଲ ଇଞ୍ଜିନ ସରକାର ଓଡ଼ିଶାରେ ଗରିବ କଲ୍ୟାଣ ଠାରୁ ସୁଭଦ୍ରା ଯୋଜନା, ଶିକ୍ଷା, ସ୍ୱାସ୍ଥ୍ୟ




ଠାରୁ ମହିଳା ସଶକ୍ତିକରଣ କ୍ଷେତ୍ରରେ ବିଭିନ୍ନ ଯୋଜନା ମାନ କାର୍ଯ୍ୟକାରୀ କରୁଥିବା ବେଳେ ପାରାଦୀପ ଆଜି ଓଡିଶାର ବିକାଶ ଧାରାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଆଗାମୀ ଦିନରେ ପାରାଦୀପ କୁ ଅନେକ ବୃହତ ଶିଳ୍ପ ଆସୁଥିବା ବେଳେ ରୋଜଗାର ସହିତ ନିଯୁକ୍ତି କ୍ଷେତ୍ରରେ ପାରାଦୀପ ପାଲଟିବ ଉଦାହରଣ । ସେହିଭଳି ଗ୍ରାମାଞ୍ଚଳ ର ସର୍ବାଙ୍ଗୀନ ବିକାଶ ସହିତ ପିଏମ୍ ଆବାସ ଯୋଜନା, ସଡ଼କ ନିର୍ମାଣ, ଗମନାଗମନ, ପାନୀୟ ଜଳ ଯୋଗାଣ, ପରିମଳ ବ୍ୟବସ୍ଥା ଆଦି ଯୋଜନାର ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟ ଅବଧି ମଧ୍ୟରେ କିଭଳି ସମ୍ପୂର୍ଣ୍ଣ କରାଯାଇପାରିବ ଏବଂ ଜନସାଧାରଣ କିପରି ଏହାର ସୁବିଧା ପାଇବେ ଏ ନେଇ କାର୍ଯ୍ୟ କରାଯିବ ବୋଲି କହିଛନ୍ତି ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ ।

## ବୀଣାପାଣି ଶିଶୁ ବିଦ୍ୟାମନ୍ଦିରର ୩୬ ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ

ଖୋରଧା,୧୦।୪:(ମନ୍ଥନ)ଖୋରଧା ଗାନ୍ଧୀ ପଡ଼ିଆସ୍ଥିତ ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ବୀଣାପାଣି ଶିଶୁ ବିଦ୍ୟା ମନ୍ଦିରର ୩୬ ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ-୨୦୨୬ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାବିତ ତଥା ବିଦ୍ୟାଳୟ ପରିଚାଳନା କମିଟି ର ସଦସ୍ୟ ବିରଞ୍ଚି କୁମାର ସାହୁ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ସଭା ରେ ମୁଖ୍ୟ ଅତିଥି ଭାବରେ ଖୋରଧା ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଜଗଦେବ, ମୁଖ୍ୟ ବକ୍ତା ଭାବେ ସୁରେଶ ଚନ୍ଦ୍ର ବିଶ୍ୱାଳ,ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ରୂପଶ୍ରୀ ରାଣୀ ଗୁମାନସିଂହ, ପୌରପରିଷଦ ର ଅଧ୍ୟକ୍ଷା କନକ ଲକ୍ଷ୍ମୀ ମହାନ୍ତି,୫ ନଂ ୱାର୍ଡ ର କାଉନସିଲର ଅମୀୟ ମହାନ୍ତି, ବିଦ୍ୟାଳୟ ପରିଚାଳନା କମିଟିର ସଂପାଦକ ଜ୍ୟୋତ୍ସ୍ନାମୟି ପ୍ରଧାନ,ପ୍ରଧାନ ଶିକ୍ଷକ ରେଣୁକା ମହାନ୍ତି, ପ୍ରଶାନ୍ତ ଚନ୍ଦ୍ର ସୁନ୍ଦରରାୟ ପ୍ରମୁଖ ଯୋଗଦେଇ ତାଙ୍କ ବକ୍ତବ୍ୟ ରେ,ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ତମ ଚରିତ୍ର ଗଠନ ପାଇଁ ବିଦ୍ୟାଳୟ ହେଉଛି ଏକ ପ୍ରମୁଖ ମାଧ୍ୟମ । ଏହି ବାର୍ଷିକ ଉତ୍ସବ ସମସ୍ତଙ୍କ ପାଇଁ ଏକ ଖୁସିର ଦିନ । ଏହା ଆମର ସାଂସ୍କୃତିକ ପ୍ରତିଭା କୁ ପ୍ରଦର୍ଶନ କରିବା ର ଏକ ମଞ୍ଚ । ବିଦ୍ୟାଳୟ ରେ କେବଳ ପାଠ ପଢାଯାଏ ନାହିଁ ବରଂ ଅନୁଶାସନ, ସତ୍ୟ ଏବଂ ଭଲ ମଣିଷ ହେବା ର ଶିକ୍ଷା ଦେଇଥାଏ ବୋଲି କହିଥିଲେ । ମୁଖ୍ୟବକ୍ତା ସୁରେଶ ଚନ୍ଦ୍ର ବିଶ୍ୱାଳ ତାଙ୍କ ବକ୍ତବ୍ୟ ରେ, କହିଥିଲେ ବାର୍ଷିକ ଉତ୍ସବ କେବଳ ପୁରସ୍କାର ବିତରଣ ର ଦିନ ନୁହେଁ,ଏହା ବର୍ଷ ସାରାର କଠିନ ପରିଶ୍ରମ, ସୃଜଶୀଳତା ଏବଂ ଏକତାକୁ ପାଳନ କରିବାର ଦିନ ।ଏହି ବିଦ୍ୟାଳୟ ଛାତ୍ର ଛାତ୍ରୀ ମାନଙ୍କୁ ପାଠ ପଢା ବ୍ୟତୀତ ନୃତ୍ୟ, ଗୀତ, ବକ୍ତୃତା କଳାରେ ନିଜର ପ୍ରତିଭା ଦେଖାଇବାର ସୁଯୋଗ ଦେଇଥାଏ । ଶିକ୍ଷକ ଶିକ୍ଷୟତ୍ରୀ ମାନେ କେବଳ ପାଠ ପଢ଼ାନ୍ତି ନାହିଁ ବରଂ ଜୀବନ ର ସଠିକ ମାର୍ଗ ଦେଖାଇଥାନ୍ତି। ମୁଖ୍ୟ ଅତିଥି ଶ୍ରୀଯୁକ୍ତ ଜଗଦେବ ତାଙ୍କ ବକ୍ତବ୍ୟ ରେ କହିଥିଲେ, ଏହି ବିଦ୍ୟାଳୟ ର ବାର୍ଷିକ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଁ ଅତ୍ୟନ୍ତ ଆନନ୍ଦିତ । ଛୋଟ,ଛୋଟ ପିଲାଙ୍କ ମଞ୍ଚ ରେ ଉପସ୍ଥାପନ, ନୃତ୍ୟ, ଗୀତ ଏବଂ ପ୍ରତିଭା ଦେଖି ମୁଁ ମୁଗ୍ଧ । ଆଜି ହେଉଛି ପିଲାଙ୍କର ଆତ୍ମ ବିଶ୍ୱାସ ଏବଂ ସୃଜନଶୀଳତା କୁ ଉତ୍ସାହିତ କରିବା ର ଦିନ । ମୋର ପ୍ରିୟ ଛାତ୍ର ଛାତ୍ରୀ ମାନେ ତୁମେ ମାନେ ହେଉଛ ଦେଶର ଭବିଷ୍ୟତ । ପାଠ ପଢା ସହିତ ଖେଳକୁଦ, କଳା ଓ ସଂସ୍କତିରେ ମଧ ତୁମେ ମାନେ ଆଗକୁ ବଢ଼ । କଠିନ ପରିଶ୍ରମ ଓ ଅନୁଶାସନ ହିଁ ସଫଳତାର ଚାବି କାଠି । ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ମୁଁ ସାଧୁବାଦ ଜଣାଉଛି ଯେଉଁ ମାନେ ପିଲାଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରୁଛନ୍ତି ଏବଂ ଅଭିଭାବକ ମାନଙ୍କୁ ସାଧୁବାଦ ଯେଉଁମାନେ ପିଲାଙ୍କ ସ୍ୱପ୍ନ କୁ ସାକାର କରିବାରେ ସାହାଯ୍ୟ କରୁଛନ୍ତି । ଆମେ ସମସ୍ତେ ମିଶି ଏହି ବିଦ୍ୟାଳୟ ର ନାମକୁ ଉଜ୍ଜ୍ୱଳ କରିବା । ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ରେଣୁକା ମହାନ୍ତି ବିଦ୍ୟାଳୟ ର ବାର୍ଷିକ ବିବରଣୀ ପାଠ କରିଥିଲେ । ବିଭିନ୍ନ କ୍ଷେତ୍ର ରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ । ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଚିତାକର୍ଷକ ନୃତ୍ୟ ପରିବେଷଣ କରଯାଇଥିଲା ।

## ବିଶିଷ୍ଟ ଜନନାୟକ ଯଦୁମଣି ମଙ୍ଗରାଜଙ୍କ ପ୍ରତିମୂର୍ତ୍ତି ପୁନଃସ୍ଥାପନ ଦାବି

କେନ୍ଦ୍ରାପଡ଼ା,୧୦।୪:(ମନ୍ଥନ)ମହାନ୍ ସ୍ୱାଧୀନତା ସଂଗ୍ରାମୀ ତଥା ପ୍ରାକ୍ତନ ଉପବାଚସ୍ପତି ଯଦୁମଣି ମଙ୍ଗରାଜଙ୍କ ଏକ ବ୍ରୋଞ୍ଜ ପ୍ରତିମୂର୍ତ୍ତି କେନ୍ଦ୍ରାପଡ଼ା ସହରର ତିନିମୁହାଣୀ ଛକରେ କେନ୍ଦ୍ରାପଡ଼ା ପୌରପରିଷଦ ପକ୍ଷରୁ ନିର୍ମାଣ କରାଯାଇ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟନାୟକ, ପ୍ରାକ୍ତନମନ୍ତ୍ରୀ କାହ୍ନୁଚରଣ ଲେଙ୍କା, ପ୍ରାକ୍ତନ ସାଂସଦ ଜୟନ୍ତୀ ପଟନାୟକଙ୍କ ଦ୍ୱାରା ୧୯୮୭ ମସିହାରେ ଉନ୍ମୋଚିତ କରାଯାଇଥିଲା। ସେହିଦିନ ଠାରୁ ଜିଲ୍ଲା କ୍ଷତ୍ରିୟ ଖଣ୍ଡାୟତ ମହାସଂଘ ଓ ସହରର ବୁଦ୍ଧିଜିବୀ, ରାଜନୈତିକ ବ୍ୟକ୍ତିବିଶେଷ, ବିଭିନ୍ନ ସାମାଜିକ ସଂଗଠନ ପ୍ରତିବର୍ଷ ତାଙ୍କର ଜୟନ୍ତୀ ଓ ଶ୍ରାଦ୍ଧଦିବସକୁ ପାଳନ କରିଆସୁଥିଲେ। କିନ୍ତୁ ଦୁଃଖ ଓ ପରିତାପର ବିଷୟ ତିନିମୁହାଣୀ ଛକର ପ୍ରଶସ୍ତି କରଣ ପାଇଁ ସ୍ୱର୍ଗତ ମଙ୍ଗରାଜଙ୍କ ପ୍ରତିମୂର୍ତ୍ତିକୁ ରାସ୍ତା ପ୍ରସସ୍ତିକରଣ କରିବା ବାହାନାରେ ଅତ୍ୟନ୍ତ କଦର୍ଯ୍ୟ ଭାବରେ ଏକ ଅଖା ବସ୍ତାରେ ଭର୍ତ୍ତିକରି ପରିତ୍ୟକ୍ତ ସ୍ଥାନରେ ଫୋପାଡି ଦିଆଯାଇଅଛି। ଏ ସଂପର୍କରେ ଖବର ହସ୍ତଗତ ହେବାପରେ ଜିଲ୍ଲାର ବୁଦ୍ଧିଜିବି, ମାନ୍ୟଗନ୍ୟ ବ୍ୟକ୍ତି, ବିଭିନ୍ନ ସାମାଜିକ ସଂଗଠନର କର୍ମକର୍ତ୍ତା ବିଶେଷ ଉଦବେଗ ପ୍ରକାଶ କରିବା ସହିତ ଏହି କାର୍ଯ୍ୟ ର ଘୋର ନିନ୍ଦା କରିଥିଲେ।

## ମା ବାରୁଣେଇ ପୀଠରେ ସ୍ୱଚ୍ଛତା ଅଭିଯାନ

ଖୋର୍ଦ୍ଧା,୧୦।୪:(ମନ୍ଥନ)ଓଡ଼ିଆ। ପକ୍ଷ ୨୦୨୬ ଅବସରରେ ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଏନଏସଏସ୍ ୟୁନିଟ୍ ପକ୍ଷରୁ ମା ବାରୁଣେଇ ପୀଠରେ ସ୍ୱଚ୍ଛତା ଅଭିଯାନ ଶିବିର ଆୟୋଜନ କରାଗଲା । କାର୍ଯ୍ୟକ୍ରମଟି ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼. ପୂର୍ଣ୍ଣିମା ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା । ଏହି ଅବସରରେ ମହାବିଦ୍ୟାଳୟର ସିନିୟର ପ୍ରଶାସନିକ ଅଧିକାରୀ ଶ୍ରୀ ପ୍ରମୋଦ କୁମାର ସାମଲ, ବରିଷ୍ଠ ଆକାଉଣ୍ଟସ୍ କୁ ବର୍ସାର ଡକ୍ଟର ଅନିଲ କୁମାର ରାଏ ଏବଂ ଅଧ୍ୟାପକ ଶ୍ରୀ ସୁବୋଧ ଜଗଦେବ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେବା ସହିତ ଛାତ୍ରଛାତ୍ରୀମାନଙ୍କୁ ସ୍ୱଚ୍ଛତାର ଉପାଦାୟତା ସମ୍ପର୍କରେ ଅବଗତ କରାଇ ଉତ୍ସାହିତ କରାଇଥିଲେ । କାଯ୍ୟକର୍ମରେ ମହାବିଦ୍ୟାଳୟ ଏନଏସଏସ୍ , ଯୁବ ରେଡ କ୍ରସ , ରୋଭର୍ଷ - ରେଞ୍ଜର ଏବଂ ଏନ ସି ସି ପକ୍ଷରୁ ୬୦ ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ମାନେ ଯୋଗଦେଇ କାଯ୍ୟକର୍ମକୁ ସାଫଲ୍ୟ କରାଇଥିଲେ । ଏନଏସଏସ୍ ପ୍ରୋଗ୍ରାମ୍ ଅଫିସର ଅଧ୍ୟାପକ ଟି. ଅକ୍ଷୟ କୁମାର ଏବଂ ରୋଭର୍ଷ - ରେଞ୍ଜର ଅଧିକାରିଣୀ ଶ୍ରୀମତୀ. ତରୁଲତା ମଲ୍ଲିକ କାର୍ଯ୍ୟକ୍ରମକୁ ସଫଳତାର ସହିତ ଆୟୋଜନ କରିଥିଲେ ।

## ବାବା ବଳିଆଙ୍କ ରାଜ୍ୟସ୍ତରୀୟ ଜନ୍ମୋତ୍ସବ ମହାସମାରୋହରେ ପାଳିତ

ଜଗତସିଂହପୁର,୧୦।୪:(ମନ୍ଥନ)ରାହାମାର କଲେଜ ପଡିଆରେ ପୂଜ୍ୟ ପୂଜକ ପଦ୍ମଶ୍ରୀ ବାବା ବଳିଆଙ୍କ ରାଜ୍ୟସ୍ତରୀୟ ଜନ୍ମୋତ୍ସବ ବୁଧବାର ଦିନ ମହାସମାରୋହରେ ପାଳିତ ହୋଇଯାଇଛି । ପ୍ରାତଃ ରେ ରାହାମା ଜିତ ମଣ୍ଡପରେ ଗୁରୁପୂଜନ,ମହାପ୍ରସାଦ ସେବନ, ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଫଳ ବଣ୍ଟନ,ନଗର ସଫେଇ , ଛାତ୍ରଛାତ୍ରୀଙ୍କୁ ଖାତା କଲମ ବଣ୍ଟନ , ବୃକ୍ଷ ବଣ୍ଟନ , ଇଷ୍ଟ ପୂଜନ, ସନ୍ଥ ପୂଜନ , ପତିହରା ମାତୃ ପୂଜନ, ୧୦୦୮ ଦୀପ ଦାନ, ଶଙ୍ଖ ଓ ଘଣ୍ଟ ବାଦନ ,ଏକ ସହ ଆଠ କୀର୍ତ୍ତନ ମଣ୍ଡଳୀ ସମାବେଶ ପ୍ରଭୃତି ଆୟୋଜନ କରାଯାଇଥିଲା । ଶିଶୁ ଅନନ୍ତ ଆଶ୍ରମ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ଆଶ୍ରମର ମୁଖ୍ୟ ଟ୍ରଷ୍ଟି ଶ୍ରୀବାସ ଦାସ , ବାବାଜୀ ପରମାତ୍ମା ଦାସ , ବାବାଜୀ ପ୍ରଣବନାଦନ ଦାସ , ଜ୍ୟୋର୍ତିବିଦ ଡ଼ଃ ଅରୁଣ କୁମାର ପାଣି, ବଜାର କମିଟି ସଭାପତି ଶିଶିର କୁମାର ଦାସ, ବଂଶୀଧର କୁଣ୍ଡୁ , ପ୍ରଶାନ୍ତ କୁମାର ସାହୁ, ସରୋଜ କୁମାର ଦାସ, ପ୍ରଦ୍ୟୁମ୍ନ ଦାସ , ଜଗନ୍ନାଥ ସୁତାର, ଅଜୟ କୁମାର ସାହୁ, ଅକ୍ଷୟ କୁମାର ସାହୁ,ଡ଼ଃ ସୁନାକର ବେହେରା ,ଅଧିକାରୀ ରମାକାନ୍ତ ଦାସ, ବଳରାମ ଦାସ ,ରାମାୟଣୀ ପଣ୍ଡିତ ଅଭୟ ଦାସ, ମର୍ଦରାଜ ସ୍ୱାଇଁ , ମାନସ



ମହାପାତ୍ର , ମାନସ ରାଉତ ,ଗଗନ ବିହାରୀ ଦାସ , କାହ୍ନୁ ଚରଣ ସାହୁ , ସାଗର ମହାରଣା,ସାରଦା ମଲ୍ଲ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଓଡିଶାର ବାୟା ସମ୍ପ୍ରଦାୟର ସାଧୁ ସନ୍ଥ ମାନେ ମଞ୍ଚରେ ଯୋଗଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏରସମା ବିଧାୟକ ସାରଦା ଜେନା ,ଯୋଗ ଗୁରୁ ତାପସ ରଞ୍ଜନ ପତି ,ଏରସମା ବ୍ଲକ ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର , କୃଷକ ନେତା ତପନ ବେହେରା , ପରିବେଶବିତ ଉକ୍ରଳ କେଶରୀ ମହାନ୍ତି , କବୟିତ୍ରୀ ଡ଼ଃ ବସନ୍ତ ମଞ୍ଜରୀ ଦାସ , କୈବର୍ତ୍ତ ମହାସଂଘ ସଭାପତି ପ୍ରହ୍ଲାଦ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦାନ କରିଥିଲେ । ରାଜ୍ୟ ର ବିଭିନ୍ନ ସଙ୍ଘ ତରଫରୁ ବାବାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ରାହାମା ଅଞ୍ଚଳରୁ ୭୨ ଜଣ ପୂଜ୍ୟ ବାବାଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

## ଶ୍ରୀବିରଜା ସେବା ସମିତିର ସ୍ୱତନ୍ତ୍ର ବୈଠକ

ଯାଜପୁର,୧୦।୪:(ମନ୍ଥନ)ଶ୍ରୀବିରଜା ସେବୋ ସମିତିର ସ୍ୱତନ୍ତ୍ର ବୈଠକ ସଭାପତି ବିଶ୍ୱମ୍ଭର ମିଶ୍ରଙ୍କ ଅଧ୍ୟକ୍ଷତାରେ ମା'ବିରଜାଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ମା'ଙ୍କ ସ୍ତୋତ୍ର ପାଠକଲାପରେ ସଂପାଦକ କ୍ଷୀରୋଦଚନ୍ଦ୍ର ପାଠୀ ଗତ ବୈଠକର ବିବରଣୀ ପାଠ କରିଥିଲେ। ଗତ ୨୨.୦୨.୨୦୨୬ ରିଖ କିଛି ଆର୍ଥିକ ଅନଗ୍ରସର ବ୍ରାହ୍ମଣ ପିଲାଙ୍କର ବ୍ରତୋପନୟ ମନ୍ଦିର ପରିସରରେ ସମିତିଦ୍ୱାରା କରାଯାଇଥିଲା। ଏଥିପାଇଁ ସମିତିର ସଭ୍ୟମାନେ ଓ କିଛି ବଦାନ୍ୟବ୍ୟକ୍ତି ଆର୍ଥିକ ସହାଯ୍ୟ ଦେଇଥିବାରୁ ସମିତି ସେମାନଙ୍କୁ ଧନ୍ୟବାଦ ଜଣାଇଲେ। ସଭାପତି ପ୍ରମୋଦ କୁମାର ଦ୍ୱିବେଦୀ ଏଥିରେ ହୋଇଥିବା ଆୟବ୍ୟୟର ହିସାବ ଦେବାକୁ ସଂପାଦକଙ୍କୁ ଅନୁରୋଧ କରିଥିଲେ। ସଂପାଦକ ହିସାବ ଦେବାପରେ ବଳକା ଅର୍ଥ ଏସ୍.ବି.ଆଇ ବିରଜା ମନ୍ଦିର ଶାଖାରେ ଗଚ୍ଛିତ ହେବାକୁ ସଭା ନିଷ୍ପତ୍ତି ନେଲା। ବିରଜା ମନ୍ଦିର ପାଖରେ ଥିବା ଏସ୍.ବି.ଆଇ ଏ.ଟି.ଏମ୍/ଏସ୍.ବି.ଆଇ ଯାଜପୁର ଟାଉନ ମୁଖ୍ୟ ଶାଖା ତରଫରୁ ଉଠାଇନିଆଯିବା ପରେ ଆଖପାଖ ଅଞ୍ଚଳରେ ଲୋକମାନେ ବିଶେଷକରି ବାହାରୁ ଆସୁଥିବା ବିରଜା ଦର୍ଶନକାରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ସମିତିର ସଭ୍ୟମାନେ ଉପଲବ୍ଧି କଲେ। ଏଣୁ ସଭା ନିଷ୍ପତ୍ତି କଲା ଯେ ମନ୍ଦିର ନିକଟରେ ତୁରନ୍ତ ଏକ ଏସ୍.ବି.ଆଇ. ର ଏ.ଟି.ଏମ୍ ଖୋଲା ଯିବା ପାଇଁ ଏସ୍.ବି.ଆଇ ଯାଜପୁର ଟାଉନ ଶାଖା ମୁଖ୍ୟ ପରିଚାଳକ ଓ ଯାଜପୁର ଜିଲ୍ଲାପାଳଙ୍କୁ ଜଣାହେବ। ଏହାର ଦାୟିତ୍ୱ ସଭାପତି ଓ ସଭ୍ୟ ମିହିର ରଂଜନ ନାୟକ ଓ ସଂପାଦକଙ୍କୁ ଦିଆଗଲା। ସଭାରେ କୋଷାଧ୍ୟକ୍ଷ ହରିହର ବେହେରା, ସଭ୍ୟ ବ୍ରହ୍ମାନନ୍ଦ ସ୍ୱାଇଁ, କୃଷ୍ଣଚନ୍ଦ୍ର ମିଶ୍ର, ରାମକୃଷ୍ଣ ବେହୁରିଆ, ବିଷ୍ଣୁ ଚରଣ ଲେଙ୍କା, ଭରତ କୁମାର ସାହୁ, ନୃସିଂହ ଚରଣ ଜେନା, ସଂଜୟ କୁମାର ସାହୁ, ମଳୟ କୁମାର ପଣ୍ଡା, ସାମ୍ବାଦିକ ଦେବୀ ପ୍ରସାଦ ପାଣି, ବିରଜା ପ୍ରସାଦ ପାଣି ପ୍ରମୁଖ ଉପସ୍ଥିତ ରହି ସମସ୍ତ ବିଷୟ ଆଲୋଚନା କରିଥିଲେ। ସମସ୍ତ ପ୍ରସ୍ତାବ ସଭାର ସମସ୍ତ ସଭ୍ୟଙ୍କ ଦ୍ୱାରା ଗୃହୀତ ହୋଇଥିଲା। ପରବର୍ତ୍ତୀ ବୈଠକ ଚଳିତ ମାସ ୨୬ ତାରିଖ ରବିବାର ଅପରାହ୍ନ ୪.୩୦ ମିନିଟ୍ରେ ମନ୍ଦିର ପରିସରରେ ଅନୁଷ୍ଠିତ ହେବ। ଶେଷରେ ସଭ୍ୟ ଧନଞ୍ଜୟ କେଶରୀ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ଲାଟଫର୍ମରେ ମା'-ବାପାଙ୍କ କୋଳରୁ ୪ ମାସର ଶିଶୁପୁତ୍ରଙ୍କୁ ଉଠାଇ ନେଲେ ଦୁର୍ବୃତ୍ତ; ରେଳବାଇ ଥାନାରେ ମାମଲା

ଖୋର୍ଦ୍ଧା,୧୦।୪:(ମନ୍ଥନ)ଖୋର୍ଦ୍ଧା ରେଳ ଡିଭିଜନ ଅନ୍ତର୍ଗତ ନିରାକାରପୁର ରେଳ ଷ୍ଟେଶନ ପରିସରରୁ ଚୋରି ହୋଇଛି ୪ ମାସର ଶିଶୁପୁତ୍ର । ସ୍ୱାମୀ, ସ୍ତ୍ରୀ ଓ ଶିଶୁପୁତ୍ର ପ୍ଲାଟଫର୍ମରେ ବିଶ୍ରାମ ନେଉଥିବା ସମୟରେ ମା' କୋଳରୁ ଶିଶୁପୁତ୍ର ହୋଇଛି ଚୋରି, ଏନେଇ ନିରାକାରପୁର ରେଳବାଇ ପୋଲିସରେ ଅଭିଯୋଗୟସୂଚନାରୁ ଜଣାପଡିଛି, ନୟାଗଡ଼ ଜିଲା ରଣପୁର ଥାନା କଳାମାଟିଆ। ଗ୍ରାମର ପ୍ରଶାନ୍ତ ପ୍ରଧାନ ତାଙ୍କ ସ୍ତ୍ରୀ ଚିନୁଲତା ପରିଡା ଓ ତାଙ୍କର ୪ ମାସର ଶିଶୁପୁତ୍ର ଟ୍ରେନଯୋଗେ ତାମିଲନାଡୁ ଯିବାର ଥିଲା ସେମାନେ ପ୍ରଥମେ କାଲୁପଡାଘାଟ ଷ୍ଟେଶନରେ ପହଞ୍ଚିଥିଲେ ପରେ ସେଠାରୁ ଡିଏମୟୁ ଟ୍ରେନ ଯୋଗେ ନିରାକାରପୁର ଷ୍ଟେଶନ ଆସିଥିଲେ । ସକାଳ ହୋଇଥିଲେ ଟ୍ରେନ ଯୋଗେ ତାମିଲନାଡୁ ଯାଇଥାନ୍ତେ । ପ୍ରଶାନ୍ତ ସ୍ତ୍ରୀ ଚିନୁଲତା ଓ ତାର ଶିଶୁପୁତ୍ର ନିରାକାରପୁର ଷ୍ଟେସନର ୩ନମ୍ବର ପ୍ଲାଟଫର୍ମରେ ବିଶ୍ରାମ ନେଉଥିବାବେଳେ ଉଭୟ ପିତା ମାତାଙ୍କୁ ନିଦ ଆସି ଯାଇଥିଲା ସେହି ସୁଯୋଗରେ ମା' କୋଳରୁ ଶିଶୁପୁତ୍ରକୁ କୌଣସି ଦୁର୍ବୃତ୍ତ ଉଠାଇ ନେଇଯାଇଛନ୍ତି । ଉଭୟ ପିତା ମାତା ଅନେକ ଖୋଜାଖୋଜି କରିବା ପରେ ଶିଶୁ ପୁତ୍ରଙ୍କୁ ନ ପାଇ ନିରାକାରପୁର ଆରପିଏଫ ପୋଲିସର ସହାୟତା ମାଗିଥିଲେ । ହେଲେ ତାଙ୍କୁ ଆରପିଏଫ ପୋଲିସ କୌଣସି ସହଯୋଗ ନ କରି ଓଲଟା ଗାଳିଗୁଲଜ କରି ପ୍ଲାଟଫର୍ମରୁ ବାହାରି ଯିବାକୁ ଧମକ ଦେଇଥିଲେ । ପରେ ସେମାନେ ବିଳମ୍ବିତ ରାତିରେ ନିରାକାରପୁର ଥାନାରେ ପହଞ୍ଚିଥିଲେ । ସେମାନେ ସୂଚନା ଦେଲେ ନିରାକାରପୁର ରେଳବାଇ ଥାନା ଅଞ୍ଚଳରେ ଘଟଣା ଘଟିଛି । ସେଠାରେ ଅଭିଯୋଗ କର ସେମାନେ ମଧ ଶୁଣି ନ ଥିଲେ ସେମାନେ ସେଠାରୁ ନିରାଶ ହୋଇ ଫେରିଲେ । ରାତିସାରା ନିରାକାରପୁର ଥାନାକୁ ନିରାକାରପୁର ରେଳବାଇ ସୁରକ୍ଷାବଳଙ୍କ ପାଖକୁ ଦୌଡ଼ିଦୌଡ଼ି ସକାଳ ହୋଇଥିଲା,ସକାଳ ସ୍ଥାନୀୟ ଅଞ୍ଚଳରେ ଘଟଣା ପ୍ରଘଟ ହେଲାୟ ପରେ ସ୍ଥାନୀୟ ଲୋକଙ୍କ ଚାପରେ ରେଳବାଇ ଜିଆରପି ପୋଲିସରେ ଉଭୟ ଦମ୍ପତି ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ଆଧାରରେ ରେଳବାଇ ଜିଆରପି ପୋଲିସ ଅଭିଯୋଗ ରଖି ୩୧/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି । ତେବେ ନିରାକାରପୁର ଅଞ୍ଚଳରେ ଏହା ପ୍ରଥମ ଘଟଣା ହୋଇଥିବାରୁ ସ୍ଥାନୀୟ ଅଞ୍ଚଳରେ ଏହା ଏକ ଆଲୋଡନାର ବିଷୟ ପାଲିଟିବା ସହିତ ଅଞ୍ଚଳବାସୀଙ୍କୁ ଆଲର୍ଟ କରାଯାଇଛି । ଯଦି ସାହି ପଡିସା ଘରେ କେହି ଛୋଟପିଲା କାନ୍ଦେ ତେବେ ସାଙ୍ଗେ ସାଙ୍ଗେ ତାଙ୍କ ଘର ଚେକ୍ କର ବୋଲି କୁହାଯାଇଛି । ଶିଶୁପୁତ୍ରକୁ ଖୋଜି ଆଣିବାକୁ ମାତାପିତା ଗୁହାରି କରିଛନ୍ତି ।

## କାଲଟା ରେ ହାତୀ ଆତଙ୍କ: ଅଳ୍ପକେ ବର୍ତ୍ତିଲେ ପରିବାର

କୋଇଡା,୧୦।୪:(ମନ୍ଥନ)ହାତୀ ଆଉ ବନ ବିଭାଗ ର 'ଲୁଚକାଳି' ରେ ଗରିବ ଓ ନିରୀହ ଲୋକ ଙ୍କ ଘର ଭାଙ୍ଗିବା ବନବିଭାଗ ଅପାରଗତା ଦର୍ଶାଉଛି । ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ବନାଞ୍ଚଳ ଅନ୍ତର୍ଗତ ଟୋ ଡ଼ା ସେକ୍ଟରର କଲତା ଅଞ୍ଚଳରେ ଦେଖିବାକୁ ମିଳିଛି ବଣୁଆ। ହାତୀଙ୍କ ତାଣ୍ଡବୟ ଗତକାଲି ସନ୍ଧ୍ୟା ସମୟରେ ଦୁଇଟି ବଣୁଆ। ହାତୀ ଜାରାଟୋଲା ବସ୍ତି ନିକଟକୁ ଚାଲିଆସିଥିଲେ । ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଥିଲା । ତୁରନ୍ତ ବନ ବିଭାଗକୁ ଖବର ଦିଆଯିବା ପରେ ବନ କର୍ମଚାରୀମାନେ ପହଞ୍ଚି ହାତୀକୁ ଜଙ୍ଗଲ ମୁହାଁ କରିଥିଲେ । ହେଲେ ବନ ବିଭାଗ ଚାଲିଯିବା ପରେ ରାତିରେ ହାତୀ ଦୁଇଟି ପୁଣିଥରେ ବସ୍ତି ରେ ପଶିଥିଲେ । ବସ୍ତି ରହୁଥିବା ଅନ୍ଧାରୀ ନାୟକ, ପ୍ରମୋଦ ନାୟକ ଙ୍କ ଘର ଭାଙ୍ଗି ଥିଲେ । ଭାଙ୍ଗିବା ଶବ୍ଦ ଶୁଣି ପରିବାର ଲୋକେ ଭୟରେ ବାହାରକୁ ଦୌଡ଼ି ପଳାଇଥିଲେ, ଯାହା ଫଳରେ ଏକ ବଡ଼ ଦୁର୍ଘଟଣାରୁ ସେମାନେ ରକ୍ଷା ପାଇଯାଇଛନ୍ତି । ଗ୍ରାମବାସୀ ଏକାଠି ହୋଇ ହୋ-ହଲ୍ଲା କରିବା ପରେ ହାତୀ ଦୁଇଟି ଜଙ୍ଗଲକୁ ଫେରିଯାଇଥିଲେ ।ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଗ୍ରାମବାସୀମାନେ ବନ ବିଭାଗର କାର୍ଯ୍ୟାନୁଷ୍ଠାନ ଉପରେ ପ୍ରଶ୍ନ ଉଠାଇଛନ୍ତି । ତାଙ୍କ କହିବା କଥା ହାତୀଙ୍କ ଗତିବିଧି ଉପରେ କଡ଼ା ନଜର ରଖା ନଯାଉଥିବାରୁ ଏହି ଘଟଣା ଘଟିଲା । ଲୋକେ କହୁଛନ୍ତି, ବନ କର୍ମଚାରୀ ଙ୍କୁ ହାତୀ ଦିଶୁନାହାନ୍ତି, କିନ୍ତୁ ହାତୀଙ୍କୁ ଲୋକଙ୍କ ଘର ଭଲ ଭାବରେ ଦିଶୁଛି ।

## ପାରାଦୀପ ରେ ଅତ୍ୟାଧୁନିକ ମେଡିକାଲ ପାଇଁ ଦାବି କଲେ ନାରାୟଣ ବୀରବର ସାମନ୍ତ ଟ୍ରଷ୍ଟର ସଦସ୍ୟ

ପାରାଦୀପ,୧୦।୪:(ମନ୍ଥନ)ପଣ୍ୟ କାରବାର ରେ ପାରାଦୀପ ଭାରତବର୍ଷ ରେ ସ୍ୱତନ୍ତ୍ର ସ୍ଥାନ ବଜାଇ ରଖିଥିଲାବେଳେ ଦେଶର ଅର୍ଥନୈତିକ ଅଭିବୃଦ୍ଧି ରେ ବେଶ ସହାୟକ ହୋଇ ଆସୁଛି । ହେଲେ ବଡ଼ ଦୁଃଖ ଓ ପରିତାପର ବିଷୟ ପାରାଦୀପ ବନ୍ଦର ମଧ ସର୍ବଭାରତୀୟ ବୃହତ ବନ୍ଦର ମାନଙ୍କ ମଧ୍ୟରେ ପ୍ରମୁଖ ବନ୍ଦର ଭାବରେ ତାର ପରିଚୟ ହାସଲ କରିଥିବା ବେଳେ ଏହି ଅଞ୍ଚଳ ର ସ୍ୱାସ୍ଥ୍ୟସେବା ଅତି ରୁଗ୍ଣ ଅବସ୍ଥା ଦେଇ ଗତି କରୁଛି । ଗୋଟିଏ ପଟେ ଶିଳ୍ପ କାରଖାନା ରୁ ନିର୍ଗତ ହେଉଥିବା ଧୂଳି, ଧୂଆଁ,ରାସାୟନିକ ବର୍ଜ୍ୟବସ୍ତୁ ର ପ୍ରଭାବ ରେ ପାରାଦୀପ ସମେତ ପାରାଦୀପ ଉପକଣ୍ଠ ରେ ରହିଥିବା ଗ୍ରାମାଞ୍ଚଳ ର ଲୋକମାନେ ବିଭିନ୍ନ ରୋଗର ଶିକାର ହେଉଥିବାବେଳେ ସଡ଼କ ଦୁର୍ଘଟଣା କଥା ନା କହିଲେ ଭଲ ଦୈନନ୍ଦିନ କଟକ ପାରାଦୀପ ହେଉ କିମ୍ବା ଚଣ୍ଡିଖୋଲ ପାରାଦୀପ ରାଜରାସ୍ତା ରେ ଯେଉଁଭଳି ଦୁର୍ଘଟଣା ରେ ନିରୀହ ଜୀବନ ଯାଉଥିବା ବେଳେ ରୁଗ୍ଣ ଚିକିସା ବ୍ୟବସ୍ଥା ଘଟଣାକୁ ଆହୁରି ସଙ୍ଗୀନ କରି ଦେଇଛି । ଦୁର୍ଘଟଣା ଗ୍ରସ୍ତ ଙ୍କୁ ମେଡିକାଲ କୁ ଆଣିଲେ କିଛି ନ ଦେଖି ଆସୁ ଚିକିସା ପରେ ସେମାନଙ୍କୁ କଟକ ମେଡିକାଲ ପଠାଇ



ଦିଆଯାଉଛି । ଯାହା ଫଳରେ ଅଧାବାଟ ରେ ଅନେକ ଯିବନ ଅକାଳରେ ଚାଲି ଯାଉଛି । ଯାହାକୁ ନେଇ ପାରାଦୀପ ଅଞ୍ଚଳ ରେ ଏକ ମେଡିକାଲ ସହିତ ମେଡିକାଲ କଲେଜ ଖୋଲିବାକୁ ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟ ରେ ଦାବିପତ୍ର ପ୍ରଦାନ କରାଯାଇଛି । ପାରାଦୀପ କୁ ଭିତିକରି ଅନେକ ଗୁଡିଏ ଶିଳ୍ପ ସ୍ଥାପନ ହୋଇ ପାରିଛି ସତ କିନ୍ତୁ ସାସ୍ଥ୍ୟ ଏବଂ ଶିକ୍ଷା କ୍ଷେତ୍ରରେ ସରକାର ସମ୍ପୂର୍ଣ୍ଣ ଉଦାସୀନ ଏବଂ ବିଫଳ ହୋଇଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ । ଆଜି କୁଜଙ୍ଗ ଅଞ୍ଚଳ ର ଗାନ୍ଧୀ ଭାବରେ ପରିଚିତ ନାରାୟଣ ବୀରବର ସାମନ୍ତ ଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ କୁଜଙ୍ଗ,ନାରାୟଣ ବୀରବର ଟ୍ରଷ୍ଟ ତରଫରୁ ତ୍ରିତୋଲ ଏବଂ ପାରାଦ୍ୱୀପ ଅଞ୍ଚଳରେ ସରକାରୀ ମେଡ଼ିକାଲ କଲେଜ ଏବଂ ସରକାରୀ ମେଡିକାଲ ସ୍ଥାପନ କରାଯିବା ସହିତ ଏ ଅଞ୍ଚଳର ବରପୁତ୍ର ନାରାୟଣ ବୀରବର ସାମନ୍ତଙ୍କ ନାମରେ ନାମିତ କରାଯାଉ ବୋଲି ଦାବୀ କରାଯାଇଛି । ଉକ୍ତ ମେଡିକାଲ କଲେଜରେ ଏମ୍.ବି.ବି.ଏସ୍.. ବି.ବି.ଏସ୍., ଫାର୍ମାସିଷ୍ଟ ଏବଂ ନର୍ସିଂ ବିଭାଗ ଖୋଲାଯିବା ସହିତ ଉକ୍ତ ମେଡିକାଲ କଲେଜରେ ଏ ଅଞ୍ଚଳର ବେକାର ଯୁବକ/ ଯୁବତୀ ମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ପ୍ରଦାନ କରିବାକୁ ଦାବି କରିବା ସହିତ ଯଥାଶୀଘ୍ର ଏହି ଦାବୀଗୁଡ଼ିକୁ ସହୃଦୟତାର ସହିତ ବିଚାରକୁ ନେଇ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ,ସ୍ୱାସ୍ଥ୍ୟମନ୍ତ୍ରୀ ଓ ଜିଲ୍ଲପାଳ ଙ୍କ ଉଦ୍ଦେଶ୍ୟ ରେ ନାରାୟଣ ବୀରବର ସାମନ୍ତ ଟ୍ରଷ୍ଟ ତରଫରୁଦାବିପତ୍ର ପ୍ରଦାନ କରାଯାଇଛି। ନାରାୟଣ ବୀରବର ସାମନ୍ତ ସଂଗଠନ ତରଫରୁ ସଂଗଠନ ର ମୁଖ୍ୟ ଆଡ଼ଭୋକେଟ ଦେବବ୍ରତ ସାହୁଙ୍କ ସହିତ ଚିତ୍ତରଞ୍ଜନ ମଲ୍ଲୀକ, ସାଗର ବିଶ୍ୱାଳ ଏବଂ ସଂଗଠନ ର ବରିଷ୍ଠ କାର୍ଯ୍ୟକର୍ତ୍ତା ମାନେ ଉପସ୍ଥିତ ରହି ପାରାଦୀପ ଅତିରିକ୍ତ ଜିଲ୍ଲପାଳ ଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ।

## ମାଦକ ଦ୍ରବ୍ୟର ଭୂସ୍ୱର୍ଗ ପାଲଟିଛି ରଘୁନାଥପୁର ବ୍ଲକ

ଜଗତସିଂହପୁର, ୧୦।୪:(ମନ୍ଥନ)ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ବ୍ଲକ ରେଡୁଆ। ପଞ୍ଚାୟତ ଓ ତଅରା ପଞ୍ଚାୟତ ଅଂଚଳ ବର୍ତ୍ତମାନ ମାଦକ ଦ୍ରବ୍ୟର ଭୂସ୍ୱର୍ଗ ପାଲଟିଛି । ବିଭିନ୍ନ ସ୍ଥାନରେ ଚୋରା ମଦ ଠାରୁ ଆରମ୍ଭ କରି ବ୍ରାଉନ ସୁଗାର ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ମାଦକ ଦ୍ରବ୍ୟର ସେବନ ଓ ବିକ୍ରି ଯୁବ ସମାଜକୁ ପଥଭ୍ରଷ୍ଟ କରିଛି । ଏଥିରୁ କଲେଜ ଛାତ୍ର ଓ ସ୍କୁଲ ଛାତ୍ରମାନେ ମଧ୍ୟ ବାଦ୍ ପଡ଼ିନଥିବା ଜଣାଯାଇଛି । ଦିନ ଦ୍ୱିପହରରେ ନିଶାଖୋର ମାନେ ନିଶାସକ୍ତ ଅବସ୍ଥାରେ ଦୁର୍ଘଟଣା ଘଟାଉଥିବା ସହିତ ଅଶାଳିନ ବ୍ୟବହାର ପ୍ରଦର୍ଶନ ପାଇଁ ସେ ବାଟରେ କୈଣସି ଭଦ୍ରଲୋକ ଓ ଝିଅବୋହୁମାନେ ଯିବାଆସିବା ପାଇଁ ନିରାପଦ ମଣୁନାହାନ୍ତିୟ ତାରପୁର ପୁରୁଣା ବଜାର ଠାରୁ ଚିକିଣିଆ। ରାସ୍ତା, ରଘୁନାଥପୁର ଠାରୁ ତାରପୁର ତାଳଦଣ୍ଡା କେନାଲ ବନ୍ଧ ଉଭୟ ପାର୍ଶ୍ୱ ରାସ୍ତା, ରଘୁନାଥପୁର ବଜାର ଏଥି ପାଇଁ ପ୍ରଭାବିତ ହେଉଥିବା ବେଳେ ପ୍ରତ୍ୟେକ ଗ୍ରାମର ବିଭିନ୍ନ ସ୍ଥାନ ମଧ ଏଭଳି ସମସ୍ୟାରୁ ବାଦ୍ ପଡ଼ିନାହିଁୟ ଗାଁ ଗହଳିରେ ସଞ୍ଜ ନଇଁଲେ ଭଦ୍ରଲୋକ ଓ ସ୍ତ୍ରୀ ଲୋକମାନେ ପଦାକୁ ବାହାରି ବାକୁ ନିରାପଦ ମଣୁନାହାନ୍ତି । ଚୋରା ମଦ ସହିତ ବିଦେଶୀ ମଦ ଦୋକାନରୁ ମଦ ନେଇ ଏଜେଣ୍ଟ ମାନେ ଗାଁ ଗହଳିରେ ପହଞ୍ଚାଇ ଦେଉଥିବାରୁ ନିଶା ସେବନର ବହୁଳତା ଦେଖିବାକୁ ମିଳିଛିୟ ଏଥି ସହିତ ଅବକାରୀ ବିଭାଗର ନିୟମକୁ ଉଲ୍ଲଂଘନ କରି ରଘୁନାଥପୁରରେ ଥିବା ଲାଇସେନ୍ସ ପ୍ରାପ୍ତ ମଦ ଦୋକାନ ଖୋଲା ଯାଇଥିବାରୁ ଏହି ଦୋକାନ ସମ୍ମୁଖରେ ବହୁ ସମୟରେ ଦୁର୍ଘଟଣାମାନ ଘଟି ଅନେକ ଧନଜୀବନ ନଷ୍ଟ ହୋଇଥିବା ନଜିର ରହିଛି । ଏଥି ପ୍ରତି ରଘୁନାଥପୁରର ସଚେତନ ନାଗରିକମାନେ ବହୁବାର ଅବକାରୀ ବିଭାଗର ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯାଇନଥିବାରୁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ସରକାର ନିଶା ନିବାରଣ ନିମନ୍ତେ ଡିଣ୍ଡିମା ପିଟୁ ଥିବା ବେଳେ ପ୍ରକୃତପକ୍ଷେ ଗାଁ ଠାରୁ ସହର ପର୍ଯ୍ୟନ୍ତ ନିଶାର ବ୍ୟାପକ ପ୍ରସାର ହେଉଥିବା ନେଇ ବୁଦ୍ଧିଜୀବୀ ମାନେ ଉଦବେଗ ପ୍ରକାଶ କରିଛନ୍ତି । ଏ ବାବଦରେ ଅବକାରୀ ବିଭାଗକୁ ଯୋଗାଯୋଗ କରିବାରୁ ଆମ ବିଭାଗ ପକ୍ଷରୁ ଏଥିପାଇଁ ରୀତିମତ ଚଢ଼ାଉ କରାଯାଉଛି ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି କହିଥିଲେ ।

## ଓଡ଼ିଆ ପକ୍ଷ ପାଳନ ଅବସରରେ ଆସ ବହିଟିଏ କିଣିବା କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା,୧୦।୪:(ମନ୍ଥନ)ଓଡ଼ିଆ ପକ୍ଷର ନବମ ଦିନ ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପାଠକୀୟ ଅଭ୍ୟାସ ବୃଦ୍ଧି ପାଇଁ ପୁସ୍ତକ ମେଳା ଓ ପୁସ୍ତକ କ୍ରୟ ଅଭିଯାନ "ଆସ ବହିଟିଏ କିଣିବା" ଆୟୋଜିତ ହୋଇଥିଲା।ଜିଲ୍ଲାପାଳ ରଘୁରାମ ଆର.ଆୟର ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଅଭିଯାନକୁ ସମର୍ଥନ କରିଥିଲେ ଏବଂ ସମସ୍ତଙ୍କୁ ପଢ଼ିବା ଅଭ୍ୟାସ ଗଢ଼ି ତୋଳିବା ପାଇଁ ଆହ୍ୱାନ କରିଥିଲେ। ସେ କହିଥିଲେ ଯେ ପୁସ୍ତକ ପଢ଼ିବା ମାନବ ଜୀବନରେ ଜ୍ଞାନ ବୃଦ୍ଧି ସହିତ ସଚେତନତା ଓ ମୂଲ୍ୟବୋଧ ଗଢ଼ି ତୋଳିବାରେ ସହାୟକ। ଏହି ଅବସରରେ ବିଭିନ୍ନ ପ୍ରକାରର ପୁସ୍ତକ ପ୍ରଦର୍ଶନ ଓ ବିକ୍ରୟ କରାଯାଇଥିଲା। ଉପସ୍ଥିତ ଅତିଥିମାନେ ପୁସ୍ତକ କ୍ରୟ କରି ଅଭିଯାନକୁ ସମର୍ଥନ ଜଣାଇଥିଲେ।

## ମଝିଆ ଭାଇର ଆକ୍ରମଣରେ ବଡ ଓ ସାନ ଭାଇ ଗୁରୁତର

ବୁଗୁଡ଼ା, ୧୦।୪:(ମନ୍ଥନ) ବୁଗୁଡ଼ା ଥାନା ଅନ୍ତର୍ଗତ ବାଦୁଅ। ଗ୍ରାମରେ ଜମିବାଡି ବିବାଦକୁ ନେଇ ମଝିଆ। ଭାଇର ମରଣାନ୍ତକ ଆକ୍ରମଣରେ ବଡ ଓ ସାନ ଭାଇ ଉଭୟେ ଗୁରୁତର ଅବସ୍ଥାରେ ବ୍ରହ୍ମପୁରକୁ ସ୍ଥାନାନ୍ତର ହୋଇଥିବା ଜଣାପଡିଛି । ଗୁରୁତର ଦୁଇ ଜଣ ହେଲେ ବଡ ଭାଇ ଧୋବା ଗୌଡ (୫୭) ଓ ସାନ ଭାଇ ଦୁର୍ଯ୍ୟା ଗୌଡ (୫୦) ଏବଂ ଆକ୍ରମଣକାରୀ ମଝିଆ। ଭାଇ ଜଣକ ହେଲେ ପଞ୍ଚୁ ଗୌଡ(୫୪)ୟ ଘଟଣାରୁ ପ୍ରକାଶ ଯେ, ପୂର୍ବରୁ ଜମିବାଡିକୁ ନେଇ ତିନି ଭାଇଙ୍କ ମଧ୍ୟରେ ବିବାଦ ରହିଥିଲା । ତେବେ ଗୁରୁବାର ସନ୍ଧ୍ୟାରେ ଧୋବା ଓ ଦୁର୍ଯ୍ୟା ଘର ଆଗରେ ଠିଆ। ହୋଇ କଥାବାର୍ତ୍ତା ହେଉଥିବା ବେଳେ ପଞ୍ଚୁ ପଛପଟୁ ଆସି ଏକ ଠିଆ। କୋଡିରେ ଉଭୟଙ୍କ ମୁଣ୍ଡକୁ ମରଣାନ୍ତକ ଆକ୍ରମଣ କରିଥିଲା । ଦୁଇ ଭାଇ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିବା ବେଳେ ଖବର ପାଇ ପୋଲିସ ସେଠାରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଆଣିଥିଲା । ସେ ଦୁହିଁଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ଅବସ୍ଥା ସଙ୍କଟାପର୍ଣ୍ଣ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଦୁଇ ଭାଇଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା । ତେବେ ଆକ୍ରମଣକାରୀ ପଞ୍ଚୁକୁ ପୋଲିସ ଥାନାରେ ଅଟକ ରଖି ଘଟଣାର ତଦନ୍ତ କରୁଥିବା ଜଣାପଡିଛି ।

ଶନିବାର ୧୧, ଏପ୍ରିଲ୍, ୨୦୨୬ ଭୁବନେଶ୍ୱର
SATURAY,11 APRIL, 2026, BHUBANESWAR



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।

ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# 'ନାଟୋ'ର ଅବସ୍ଥା

ଇରାନ-ଆମେରିକା ଯୁଦ୍ଧ ମଧ୍ୟପ୍ରାଚ୍ୟରେ କେବଳ ଧ୍ୱଂସର ତାଣ୍ଡବ କିମ୍ବା ସାରା ବିଶ୍ୱରେ ଇନ୍ଧନ ତଥା ପେଟ୍ରୋଲ, ଡିଜେଲ ଏବଂ ଗ୍ୟାସର ଅଭାବ ଯୋଗୁଁ ଆତଙ୍କ ସୃଷ୍ଟି କରିନାହିଁ, ଏବେ ଦୀର୍ଘ ୭୭ବର୍ଷର 'ନାଟୋ' ମେଂଟ ଭାଙ୍ଗିବାକୁ ଯାଉଛି ବୋଲି କୁହାଯାଉଛି। ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ କହିଛନ୍ତି ଯେ, ନାଟୋ'ରୁ ଓହରିଯିବା ପାଇଁ ସେ ଏବେ ଗୁରୁତ୍ୱର ସହ ବିଚାର କରୁଛନ୍ତି। କେବଳ ଏତକି ନୁହେଁ, ନାଟୋ'କୁ ସେ କାଗଜ ବାଘ ବୋଲି ଦର୍ଶାଇଛନ୍ତି। ଇରାନ ବିରୁଦ୍ଧରେ ଆମେରିକା-ଇସ୍ରାଏଲର ଯୁଦ୍ଧରେ ସେନା ସହାୟତା ପାଇଁ ନାଟୋ'ର ସଦସ୍ୟ ତଥା ୟୁରୋପୀୟ ରାଷ୍ଟ୍ରଗୁଡିକ ଖୋଲାଖୋଲି ଭାବେ ମନା କରିବା ପରେ ଟ୍ରମ୍ପ ହ୍ୱାଇଟ ହାଉସରେ ମେଂଟରୁ ଓହରିଯିବା ଲାଗି ଘୋଷଣା କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଇନ୍ଧନ ପରିବହନ କ୍ଷେତ୍ରରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ଆସିଥିବା ହର୍ମୁଜ ପ୍ରଣାଳୀକୁ ଇରାନ ଅବରୋଧକୁ ମୁକ୍ତ କରିବା ଲାଗି ସେନା ଓ ଯୁଦ୍ଧ ଜାହାଜ ପଠାଇବା ଲାଗି ଟ୍ରମ୍ପଙ୍କ ଅନୁରୋଧକୁ ନାଟୋ ସଦସ୍ୟ ୟୁରୋପୀୟ ରାଷ୍ଟ୍ରଗୁଡିକ ମନା କରିଦେବା ପରେ ସେ ଏହା ଘୋଷଣା କରିଛନ୍ତି। ଆହୁରି ମଧ୍ୟ ପାଶ୍ଚାତ ରାଷ୍ଟ୍ରଙ୍କ ଠାରୁ ଆମେରିକାରେ ଅଧିକ ତୈଳ ରହିଛି। ଏବେ ଆମେରିକା ଠାରୁ ତୈଳ, ଗ୍ୟାସ କିଣ ବୋଲି ୟୁରୋପୀୟ ରାଷ୍ଟ୍ରଗୁଡିକ ତାଚ୍ଛଲ୍ୟ କରିବାକୁ ମଧ୍ୟ ପଛାଇ ନାହାନ୍ତି। ସେ ଆହୁରି କହିଛନ୍ତି ଯେ, ନାଟୋ ଏବେ ଏକ ବୈଶ୍ୱିକ ଶକ୍ତି ଭାବେ ବିଫଳ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ରୁଷ-ୟୁକ୍ରେନ ଯୁଦ୍ଧ ପରିପ୍ରେକ୍ଷୀରେ ରାଷ୍ଟ୍ରପତି ଭ୍ଲାଡିମାର ପୁଟିନ ନାଟୋ'କୁ ଏକ ଦନ୍ତ ବିହୀନ ଶକ୍ତି ବୋଲି ଆକ୍ଷେପ କରିଥିଲେ। ଯାହାକୁ ଟ୍ରମ୍ପ ଏବେ ଦୋହରାଇଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୧୯୪୯ ମସିହାରେ ୩୨ଟି ରାଷ୍ଟ୍ରଙ୍କୁ ନେଇ ବିଶ୍ୱର ଅନ୍ୟତମ ବୃହତମ ମହାଶକ୍ତି ଆମେରିକା ନେତୃତ୍ୱରେ ନର୍ଥ ଆଟଲାଂଟିକ ଟ୍ରିଟ୍ ଅର୍ଗାନାଇଜେସନ (ନାଟୋ) ଗଠିତ ହୋଇଥିଲା। ମେଂଟରେ ୟୁରୋପର ୩୦ଟି ରାଷ୍ଟ୍ର ସଦସ୍ୟ ଥିବାବେଳେ ଉତର ଆମେରିକାର ଦୁଇଟି ରାଷ୍ଟ୍ର ସଦସ୍ୟ ଅଛନ୍ତି। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ଜଣେ ସଦସ୍ୟ ରାଷ୍ଟ୍ର ଉପରେ ଆକ୍ରମଣର ଅର୍ଥ ସମସ୍ତ ସଦସ୍ୟ ରାଷ୍ଟ୍ର ଉପରେ ଆକ୍ରମଣ ଗୋଟିଏ ସଦସ୍ୟ ରାଷ୍ଟ୍ର ଉପରେ ଆକ୍ରମଣ ବେଳେ ଅନ୍ୟ ସଦସ୍ୟ ରାଷ୍ଟ୍ରମାନେ ଯୁଦ୍ଧରେ ସାମିଲ ହୋଇଥାନ୍ତି। ଏବେ ଇରାନ ଯୁଦ୍ଧରେ ସାମିଲ ହେବା ଲାଗି ୟୁରୋପୀୟ ରାଷ୍ଟ୍ରଗୁଡିକ ମନା କରିଦେବା ପରେ ଟ୍ରମ୍ପ ନାଟୋ'ରୁ ସମ୍ପର୍କ ଛିନ୍ନ କରିବା ପାଇଁ ଧମକ ଦେଇଛନ୍ତି। କିନ୍ତୁ ନାଟୋରୁ ଆମେରିକା ଓହରିଯିବା ଏବେ ସହଜ ବ୍ୟାପାର ନୁହେଁ। ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜୋବାଇଡେନଙ୍କ ଦ୍ୱାରା ସ୍ୱାକ୍ଷରିତ ମଂଜୁରୀପ୍ରାପ୍ତ ନ୍ୟାଶନାଲ ଡିଫେନସ୍ ଅଥୋରାଇଜେସନ ଆକ୍ଟ- ୨୦୨୪ର ୧୨୫୦(ଏ) ଧାରା ଅନୁସାରେ ଆମେକିାର କୌଣସି ରାଷ୍ଟ୍ରପତି ଏକତରଫା ଭାବେ ନାଟୋ'ରୁ ଓହରି ପାରିବେ ନାହିଁ। ନାଟୋ'ରୁ ଓହରିଯିବା ଲାଗି ଆମେରିକୀୟ ସିନେଟର ଦୁଇ-ତୃତୀୟାଂଶ ସମର୍ଥନ କିମ୍ବା କଂଗ୍ରେସର ଏ ନେଇ ଏକ ଆଇନ ଗୃହୀତ ହେବା ବାଧ୍ୟତାମୂଳକ ରହିଛି। ତେଣୁ ଟ୍ରମ୍ପଙ୍କ ଘୋଷଣା ଏବେ ଏକ ଆଇନଗତ ପ୍ରସଙ୍ଗ ଭାବେ ଉତର ଅପେକ୍ଷାରେ ରହିଛି। ଉଲ୍ଲେଖଯୋଗ୍ୟ ଯେ, ଟ୍ରମ୍ପ ତାଙ୍କର ଦୁଇଟିଯାକ କାର୍ଯ୍ୟକାଳ ମଧ୍ୟରେ ବହୁ ଆନ୍ତର୍ଜାତିକ ସଂସ୍ଥା, ସଂଗଠନରୁ ଓହରି ଯିବାର ବହୁ ଉଦାହରଣ ରହିଛି। ଟ୍ରମ୍ପଙ୍କ କାର୍ଯ୍ୟକାଳ ମଧ୍ୟରେ ଆମେରିକା, ଡବ୍ଲୁଟିଏ, ଡବ୍ଲୁଏଚଓ, ଜାତିସଂଘର ବହୁ ସହଯୋଗୀ ସଂଗଠନ, ବିଶ୍ୱ ଜଳବାୟୁ ସଂସ୍ଥାରୁ ଓହରି ଯାଇଛି। କିନ୍ତୁ ଏହା ନିସନ୍ଦେହ ଯେ, ଟ୍ରମ୍ପ ବୈଶ୍ୱିକ ସ୍ତରରେ ପ୍ରଭୁତ୍ୱ ବିସ୍ତାର କରିବା ଏବଂ ମର୍ଯ୍ୟାଦାର ସହ ପୃଥକ ହେବା ଏକ ସମୟରେ ଚାହାଁନ୍ତି। ଯଦି ଟ୍ରମ୍ପଙ୍କ ଆର୍ନ୍ତମୁଖ୍ୟୀ ବା ମନ ମଧ୍ୟରେ ଥିବା ଯୋଜନା ଅନୁସାରେ ଆନ୍ତର୍ଜାତିକ ସହଯୋଗିତା ସଂଗଠନଗୁଡିକରୁ ଆମେରିକା ଓହରିଯାଏ, ତେବେ ଆମେରିକା ପାଇଁ ଏକ ନିରାପତା ଶୂନ୍ୟତା ଦେଖାଦେଇପାରେ, ଯାହାଦ୍ୱାରା ମଧ୍ୟମ ଶକ୍ତିମାନଙ୍କ ଦ୍ୱାରା ସୁବିଧାବାଦୀ ଶୋଷଣର ସମ୍ମୁଖୀନ ହାଇପାରେ। କହିବା ବାହୁଲ୍ୟ ଯେ ନବେ ଦଶକରେ ସୋଭିଏତ ୟୁନିୟନର ବିଲୟ ପରେ ଅଂଶୀଦାର ରାଷ୍ଟ୍ରଗୁଡିକୁ ସ୍ୱାଧୀନତା ଘୋଷଣା କରିବା ସହ ୱାର୍ସା ମେଂଟରୁ ଓହରି ଯାଇଥିଲେ। ପରିଣତି ସ୍ୱରୁପ ୱାର୍ସା ମେଂଟର ବିଲୟ ଘଟିବା ସହ ରୁଷ ବୃହତ ମହାଶକ୍ତିର ମର୍ଯ୍ୟାଦା ହରାଇଥିଲା। ଏବେ ଆମେରିକା ଯଦି ନାଟୋ'ରୁ ଓହରିଯାଏ, ତେବେ ଏହାର ବିଲୟକୁ ରୋକାଯାଇପାରିବ ନାହିଁ। ରାଷ୍ଟ୍ରପତି ଟ୍ରମ୍ପଙ୍କ ବିଦ୍ରୁପ ଓ ଧମକ ପରିପ୍ରେକ୍ଷୀରେ ୟୁରୋପୀପ୍ର ରାଷ୍ଟ୍ରଗୁଡିକ ନିଜର ନିରାପତା ଢାଂଚା ପୁନ ପରିକଳ୍ପିତ କରିବାକୁ ହେବ। ସେହିପରି ଜାତିସଂଘର ସଂସ୍ଥାର ସହ ଏହାକୁ ଆହୁରି ସୁଦୃଢ କରବାର ସମୟ ଏବେ ଆସିଛି।

# ଚୁଲି ମୁଣ୍ଡକୁ ଫେରିଲା ଘଷି, କୋଇଲା ଆଞ୍ଚ

**ଡ଼ଃ.ଅରୁନ୍ଧତୀ ଦେବୀ**

କିଛି ବର୍ଷ ହେଲା ଘଷି ପାରିବା ଏକ ପ୍ରକାର ବନ୍ଦ ହୋଇଯାଇଥିଲା। ସେହିଭଳି ଜାଳେଣୀ କାଠ ବ୍ୟବହାର ବି ବହୁ ପରିମାଣରେ କମି ଯାଇଥିଲା। ବଡ଼ ପରିବାରରେ ଭାତହାଣ୍ଡି ଚୁଲିରେ ବସୁଥିଲା ସିନା, ତରକାରୀ କଢ଼େଇ ଗ୍ୟାସ ଚୁଲିରେ ଆଡ଼ା ଜମାଇଥିଲା। କିନ୍ତୁ ମଧ୍ୟପ୍ରାଚ୍ୟ ଯୁଦ୍ଧ ପୁଣି ପୁରୁଣା ସମୟକୁ ଡାକି ଆଣିଛି। ଚୁଲି ମୁଣ୍ଡକୁ ଘଷି ଫେରିଛି ଓ ଜାଳେଣି କାଠର ଆଦର ଅଚାନକ ବଢ଼ି ଯାଇଛି। ସ୍ଥିତି ଏମିତି ହୋଇଛି ଯେ ଯେଉଁ ଚାକୁଣ୍ଡା କାଠକୁ କେହି ପଚାରୁନଥିଲେ, ତାହା ଆଜି ବଜାରରେ ଅମୂଳ ମୂଳ। ରାଜଧାନୀ ଉପକଣ୍ଠ ବାଲିଅନ୍ତା ଅଞ୍ଚଳରେ ଗାଁ ଗଣ୍ଡାରେ ଲୋକେ କାଠଚୁଲି ବ୍ୟବହାର ବଢ଼ାଇ ଦେଇଛନ୍ତି। ମାତ୍ର ଏହି ଅଞ୍ଚଳରେ ଗଢ଼ି ଉଠିଥିବା ଆପାର୍ଟମେଣ୍ଟ ବାସିନ୍ଦାମାନେ କଲବଲ ଅବସ୍ଥାରେ ଅଛନ୍ତି। ଚୁଲି ଜାଳିବା ପରିବେଶ ନ ଥିବାରୁ ବହୁ ପରିବାର ବେଳାଏ ରୋଷେଇ କରି ଯେନତେନ ପ୍ରକାର ଦିନ କାଟୁଥିବା ଦେଖାଯାଉଛି। ଭାତ ହାଣ୍ଡିରୁ ଇଏ ଗୋଟିଏ ଉଦାହରଣ କହିଲେ ଅତ୍ୟୁକ୍ତି ହେବନାହିଁ। ଭୁବନେଶ୍ୱର ବ୍ୟତୀତ କଟକ ଓ ରାଜ୍ୟର ବିଭିନ୍ନ ସହରରେ ଏହିପରି ସମୟ ପହଞ୍ଚିଛି।

ଗ୍ରାମାଞ୍ଚଳରେ ବହୁ ଲୋକଙ୍କ ଘରେ ଚୁଲି ଥିଲେ ହେଁ ଅଲୋଡ଼ା ହୋଇପଡ଼ିଥିଲା। କିନ୍ତୁ ଏବେ ସବୁଦିନ ସକାଳୁ ଚୁଲି ଲିପାପୋଛା ହେଉଥିବା ଦେଖିବାକୁ ମିଳୁଛି। ବଡ଼କଥା ହେଉଛି ଏବେ ଖରାଦିନ ହୋଇଥିବାରୁ ଗୋବର ଘଷି ପାରିବା ଓ ଶୁଖାଇବା ସହଜ ହେଉଛି। ଗୋଟିଏ ଦିନରେ ଘଷି ଶୁଖି ଯାଉଛି ଏବଂ ଚୁଲିରେ ଜଳିବା ପାଇଁ ଠିକ ହୋଇଯାଉଛି। ତେଣୁ ଗାଁ ଗଣ୍ଡାରେ ଏବେ ଦାଣ୍ଡରୁ ବାଡ଼ିପଟ ପର୍ଯ୍ୟନ୍ତ ମହିଳା ଓ ପୁରୁଷମାନେ ଘଷି ପାରିବା ଦେଖିବାକୁ ମିଳିଲାଣି। ଉଲ୍ଲେଖନୀୟ କଥା ହେଉଛି, ଏବେ ଗାଁ ଗାଁରେ ଘଷି ବେପାର ବି ଆରମ୍ଭ ହୋଇଗଲାଣି। ୧୦୦ଟଙ୍କାରେ ୪୦ଫଡା ଘଷି ବିକ୍ରି ହେଉଛି। ସେହିଭଳି ଏହା ଭିତରେ ଜାଳେଣୀ କାଠର ବଜାର ଦର ବଢ଼ିଯାଇଛି। ଯେଉଁ ଚାକୁଣ୍ଡା ଡାଳିକୁ କେହି ପଚାରୁନଥିଲେ, ତାହା ଆଜି କ୍ୱିଣ୍ଟାଲ ୭୦୦ ଟଙ୍କାକୁ ଟପିବାକୁ ବସିଲାଣି। ଅନେକ ହୁଏତ ଜାଣି ନାହାଁନ୍ତି ଆମ ଗୋମାତାଙ୍କ ଏହି ଗୋବର ଆମ ଜୀବନ ପ୍ରଣାଳୀ ପାଇଁ ଅନେକ ମୂଲ୍ୟବାନ ଓ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଥାଏ। ଗାଁ ଗଣ୍ଡାରେ ଏବେ ବି ଅନେକ ପରିବାର ରହିଛନ୍ତି ଯେଉଁମାନେ ଘଷିକୁ ସେମାନଙ୍କ ଅର୍ଥ ଉପାର୍ଜନର ବଡ଼ ମାଧ୍ୟମ କରିଥାନ୍ତି।



ଗୋବର ଘଷିକୁ ରୂପାନ୍ତର ହେବା ପୂର୍ବରୁ ଏଥିରୁ ଗ୍ୟାସ ସଂଗ୍ରହ କରାଯାଉଛି। ଏହି ଗୋବର ଗ୍ୟାସ ପାଇଁ ମଧ୍ୟ ସରକାରୀ ଭାବେ ବିଭିନ୍ନ ପ୍ରୋତ୍ସାହନ ରହିଛି। ଗୋବର ଘଷିର ଖାଦ୍ୟ ପ୍ରସ୍ତୁତିର ସ୍ୱାଦ ମଧ୍ୟ ସମ୍ପୂର୍ଣ୍ଣ ଅଲଗା ଓ ଭିନ୍ନ। ପୂର୍ବରୁ ଶୁଖିଲା ଝାଉଁ କାଠର ଚାହିଦା ଥିଲା। ବାହାଘର ଭୋଜିଭାତରେ ଝାଉଁ କାଠ ଲୋଡ଼ା ପଡୁଥିଲା। କିନ୍ତୁ ଏବେ ଚାକୁଣ୍ଡା ବି ଝାଉଁ ଦରକୁ ଛୁଇଁଲାଣି। ଯାହା ବାଡ଼ିରେ ଗଛ ଅଛି, ତା ପାଇଁ ସମସ୍ୟା ନାହିଁ। କିନ୍ତୁ କିଣିବା ଲୋକଙ୍କୁ ବେଶ ବାଧୁଛି। ପୂର୍ବରୁ ବାହାଘର ଜାଇବଢ଼ି ଅନୁକୂଳ ପାଇଁ ଲୋକେ ଚୁଲି କିଣୁଥିଲେ, ଏବେ କିଛି ଦିନ ହେଲା ଦୈନିକ ୧୫ରୁ ୨୦ ଚୁଲି ବିକ୍ରି ହେଉଛି। ଅନେକ ଗୃହିଣୀଙ୍କ ମତ ବର୍ତ୍ତମାନର ସମୟ ଯାହା କଳାବଜାରରୁ ୩୦୦୦ଟଙ୍କା ଦେଇ ଗ୍ୟାସ ସିଲିଣ୍ଡର କିଣିବା ସମ୍ଭବ ନୁହେଁ। ତେଣୁ ଚୁଲିମୁଣ୍ଡକୁ ଫେରିବାକୁ ବାଧ୍ୟ।

ଗ୍ୟାସ ଅଭାବରୁ ଅନେକ ଉଠା ଦୋକାନରେ ତାଲା ଝୁଲିଲାଣି। କେଉଁଠି ମାସେ ହେଲା ତାଲା ପଡ଼ିଛି ତ ଆଉ କେଉଁଠି ୧୫ ଦିନ ହେଲା। ସହରର ପ୍ରତିଟି ଗଳିକନ୍ଦିରେ ଏଭଳି ଦୃଶ୍ୟ ସାମ୍ନାକୁ ଆସୁଛି। ଦିନ ପରେ ଦିନ ଗଡୁଥିଲେ ମଧ୍ୟ କେତେକ ସ୍ଥାନରେ ଆଦୌ ଦୋକାନ ଖୋଲିପାରୁ ନାହିଁ। ଯିଏ ଗୋଟିଏ ଯୋଡ଼ିଏ ଗ୍ୟାସ ସିଲିଣ୍ଡର ଲୁଚାଇ ରଖିଥିଲେ, ସେଥିରେ କଷ୍ଟେମଷ୍ଟେ କିଛି ଦିନ ବିତିଗଲା। ଏବେ ଆଉ ଆଗକୁ ବଢ଼ିବା ସେମାନଙ୍କ ପକ୍ଷେ ସମ୍ଭବ ହେଉନାହିଁ। ଯେତେ ଚେଷ୍ଟା କଲେ ମଧ୍ୟ ଗ୍ୟାସ ସିଲିଣ୍ଡର ପାଉନାହାନ୍ତି। ପରିଣାମ ସ୍ୱରୂପ ପରିବାରର ଗୁଜୁରାଣ ମେଣ୍ଟାଇବାକୁ ଏବେ ବିକଳ୍ପ ଭାବେ ଚୁଲିକୁ ଅପଣାଇଲେଣି। ଦିନେ ଯେଉଁ ଚୁଲି ସହରବାସୀଙ୍କ ପାଇଁ ଅଲୋଡ଼ା ହୋଇପଡ଼ିଥିଲା, ତାହା ଏବେ ରାସ୍ତାପାର୍ଶ୍ୱରେ ଦେଖିବାକୁ ମିଳୁଛି। ଗୋଟିଏ କି ଦୁଇଟି ସ୍ଥାନରେ ନୁହେଁ, ବରଂ ଅଧିକାଂଶ ଜଳଖିଆ ଦୋକାନରେ ଏଭଳି ଚୁଲି ନଜରକୁ ଆସିଛି। କେହି କେହି ବ୍ୟବସାୟୀ ଏବେ ଗୋଟିଏ ବଦଳରେ ତିନିଟି ବିକଳ୍ପ ପନ୍ଥା ଆପଣାଇଛନ୍ତି। ପ୍ରଥମେ ଗ୍ୟାସରେ ରାନ୍ଧୁଛନ୍ତି। ଆବଶ୍ୟକ ପଡ଼ିଲେ କୋଇଲା ଆଞ୍ଚର ସହାୟତା ନେଉଛନ୍ତି। ଏହା ବ୍ୟତୀତ ଚୁଲି ସହ ଜାଳେଣି ରଖିଥିବା ନଜରକୁ ଆସିଛି। ବିଶେଷକରି ଉଠାଦୋକାନୀ, ଛୋଟ ବ୍ୟବସାୟୀ, ରାସ୍ତା ପାର୍ଶ୍ୱ ବ୍ୟବସାୟୀ ଏଭଳି ପନ୍ଥା ଆପଣାଇଛନ୍ତି। ସେମାନଙ୍କ କହିବା କଥା ଗ୍ୟାସ ବିନା ବେପାର କରିବା ସମ୍ଭବ ପର ନୁହେଁ। ମାତ୍ର ବ୍ୟାବସାୟିକ ସଂସ୍ଥା ହୋଇଥିବାରୁ ଗ୍ୟାସ ମିଳିପାରୁନାହିଁ। ଚୋରାରେ ଆଣିଲେ ବି ଅଧିକ ଟଙ୍କା ଦେବାକୁ ପଡୁଛି। ତେଣୁ ଚୁଲି ଓ କୋଇଲାରେ ରୋଷେଇ କରି ଗ୍ରାହକଙ୍କୁ ସେବା ଯୋଗାଉଛୁ। ଯେ ପର୍ଯ୍ୟନ୍ତ ଗ୍ୟାସ ସଙ୍କଟ ନଚାଲିଛି, ସେ ପର୍ଯ୍ୟନ୍ତ ଏଭଳି ପନ୍ଥା ଆପଣାଇ ପରିବାର ଚଳାଇବୁ ।

ଗାଁ ଗହଳିରେ ଚୁଲି ଲୋକଙ୍କ ସମସ୍ୟାର କିଛିଟା ସମାଧାନ କରିଛି ସିନା ଏହି ଅଞ୍ଚଳର ଆପାର୍ଟମେଣ୍ଟ ଓ ଡ୍ୟୁପ୍ଲେକ୍ସ କଲୋନୀରେ ରହୁଥିବା ପରିବାର ଗୁଡ଼ିକ ବହୁ କଲବଲ ସ୍ଥିତିରେ ରହୁଥିବା ଦେଖିବାକୁ ମିଳିଛି। ସେମାନଙ୍କ ଘରେ ଚୁଲି ଜଳିବା ପାଇଁ ଜାଗା ନାହିଁ କି ଧୂଆଁ ବାହାରକୁ ଯିବା ପାଇଁ ବାଟ ନାହିଁ। ତେଣୁ ସେମାନେ ଗ୍ୟାସ ସିଲିଣ୍ଡର କିମ୍ବା ଇଣ୍ଡକସନ ଚୁଲା ଉପରେ ନିର୍ଭରଶୀଳ। ବିଦ୍ୟୁତ ଚୁଲା ଜାଳିବା ବି ମହଙ୍ଗା। କେହି କେହି ଅଭିଯୋଗ କରନ୍ତି ଗ୍ୟାସ ବିତରକଙ୍କୁ ତେଲ ମାରିବା ଛଡ଼ା ଅନ୍ୟ କିଛି ବାଟ ନାହିଁ। କଳାବଜାରରେ ଗ୍ୟାସ ସିଲିଣ୍ଡର ମିଳୁଛି ଅର୍ଥ ଗ୍ୟାସ ମହଜୁଦ ଅଛି। ସରକାର କଳାବଜାର ରୋକିବା ଦିଗରେ ନିଷ୍ଠାର ସହ କାମ କଲେ, ଲୋକେ ଅସୁବିଧାରେ ପଡ଼ନ୍ତେ ନାହିଁ।

ନିର୍ଦ୍ଦେଶିକା ଓ ସମ୍ପାଦିକା, ଆନ୍ତର୍ଜାତୀୟ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

# ଅସ୍ତ୍ରର ଜବାବ ଅସ୍ତ୍ରରେ

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ମାଇପଙ୍କ ଆଗରେ ପାଇକ ପଣ କେବେ ବୀର ପଣ ନୁହେଁ, ବ୍ରିଟିଶ କମାଣ୍ଡର କ୍ଲାଇବି ମାତ୍ର ତିନି ହଜାର ସୈନ୍ୟ ନେଇକି ସିରାଜଙ୍କ ତିରିଶ ହଜାର ସେନାଙ୍କୁ ହରାଇ ବଙ୍ଗ ମସନଦ ସିରାଜଙ୍କ ଅଧିକାରକୁ ନେଇ ନେଇଥିଲେ, କଥାଟି କେତେ ସରଳ ନୁହେଁ, ବିଶ୍ୱାସ ଘାତକ ନଥିଲେ ଏକାମ କେବେ ହୋଇ ପାରି ନଥାନ୍ତି, ଏଥିରେ ପଛ ଚକ୍ରାନ୍ତ ରହିଛି। ଆକ୍ରମଣକାରୀ ମାନେ ସୀମିତ ଆସି ଅଚାନକ ଚଢ଼ାଉ କରି ସ୍ଥାନ ଧନ ହସ୍ତା ମାନେ ଯେ ସମସ୍ତେ କ୍ଷତ୍ରୀୟ ଏହା ବି ନୁହେଁ। କ୍ଷତ୍ରୀୟଙ୍କର ଅସ୍ତ୍ର ଦୁର୍ବଳ ମାନଙ୍କୁ ରକ୍ଷା ପାଇଁ ଉଦ୍ଦିଷ୍ଟ ମାତ୍ର କାମିନୀ କାଞ୍ଚନ ଲୋଭରେ କ୍ଷତ୍ରୀୟକୁଳ ଜନ୍ମ ଜାତବ୍ୟକ୍ତି ଅସ୍ତ୍ର ପ୍ରୟୋଗ କରି ସ୍ୱ ଆତ୍ମ ସିଦ୍ଧି ଲାଭ କଲେ ତାହା ଶାସ୍ତ୍ର ବିରୋଧୀ। ଏକ ଅବତାର ପର୍ଶୁରାମ ଅବତାର ସେ ଜାତ ବ୍ରାହ୍ମଣ, ସାଧନରେ ହେଲେ ନୈଷ୍ଠିକ ଶୈବ ବ୍ରାହ୍ମଣ।

ଶିବ ପରିବାର, ଅନୁଚର, ଅନୁଚରା ସମସ୍ତେ ଅସ୍ତ୍ର ହସ୍ତା ହୋଇଛନ୍ତି ହେଲେ ଏମାନେ ଯେଉଁମାନେ ସ୍ଥାୟୀଦେବ ସମ୍ବିଧାନ ସଂସାରର ସ୍ଥାୟୀ ଚିରନ୍ତନ ପଶୁପକ୍ଷୀ ବୃକ୍ଷଲତା ମାନବ ସମାଜ ପାଇଁ ଉଦ୍ଦିଷ୍ଟ ଆଚରଣ କାନୁନ ଆବାହମାନ କାଳରୁ ପ୍ରକୃତିର ଚକ୍ର ଏସବୁ ଦେବ ସମ୍ବିଧାନ ଏହାକୁ କେହି ବି ସ୍ୱାର୍ଥନ୍ୱେଷି ନିଜର ନିଜ ଗୋଷ୍ଠୀକୁ ନେଇ ବଦଳାଇ ନିଜକୁ ଅନ୍ୟ ମାନଙ୍କ ଠାରୁ ବ୍ୟତିକ୍ରମ ଜୀବନ ଯାପନ ଚେଷ୍ଟା କରିଲେ ଯେ ଦେବକୋପରେ ଆସନ୍ତି, ଏହା ମଧ୍ୟରୁ ପୁଣି ଏମିତି ବ୍ୟକ୍ତି ବିଶେଷ ଏପରି ଚିରନ୍ତନ ଧାରାକୁ ଭାଙ୍ଗି ଦୁଃଖ ସୃଷ୍ଟି କରୁଥିବା ବା କରି ପାରିଥିବା ବ୍ୟକ୍ତି ବିଶେଷ ଓ ତାଙ୍କ ଗୋଷ୍ଠୀଙ୍କୁ ଅନ୍ତ କରିବାକୁ ଯୁକ୍ତିଯୁକ୍ତ ଶିକ୍ଷିତ ବଳବାନ ସେହି ଦେବଶକ୍ତି କରାଇ ତାଙ୍କ ଦ୍ୱାରା ପୁଣି ପ୍ରକୃତିକୁ ସୁନ୍ଦର ରୂପରେଖ କରାଇ ଆସୁଛନ୍ତି। ହେଲେ ମାନବ ମିଜାଜ ଏପରି ଟିକେ ଲୋଭ ମନରେ ଆସିଲେ ବିଦ୍ୟା, ଯଶ, କୃତି, ସବୁ ପଣ୍ଡ ହେବା ପଥକୁ ଅଗ୍ରଣୀ କରାଏ। କାମିନୀ କାଞ୍ଚନ ମୋହ ଉଚିତ ପଥରୁ ଟାଳାଏ। ଏ ପାଇଁ ଅବତାର ଆସିଥାନ୍ତି, ଜନ ନଷ୍ଟକରି ବୃକ୍ଷର ବଂଶ ବୃଦ୍ଧିରେ ରୋକ ଲଗାନ୍ତି। ଡିଭାଇଡ ଆଣ୍ଡ ରୁଲ ସବୁ ଯୁଗରେ ଅଛି ତ୍ରେତୟାରେ ଥିଲା ରାମ ଅବତାର ଆସିବା ପୂର୍ବରୁ, ଆସିଥିଲେ ପର୍ଶୁରାମ ଅବତାର ସେ ବ୍ରାହ୍ମଣ ବଂଶରେ ଜାତ ହେଲେ ସେ ତପସ୍ୟାରେ ଆଶୁତୋଷ ଶିବଙ୍କୁ ତୋଷ କରି ଅମୋଘ ପର୍ଶୁ, ଫାର୍ଶା, କୁଠାରଅସ୍ତ୍ର ପ୍ରାପ୍ତ ହୋଇଥିଲେ ତାଙ୍କର ଦୃଷ୍ଟିରେ ସାଧାରଣ ପ୍ରଜାଙ୍କ ଉପରେ ତତ୍କାଳ ସଂକୀର୍ଣ୍ଣ ସଂକୀର୍ଣ୍ଣ ରାଜ୍ୟ ମାନଙ୍କର ରାଜାମାନେ ନିଜର ରାଜଥାଟ ବାଟ ଖର୍ଚ୍ଚ ଉଠାଇବା ପାଇଁ ବେପରୁଆ କର ଭାର ବଢ଼ାଇବା ସହ ନାନାଦି ଉତ୍ପୀଡ଼ନ କରୁଥିଲେ, ଏହା ପର୍ଶୁରାମଙ୍କ ଅସହ୍ୟ ହୋଇଥିଲା ଯେ ଘୁରୁ ଘୁରି ସେପରି ରାଜାମାନଙ୍କୁ ସମ୍ମୁଖୀନ ହୋଇ ଦ୍ୱନ୍ଦ ଯୁଦ୍ଧରେ ଅନ୍ତ କରି ଦେଉଥିଲେ। ହେଲେ ରାଜା ଅରାଜକ କରି ପୁନଃ ନୂତନ ଥଇଥାନ ପାଇଁ ଋଷି କାଶ୍ୟପଙ୍କୁ ଦାୟିତ୍ୱ ଦେଉଥିଲେ। ପର୍ଶୁରାମ ଜନତାର ପ୍ରତିନିଧି ଅବତାର ତାଙ୍କର ସ୍ୱ ସ୍ୱାର୍ଥ ବୋଲି କିଛି ନାହିଁ, ସବୁ ଅବତାର ଫେରିଛନ୍ତି ପର୍ଶୁରାମ ଫେରିନାହାନ୍ତି, ସେ ଚିରଞ୍ଜିବୀ ସପ୍ତ ଜଣରେ ଜଣେ। ରାଜତନ୍ତ୍ରରେ ହତିଆର ଜବାବ ହତିଆରରେ ଦିଆଯାଉଥିଲା ମାତ୍ର ଗଣତନ୍ତ୍ରରେ ରକ୍ତପାତ ପ୍ରାଣହାନି ସଂହାର କାଣ୍ଡ ନୁହେଁ ସଂସ୍କାର ଆବଶ୍ୟକ ପଡୁଥିବାରୁ ଫାର୍ଶାରୂପୀ ଖଣ୍ଡା ପତାକା ରାଜ ବିଦ୍ରୋହୀଙ୍କ ଆୟୁଧ, ପ୍ଲାକାର୍ଡ଼ ବ୍ୟାନର, ମୁଖରେ ସ୍ଲୋଗାନ, ଯାହା ସତ୍ୟାଗ୍ରହର ଅବଲମ୍ବନ ଆୟୁଧ। ଏହାର ପୃଷ୍ଠ ପୋଷକ ସେହି ପର୍ଶୁରାମଙ୍କ ଇଙ୍ଗିତ କାମ କରୁଛି।

ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୧୦୩୧୨୫୩

# ଜନତାଙ୍କ ଆଦର୍ଶ ହେଉଛନ୍ତି ରାଜା

**ଅଧ୍ୟାପକ ଗୋପବନ୍ଧୁ (ଅବସରପ୍ରାପ୍ତ, ଦର୍ଶନ ବିଭାଗ)**

ରାଜାଙ୍କୁ ପ୍ରଜାମାନେ ଅନୁସରଣ କରିବା ସ୍ୱାଭାବିକ କଥା। ରାଜାଙ୍କ ହାବଭାବ, ଚାଲିଚଳନ, କଥାବାର୍ତ୍ତା, ଆଚାର ବ୍ୟବହାର ଏପରିକି ଚିନ୍ତାଦର୍ଶନକୁ ପ୍ରଜାମାନେ ଅନୁସରଣ କରୁଥିଲେ। ତେଣୁ ଲୋକପ୍ରିୟ କଥନ ଅଛି, ଯେମିତି ରାଜା ସେମିତି ପ୍ରଜା। ଅତୀତର ରାଜତନ୍ତ୍ର ହଟି ଏବେ ଗଣତନ୍ତ୍ର ଆସିଛି। ଏବେ ବଡ ନେତାମାନେ ଯେଉଁମାନେ ଉଚ୍ଚ ସାମ୍ବିଧାନିକ ପଦପଦବୀରେ ଅଛନ୍ତି ସେମାନେ ରାଜାର ସ୍ଥାନ ନେଇଛନ୍ତି। ରାଜତନ୍ତ୍ରରେ ଜନସାଧାରଣ ଯେଉଁପରି ରାଜାଙ୍କୁ ଆଦର୍ଶ ବୋଲି ଭାବୁଥିଲେ, ଗଣତନ୍ତ୍ରରେ ଲୋକମାନେ ନେତାଙ୍କୁ ଆଦର୍ଶ ବୋଲି ଭାବନ୍ତି। ରାଜା ଭଲହେଲେ ପ୍ରଜାମାନେ ମଧ୍ୟ ଭଲ ହେଉଥିଲେ ଓ ରାଜା ଖରାପ ହେଲେ ପ୍ରଜାମାନେ ମଧ୍ୟ ଖରାପ ହେଉଥିଲେ। ଏହାର କାରଣ ହେଉଛି ଜଣେ ଖରାପ ରାଜାର ଶାସନ ବ୍ୟବସ୍ଥା ତଦନୁଯାୟୀ ଖରାପ ହେଉଥିଲା। ଶାସନ ବ୍ୟବସ୍ଥା ଖରାପ ହେଲେ ପ୍ରଜାମାନେ ମଧ୍ୟ ସେହି ଢାଞ୍ଚାରେ ନିଜକୁ ପକାଉ ଥିଲେ। ଅନ୍ୟପକ୍ଷରେ ରାଜା ଭଲହେଲେ ଶାସନ ବ୍ୟବସ୍ଥା ଭଲ ହେଉଥିଲା ଓ ପ୍ରଜାମାନେ ମଧ୍ୟ ଭଲ ହେଉଥିଲେ। ତେଣୁ କୁହା ଯାଉଥିଲା ରାଜା ଗୁଣେ ପ୍ରଜା। ମୂଳ ଯେମିତି ହେବ ଶାଖା ପ୍ରଶାଖା ମଧ୍ୟ ସେମିତି ହେବ। ଗଣତନ୍ତ୍ରରେ ଜଣେ ମିଛୁଆ ଉଚ୍ଚ ଆସନରେ ବସିଲେ ନାଗରିକମାନେ ମଧ୍ୟ ମିଛର ଆଶ୍ରୟ ନିଅନ୍ତି। ଜଣେ ଭ୍ରଷ୍ଟାଚାରୀ ଉଚ୍ଚ ଆସନରେ ବସିଲେ ଭ୍ରଷ୍ଟାଚାର ଶାସନ ବ୍ୟବସ୍ଥାର ଅନ୍ତର୍ଗତ ହୋଇଯାଏ। ପ୍ରତ୍ୟେକ ବ୍ୟବସ୍ଥାକୁ ଭ୍ରଷ୍ଟାଚାର ବ୍ୟାପିଯାଏ। ସାଧାରଣ ଜନତା ମଧ୍ୟ ଏଥିରେ ଅଭ୍ୟସ୍ତ ହୋଇଯାଆନ୍ତି। କ୍ରମେ ଏହା ସାମାଜିକ ବ୍ୟବସ୍ଥାର ଅଙ୍ଗ ହୋଇଯାଏ। ଅନ୍ୟ ପକ୍ଷରେ ଜଣେ ସ୍ୱଚ୍ଛୋଟ ଲୋକ ଉଚ୍ଚ ଆସନରେ ବସିଲେ ଦେଶରେ ସ୍ୱଚ୍ଛୋଟତା ବ୍ୟାପେ। ଭ୍ରଷ୍ଟାଚାରକୁ ବିରୋଧ କରୁଥିବା ଜଣେ ଲୋକ ଏପରି ଆସନରେ ବସିଲେ ଭ୍ରଷ୍ଟାଚାର ହ୍ରାସ ପାଏ। ପ୍ରଶାସନ ମଧ୍ୟ ଭ୍ରଷ୍ଟାଚାର ମୁକ୍ତ ହୁଏ। ଫଳରେ ପ୍ରତ୍ୟେକ ବ୍ୟବସ୍ଥା ମଧ୍ୟରେ ସ୍ୱଚ୍ଛୋଟତା ଦେଖାଦିଏ। ସେହି ମର୍ମରେ କୁହାଯାଇପାରେ ନେତା ସାଧୁ ହେଲେ ଜନତା ମଧ୍ୟ ସାଧୁ ହେବେ। ନେତା ଯେଉଁ ଗୁଣର ହେବେ ଜନତା ନିଜକୁ ସେହି ଢାଞ୍ଚାରେ ପକାଇବାକୁ ଚେଷ୍ଟା କରିବେ। କାରଣ ଏ କଥା ସମସ୍ତଙ୍କୁ ଜଣା ଯେ ପରିବ୍ୟାପ୍ତ ଭ୍ରଷ୍ଟ ବ୍ୟବସ୍ଥା ମଧ୍ୟରେ ସାଧୁ ଲୋକଟେ ତିଷ୍ଠିରହିବା କଷ୍ଟକର ବ୍ୟାପାର। ତାକୁ ତଳି ତଳାନ୍ତ ହେବାକୁ ପଡେ। ତେଣୁ ସେ ଅବସ୍ଥା ସହିତ ବୁଝାମଣା କରିନିଏ।

ପୂର୍ବେ ? ରାଜତନ୍ତ୍ର କାଳରେ ରାଜପୁତ୍ରମାନଙ୍କୁ ଶ୍ରେଷ୍ଠଶିକ୍ଷା ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଉଥିଲା। ସାମରିକ ଶିକ୍ଷା ସହିତ, ଦର୍ଶନ, ନୈତିକତା, କଳା ଓ ସ୍ଥାପତ୍ୟ ଉପରେ ତାଙ୍କୁ ଯଥେଷ୍ଟ ଜ୍ଞାନ ପ୍ରଦାନ କରାଯାଉଥିଲା। ଉଦ୍ଦ ?ଶ୍ୟ ଥିଲା ତାଙ୍କୁ ଜଣେ ଜଣେ ସୁଶାସକ ବନାଇବା। ତାଙ୍କ ମଧ୍ୟରେ ସତ୍ୟ, ନ୍ୟାୟ ଓ ଭାତୃତ୍ୱଭାବର ଭାବନାକୁ ଅଙ୍କୁରିତ କରିବାପାଇଁ ଭରପୁର ଚେଷ୍ଟାକରା ହେଉଥିଲା। ଜ୍ଞାନୀ ରାଜାମାନେ ସର୍ବଦା ଚେଷ୍ଟା କରୁଥିଲେ ପ୍ରଜାମାନେ କିପରି ସୁଖମୟ ଜୀବନ ଯାପନ କରିବେ। ସେମାନେ ସର୍ବଦା ଚେଷ୍ଟା କରୁଥିଲେ ସମସ୍ତଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ ପାଇଁ। ଏହା ଭିନ୍ନକଥା ଥିଲା ଯେ ରାଜାମାନେ ଯୁଦ୍ଧ କରୁଥିଲେ। ଅନେକ ସମୟରେ ସେମାନେ ଏଥିପାଇଁ ବାଧ୍ୟ ହେଉଥିଲେ। ରାଜ୍ୟ ବିସ୍ତାର ରାଜତନ୍ତ୍ରର ଅଂଶବିଶେଷ ଥିଲା। ଦେଖିବାକୁ ଗଲେ ରାଜତନ୍ତ୍ର କାଳରେ ରାଜା ଯଦି ଜ୍ଞାନୀ, ସାଧୁ ଓ ନ୍ୟାୟବନ୍ତ ହେଉଥିଲେ, ତେବେ ସାମାଜିକ ଜୀବନ ଶୃଙ୍ଖଳିତ ହେଉଥିଲା ଏବଂ ସାଧୁତା ଓ ନ୍ୟାୟ ସମାଜରେ ପରିବ୍ୟାପ୍ତ ହେଉଥିଲା।

ନିଶ୍ଚିତରୂପେ ଗଣତନ୍ତ୍ର ଶ୍ରେଷ୍ଠ ଶାସନ ବ୍ୟବସ୍ଥା। ହେଲେ ଏହା ଠିକଭାବେ ନିୟନ୍ତ୍ରିତ ନହେଲେ ଏହାର ନାକାରାତ୍ମକ ଦିଗଗୁଡିକ ପ୍ରାଧାନ୍ୟ ବିସ୍ତାର କରେ। ଏହି ଶାସନ ବ୍ୟବସ୍ଥା ଜନସାଧାରଣଙ୍କ ମତ ଅନୁସାରେ ଗଠିତ ହୁଏ। ଯେଉଁମାନେ ଲୋକପ୍ରତିନିଧି ହେବେ ସେମାନେ ସ୍ୱଚ୍ଛୋଟ, ସାଧୁ ଓ ବିଜ୍ଞ ବ୍ୟକ୍ତି ହେବା ଆବଶ୍ୟକ। ଏହି ପ୍ରକାର ଲୋକଙ୍କୁ ସାଧାରଣ ଜନତା ବାଛିବା ଜରୁରୀ। ଭ୍ରଷ୍ଟାଚାରୀ, ମୂର୍ଖ ଓ ଅସାଧୁମାନେ ନିର୍ବାଚିତ ହୋଇଆସିଲେ ଗଣତନ୍ତ୍ର ଦିଗହରା ହୋଇଯାଏ। ଜଣେ ମୂର୍ଖ କାହୁଁ ବୁଝିବ ଶିକ୍ଷାର ମୂଲ୍ୟ। ତେଣୁ ସେ ଚାହିଁବ ଶିକ୍ଷା ବ୍ୟବସ୍ଥା ଧ୍ୱଂସ ହେଉ ଓ ଲୋକମାନେ ତାଙ୍କପରି ମୂର୍ଖ ରହନ୍ତୁ। ଏମାନେ ଧର୍ମ, ଜାତି ଓ ଅଞ୍ଚଳ ନାମରେ ସମାଜକୁ ଭାଗଭାଗ କରନ୍ତି। ଜାତୀୟ ଐକକୁ ନଷ୍ଟ କରନ୍ତି। ଭୋଟପାଇଁ ଏମାନେ ସବୁ କରିପାରନ୍ତି। ଜଣେ ଭ୍ରଷ୍ଟାଚାରୀ ଲୋକପ୍ରତିନିଧି ଚାହିଁବ ଅଧିକରୁ ଅଧିକ କେତେ ଅର୍ଥକୁ ଆତ୍ମସାତ୍ କରାଯାଇପାରେ। ଲୋକମାନଙ୍କୁ କେତେ ଶୋଷଣ କରାଯାଇ ପାରେ। ବେଳେବେଳେ ଦଳେ ଲାଭଖୋରୀ ପୁଞ୍ଜିପତି ବୋଲକରା ଭ୍ରଷ୍ଟାଚାରୀକୁ ଉଚ୍ଚ ଆସନରେ ବସାଇବା ପାଇଁ ବହୁ ଅର୍ଥ ଖଟାନ୍ତି ଏବଂ ଜିତିଲା ପରେ ଇଚ୍ଛା ମୁତାବକ ଲକ୍ଷ ଲକ୍ଷ କୋଟି ଟଙ୍କା ସରକାରଙ୍କଠାରୁ ବିଭିନ୍ନ ଆଳରେ ମାରି ନିଅନ୍ତି। ରାଜନୀତି ବି ତାଙ୍କ ପାଇଁ ବେପାରରେ ପରିଣତ ହୁଏ। ବଡନେତା ଭ୍ରଷ୍ଟାଚାରୀ ଓ ଅବିବେକୀ ହେଲେ ଛୋଟ ନେତାମାନେ ବାଦ୍ ପଡ଼ିବେ କାହିଁକି। ସେମାନେବି ସମାନ ଢାଞ୍ଚାରେ ପଡ଼ନ୍ତି। ରାଜନୈତିକ ବ୍ୟବସ୍ଥା ଯେତେବେଳେ କଳୁଷିତ ହୋଇଯାଏ, ପ୍ରାଶାସନିକ ବ୍ୟବସ୍ଥା ମଧ୍ୟ କଳୁଷିତ ହୋଇଯାଏ। ଶାସକ ଓ ପ୍ରଶାସକ ମଧ୍ୟରେ ବୁଝାମଣା ହୋଇଯାଏ ଅର୍ଥ ଆତ୍ମସାତ୍ କରିବାର। ଫଳରେ ନାନା ଅନିୟମିତତା ଦେଖାଦିଏ। ପ୍ରିୟାପ୍ରୀତି ତୋଷଣ ବଢେ। ଗୁଣ୍ଡା, ଧର୍ଷଣକାରୀ, ମାଫିଆ, କଳାବଜାରୀ ପ୍ରଭୃତି ଲୋକମାନେ କ୍ଷମତା ବଳୟକୁ ପଶିଆସନ୍ତି। କ୍ରମେ ଗଣତାନ୍ତ୍ରିକ ମୂଲ୍ୟବୋଧ ହ୍ରାସ ପାଇବାରେ ଲାଗେ। ଗଣତନ୍ତ୍ରର ସମସ୍ତ ସ୍ତମ୍ଭକୁ ଭ୍ରଷ୍ଟ ଲୋକମାନେ କବଳିତ କରିନିଅନ୍ତୁ ଓ ନିଜ ଇଚ୍ଛାର ଶାସନ ଚଳାନ୍ତି। ଗଣତନ୍ତ୍ର ଧ୍ୱଂସାଭିମୁଖୀ ହୁଏ। ଚାରିଆଡ଼? ଅରାଜକତା ଦେଖାଦିଏ। ଭ୍ରଷ୍ଟାଚାରୀମାନେ ଜାଣିଜାଣି ଅରାଜକତା ସୃଷ୍ଟି କରନ୍ତି। ଫଳରେ ତାଙ୍କୁ ଏକଛତ୍ରବାଦୀ ଶାସନ ପ୍ରତିଷ୍ଠା କରିବାକୁ ସହଜ ହୁଏ। ଦେଶକୁ ଲୁଟିବାକୁ ସହଜ ହୁଏ। ଗଣତନ୍ତ୍ରକୁ ବଞ୍ଚାଇ ରଖିବାକୁ ହେଲେ ଓ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଉଚ୍ଚ ସୋପାନକୁ ନେଇଯିବାକୁ ହେଲେ ଜନସଚେତନତା ବଢାଇବାକୁ ହେବ। ସମସ୍ତଙ୍କୁ ସତର୍କ ରହିବାକୁ ହେବ ଯେଉଁପରି ଭ୍ରଷ୍ଟାଚାରୀ, ଅସାଧୁ ଓ ନିମ୍ନ ବିଚାରଧାରାର ଲୋକମାନେ ସାମ୍ବିଧାନିକ ପଦପଦବୀକୁ ନଯାନ୍ତି। ଅନ୍ୟଥା ଏମାନେ ସାଧାରଣ ଜନତାଙ୍କ ଆଦର୍ଶ ବନିଯିବେ ଓ ସାଧାରଣ ଜନତା ମଧ୍ୟ ଏମାନଙ୍କୁ ଆଦର୍ଶ ଭାବି ଅନୁସରଣ କରିବା ଆରମ୍ଭ କରିବେ। ରାଜାଙ୍କ ଗୁଣେ ପ୍ରଜା ହେଲାପରି ଏହି ନେତାଙ୍କ ଗୁଣେ ପ୍ରଜା ବନିଯିବେ। ଆମ ଦେଶର ରାଜନୈତିକ ବ୍ୟବସ୍ଥା ସାଧାରଣ ଜନତାଙ୍କୁ ବିଭ୍ରାନ୍ତ କରିଛି। ମଦ, ମାଂସ, ଟଙ୍କା ବାଣ୍ଟି ଗଣତାନ୍ତ୍ରିକ ବିଚାରଧାରାକୁ ନଷ୍ଟ କରିଦେଇଛନ୍ତି। ଜନସାଧାରଣ ମଧ୍ୟ ପ୍ରଲୋଭନର ଶିକାର ହେଉଛନ୍ତି। ଭଲମନ୍ଦ ବିଚାର କରାଯାଉ ନାହିଁ। କିଏ କେତେଦେବ ତାହା ଭୋଟ ଦେବାର ମାନଦଣ୍ଡ ହୋଇଯାଇଛି। ଫଳରେ ଅର୍ଥବଳି ଓ ବାହୁବଳିମାନେ କ୍ଷମତା ଦଖଲକରି ନେଇଛନ୍ତି। ଗଣତନ୍ତ୍ର ଧନତନ୍ତ୍ର ଓ ବଳତନ୍ତ୍ରରେ ପରିଣତ ହୋଇଛି। ରାଜନୈତିକ ଆଦର୍ଶ ଲୋପ ପାଇ ଯାଇଛି। ଦେଶବାସୀଙ୍କୁ ପୁଣି ବୌଦ୍ଧିକ ଆନ୍ଦୋଳନକୁ ଓହ୍ଲାଇବାକୁ ପଡିବ। ଆଦର୍ଶ ଉପରେ ପ୍ରତିଷ୍ଠିତ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସୁଦୃଢ କରିବାକୁ ପଡିବ। ସଚ୍ଚୋଟ, ଆଦର୍ଶବାଦୀ, ବିଜ୍ଞ ଓ ଦୂରଦୃଷ୍ଟିସମ୍ପନ୍ନ ବ୍ୟକ୍ତିବିଶେଷଙ୍କୁ ଶାସକର ଆସନରେ ବସାଇବାକୁ ହେବ। ଯେଉଁମାନେକି ସାଧାରଣ ଜନତାଙ୍କ ପାଇଁ ପ୍ରେରଣାର ଉତ୍ସ ହେବେ ତଥା ଅନୁକରଣୀୟ ବ୍ୟକ୍ତିତ୍ୱ ମଧ୍ୟ ହେବେ। ଫଳରେ 'ରାଜା ଗୁଣେ ପ୍ରଜା' ଉକ୍ତିର ଯଥାର୍ଥତା ପ୍ରତିପାଦନ ହେବ। ସ୍ୱଚ୍ଛ ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତିଷ୍ଠିତ ହେବ। ଆଦର୍ଶବାଦୀ ନେତୃତ୍ୱ ଦେଶପାଇଁ ମଙ୍ଗଳ ଦାୟକ ହେବ।

ବାରିପଦା, ମୟୁରଭଞ୍ଜ, ମୋ. ୭୦୦୮୯୭୬୧୮୦



# ରାଫେଲରେ ସ୍ୱଦେଶୀ କ୍ଷେପଣାସ୍ତ୍ର ବହନ କରିବାକୁ ସରକାରଙ୍କ ଯୋଜନା

**ନୂଆଦିଲ୍ଲୀ,୧୦।୪(ଏଜେନ୍ସି):** ପ୍ରତିରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ କରିବାକୁ ଭାରତ ୧୧୪ଟି ରାଫେଲ ଯୁଦ୍ଧବିମାନ କିଣିବାକୁ ଯାଉଛି । ତେବେ ସରକାର ଏଥିରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ କ୍ଷେପଣାସ୍ତ୍ର ଓ ଅସ୍ତ୍ରଶସ୍ତ୍ର ବ୍ୟବସ୍ଥା ପରିବହନ କରିବାକୁ ଯୋଜନା ରଖିଛନ୍ତି । ପ୍ରତିରକ୍ଷା ମନ୍ତ୍ରଣାଳୟ ଫ୍ରାନ୍ସ ଜେଟ୍ ନିର୍ମାତା ଡାସଲ୍ଟକୁ ଏହିପରି ପ୍ରସ୍ତାବ ପାଇଁ ଅନୁରୋଧ କରିବ ବୋଲି ଆଶା କରାଯାଉଛି । ଏହାପରେ ଚୁକ୍ତିନାମା ଆଲୋଚନା ଆଗେଇବ ବୋଲି କୁହାଯାଇଛି ।ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ ଫେବୃଆରି ୧୨ରେ ଏହି ଚୁକ୍ତିକୁ ମଞ୍ଜୁରି ଦେଇଥିଲା । ପ୍ରସ୍ତାବ ଅନୁଯାୟୀ ୧୮ଟି ଲଢୁଆ ବିମାନ ସିଧାସଳଖ ଫ୍ରାନ୍ସରୁ ଉଡ଼ିବା ସ୍ଥିତିରେ ଅଣାଯିବ ଓ ଅନ୍ୟ ୯୬ଟି ଭାରତରେ ୨୫ ପ୍ରତିଶତ ସ୍ୱଦେଶୀ ଜ୍ଞାନକୌଶଳ ଉପଯୋଗ କରି ନିର୍ମାଣ କରାଯିବ । ତେବେ ଫ୍ରାନ୍ସ ରାଫେଲ ନିର୍ମାତା ଡାସଲ୍ଟ ଭାରତକୁ ଯୁଦ୍ଧ ବିମାନର 'ସୋର୍ସ କୋଡ୍' ହସ୍ତାନ୍ତର



କରିବାକୁ ମନା କରିଦେବା ପରେ ଏହି ମେଗା ଡିଲ୍ ବାଧା ସୃଷ୍ଟି ହୋଇଛି ବୋଲି ଏକ ରିପୋର୍ଟରେ ଜଣାପଡ଼ିଛି। କୌଣସି ନିର୍ମାତା କମ୍ପାନି ଏହିସବୁ ସମ୍ବେଦନଶୀଳ ତଥ୍ୟ ଅନ୍ୟ ଦେଶକୁ ପ୍ରଦାନ କରେନାହିଁ। 'ସୋର୍ସ କୋଡ୍' ଯୁଦ୍ଧ ବିମାନକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରେ ଯେଉଁଥିରେ ଏଭିଓନିକ୍ସ, ଟାର୍ଗେଟ ଟ୍ରାକିଂ, ଉଡ଼ାଣ ନିୟନ୍ତ୍ରଣ, ଅସ୍ତ୍ର ପ୍ରକ୍ଷେପଣ ଏବଂ ଅସ୍ତ୍ର ମୁକ୍ତି ଆଲଗୋରିଦମ ଅନ୍ତର୍ଭୁକ୍ତ । ଏହି କୋଡ୍ ହେଉଛି ମୂଳ ଉପକରଣ ନିର୍ମାତାଙ୍କ ବୌଦ୍ଧିକ ସମ୍ପତ୍ତି, ଯାହା ନିକଟତମ ସହଯୋଗୀଙ୍କ ସହିତ ମଧ୍ୟ ସେୟାର କରାଯାଏ ନାହିଁ ବୋଲି ଜଣେ ଅଧିକାରୀ କହିଛନ୍ତି । ଭାରତର ଦୀର୍ଘକାଳୀନ ରଣନୈତିକ ସହଯୋଗୀ ରୁଷ୍ ମଧ୍ୟ ଭାରତକୁ ସୋର୍ସ କୋଡ ପ୍ରଦାନ କରିନଥାଏ ବୋଲି ଅଧିକାରୀ ଜଣକ କହିଛନ୍ତି ।

# ୨୦ ହଜାର ଛଟେଇ କରିବ ସ୍ପାଇସ୍ ଜେଟ୍

**ନୂଆଦିଲ୍ଲୀ,୧୦।୪(ଏଜେନ୍ସି):**ଦେଶର ଘରୋଇ ବିମାନ କମ୍ପାନି ସ୍ପାଇସଜେଟ୍ ଏକ ଗମ୍ଭୀର ସଙ୍କଟର ସମ୍ମୁଖୀନ ହୋଇଛି । କମ୍ପାନି ଏହାର କର୍ମଚାରୀ ସଂଖ୍ୟା ୨୦% ହ୍ରାସ କରିବାକୁ ନିଷ୍ପତ୍ତି ନେଇଛି । ଏଥି ସହିତ ୫୦୦ରୁ ଅଧିକ କର୍ମଚାରୀଙ୍କୁ ବିନା ଦରମାରେ ଛୁଟିରେ ପଠାଇବା ଉପରେ ବିଚାର କରୁଛି । କମ୍ପାନିର ୬୮୦୦ କର୍ମଚାରୀ ଅଛନ୍ତି । ବର୍ତ୍ତମାନ କମ୍ପାନି ପାଖରେ ଆଉ ମାତ୍ର ୧୩ଟି ବିମାନ ରହିଛି । ସେଥିରୁ ୧୦ଟି ବୋଇଂ ୭୭୭-୨୦୦ ଓ ତିନିଟି କ୍ୟୁ୪୦୦ ରହିଛି । କମ୍ପାନିର ବରିଷ୍ଠ ଅଧିକାରୀମାନେ ଗତ ଜାନୁଆରି ମାସରୁ ସେମାନଙ୍କର ଦରମା ପାଇନାହାଁନ୍ତି । ଅନ୍ୟ କର୍ମଚାରୀମାନେ ଦୁଇରୁ ତିନି ମାସ ବିଳମ୍ବରେ ସେମାନଙ୍କର ଦରମା ପାଉଛନ୍ତି । କମ୍ପାନି ଉପରେ ଜିଏସ୍ଟି, ଟିଡିଏସ୍ ଓ ପିଏଫ୍ ପେମେଣ୍ଟ ବାବଦକୁ ୧୦୦ କୋଟି ଟଙ୍କାରୁ ଅଧିକ ବକେୟା ରହିଛି । ପାଇଲଟମାନଙ୍କ ପାଇଁ ଏକ ନୂତନ ନିୟମ ପ୍ରଚଳନ କରାଯାଇଛି । ସେମାନଙ୍କୁ ୨୧ ଦିନ କାମ କରିବାକୁ ପଡିବ ଓ ନଅ ଦିନ ଛୁଟି ନେବାକୁ ହେବ । କମ୍ପାନି ଏହାର କ୍ୟାପଟେନ୍ମାନଙ୍କ ମାସିକ ଦରମା ୭.୫ ଲକ୍ଷ ଟଙ୍କାରୁ ୬ ଲକ୍ଷ ଟଙ୍କାକୁ ହ୍ରାସ କରିବ । ଗତ ଜୁଲାଇ-ସେପ୍ଟେମ୍ବର ତ୍ରୈମାସିକରେ ଏୟାରଲାଇନର



କ୍ଷତି ୬୨୧ କୋଟି ଟଙ୍କାକୁ ବୃଦ୍ଧି ପାଇଛି, ଯାହା ପୂର୍ବବର୍ଷର ସମାନ ତ୍ରୈମାସିକରେ ୪୫୮ କୋଟି ଟଙ୍କା ଥିଲା । ସ୍ପାଇସ୍ ଜେଟ୍ ଦ୍ୱିତୀୟ ତ୍ରୈମାସିକରେ ଅନେକ ବିମାନକୁ ଠିଆ କରାଇଥିଲା, ଯାହା ଫଳରେ ୨୯୭ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା । ନୂଆ ବିମାନ ଉଡ଼ାରେ ଆଣିବା ପରେ ପରିଚାଳନା ଖର୍ଚ୍ଚ ବିଥିଲା । ଅନ୍ୟ ପକ୍ଷରେ ଯୁଦ୍ଧ ପାଇଁ ଯୋଗାଣ ଶୃଙ୍ଖଳା ସମସ୍ୟା ଯୋଗୁଁ ପାର୍ଟସ ଓ ଇଞ୍ଜିନର ଅଭାବ ଦେଖାଦେଇଛି । ଇଞ୍ଜିନ ମରାମତିରେ ବିଳମ୍ବ ଯୋଗୁଁ ଅନେକ ସ୍ପାଇସଜେଟ୍ ବିମାନକୁ ଠିଆ। କରାଯାଇଥିଲା । ଏହା ଫଳରେସ୍ପାଇସଜେଟ୍ ହେଉଛି ଭାରତର ସୁଲଭ ମୂଲ୍ୟର ବିମାନ କମ୍ପାନି । ଏହା ଭାରତ ମଧ୍ୟରେ ୪୮ଟି ସ୍ଥାନ ଓ ୪୦୦୦ ଆନ୍ତର୍ଜାତୀୟ ସ୍ଥାନକୁ ପ୍ରତିଦିନ ପ୍ରାୟ ୨୫୦ଟି ବିମାନ ଚଳାଚଳ କରୁଛି । ସ୍ପାଇସଜେଟର ଫ୍ଲିଟ୍ରେ ବୋଇଂ ୭୩୭ ମ୍ୟାକ୍ସ, ବୋଇଂ ୭୦୦ ଓ କ୍ୟୁ ୪୦୦ ବିମାନ ରହିଛି। ସ୍ପାଇସଜେଟ୍ ବ୍ରାଣ୍ଡ ୨୦୦୪ ମସିହାରେ ଆରମ୍ଭ ହୋଇଥିଲା । ଏସ୍ କେ ମୋଦିଙ୍କ ମାଲିକାନାରେ ଥିବା ଏକ ଏୟାର ଟ୍ୟାକ୍ସି କମ୍ପାନି ଭାବେ ତାହା କାମ କରୁଥିଲା । ଏହା ୧୯୯୬ ମସିହାରେ ବନ୍ଦ ହୋଇଯାଇଥିଲା । ୨୦୦୪ ମସିହାରେ ଉଦ୍ୟୋଗୀ ଅଜୟ ସିଂହଙ୍କ ଉଦ୍ୟମରେ ତାହା ପୁଣି ଆରମ୍ଭ ହୋଇଥିଲା । ସ୍ପାଇସଜେଟର ପ୍ରଥମ ଉଡ଼ାଣ ୨୦୦୫ରେ ଏକ ଭଡା ନିଆଯାଇଥିବା ବୋଇଂ ୭୩୭-୮୦୦ ବ୍ୟବହାର ନୂଆଦିଲ୍ଲୀ-ମୁମ୍ବାଇ ରୁଟରେ ଆରମ୍ଭ ହୋଇଥିଲା ।

# ଭାରତର ଅଭିବୃଦ୍ଧି ୭.୩% କୁ ବଢ଼ିବ

**ନୂଆଦିଲ୍ଲୀ,୧୦।୪(ଏଜେନ୍ସି):** ଏସିଆନ ଡେଭେଲପ୍ମେଣ୍ଟ ବ୍ୟାଙ୍କ (ଏଡିବି) ୨୦୨୬-୨୭ ପାଇଁ ଭାରତର ଅଭିବୃଦ୍ଧି ଆକଳନକୁ ୭.୩ ପ୍ରତିଶତକୁ ବୃଦ୍ଧି କରିଛି। ଏହା ଗତ ଡିସେମ୍ବରରେ କରାଯାଇଥିବା ୬.୫ ପ୍ରତିଶତ ଆକଳନ ତୁଳନାରେ ପ୍ରାୟ ୮୦ ପଏଣ୍ଟ ପ୍ରତିଶତ ଅଧିକ । ଅର୍ଥନୈତିକ ସଂସ୍କାର, ୟୁରୋପ ସହ ବାଣିଜ୍ୟ ରାଜିନାମା ଓ ସରକାରୀ କର୍ମଚାରୀଙ୍କ ବେତନରେ ବୃଦ୍ଧି ହେବାକୁ ଯାଉଥିବାରୁ ଭାରତରେ ଉପଯୋଗିତା ବଢ଼ିବ । ତାହାର ପ୍ରଭାବରେ ଅର୍ଥନୀତିର ଗତି ତ୍ୱରାନ୍ୱିତ ହେବ ବୋଲି ଏଡିବି କହିଛି । ଦୃଢ ଘରୋଇ ଉପଯୋଗିତା, ସାର୍ବଜନୀନ ଭିତ୍ତିଭୂମି ନିର୍ମାଣରେ ନିବେଶ ଓ ଉନ୍ନତ କର୍ପୋରେଟ୍ ବ୍ୟବସାୟ ପ୍ରଭାବରେ ଭାରତ ବିଶ୍ୱର ଅନ୍ୟତମ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ହୋଇ ରହିବ ବୋଲି ଏଡିବି ଏହାର ୨୦୨୬ ଏସୀୟ ବିକାଶ ଆଉଟଲୁକରେ ଜଣାଇଛି ।ଭାରତୀୟ ଅର୍ଥନୀତି ପ୍ରତି ରହିଥିବା ବିପଦ ସମ୍ପର୍କରେ ଆଲୋଚନା କରି ଏଡିବି ଜଣାଇଛି ଯେ ଇରାନ ଯୁଦ୍ଧ ଭଳି ଭୂରାଜନୈତିକ ସଙ୍କଟ, ତେଲ ମୂଲ୍ୟରେ ବୃଦ୍ଧି, ଦୁର୍ବଳ ଆର୍ଥିକ ସ୍ଥିତି ଓ ରପ୍ତାନି ହ୍ରାସ ପାଇବା ଦ୍ୱାରା ଦେଶର ଅର୍ଥନୀତି ପ୍ରଭାବିତ ହେବା ଆଶଙ୍କା ରହିଛି । ତେବେ ୨୦୨୫-୨୬ରେ ଭାରତର ଅଭିବୃଦ୍ଧି ୬.୯ ପ୍ରତିଶତକୁ ଖସିଆସିବ ବୋଲି ଏଡିବି ପୂର୍ବାନୁମାନ କରିଛି ଯାହା ଏହାର ଡିସେମ୍ବର ଆକଳନ ୭.୨ ପ୍ରତିଶତ ତୁଳନାରେ କମ୍ । ମୁଦ୍ରାସ୍ଫୀତି ସମ୍ପର୍କରେ ଏଡିବି କହିଛି ଯେ ୨୦୨୫-୨୬ରତୋହା ୪.୫ ପ୍ରତିଶତକୁ ବୃଦ୍ଧି ପାଇବ ଓ ୨୦୨୬-୨୭ରେ ୪ ପ୍ରତିଶତକୁ ହ୍ରାସ ପାଇବ । ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବରେ ଭାରତର ଚଳନ୍ତୀ ଖାତା ନିଅଣ୍ଟ ବଢିବା ଆଶଙ୍କା ରହିଛି । ଆମଦାନିରେ ଅଧିକ ଖର୍ଚ୍ଚ ହେବା ଓ ସ୍ୱଦେଶକୁ ଭାରତୀୟମାନେ ପଠାଉଥିବା ପାଣ୍ଠି ପରିମାଣ କମିବ ବୋଲି ଏଡିବି ଜଣାଇଛି । ମଧ୍ୟପ୍ରାଚ୍ୟ ଯୁଦ୍ଧ ଜାରି ରହିଲେ ତାହାର ପ୍ରଭାବରେ ତେଲ ଦର ବଢିବ, ଯୋଗାଣ ଶୃଙ୍ଖଳା ବ୍ୟାହତ ହେବ, ସ୍ୱଦେଶକୁ ପାଣ୍ଠି ପ୍ରେରଣ ହ୍ରାସ ପାଇବ ଏବଂ ଅଭିବୃଦ୍ଧି କମିବ ବୋଲି ଏଡିବି ସତର୍କ କରାଇଛି ।

# ଇରାନ ଉପରେ ୪୦ ଦିନରେ ଇସ୍ରାଏଲ ପକାଇଛି ୧୮ ହଜାର ବୋମା

**ନୂଆଦିଲ୍ଲୀ,୧୦।୪(ଏଜେନ୍ସି):** ଇରାନ ବିରୋଧରେ ଆମେରିକା ଓ ଇସ୍ରାଏଲ ଫେବୃଆରି ୨୮ରୁ ଯୁଦ୍ଧ ଆରମ୍ଭ କରିଥିବାବେଳେ ଏକୁଟିଆ ତେଲ ଅଭିଭ ତେହେରାନ ଉପରେ ୧୮୦୦୦ ବୋମା ମାଡ଼ କରିଛି । ଇସ୍ରାଏଲ ସେନାର ଏକ ରିପୋର୍ଟ ଅନୁଯାୟୀ ଇରାନର ୪୦୦୦ ରୁ ଅଧିକ ଠିକଣା ଉପରେ ଏହି ବୋମା ମାଡ଼ ହୋଇଥିଲା। ଏହି ଆକ୍ରମଣରେ ଇରାନର ସେନ୍ୟ ଶକ୍ତି ତଥା ପ୍ରତିରକ୍ଷା ଭିତ୍ତିଭୂମି ଗଭୀର ଭାବେ କ୍ଷତିଗ୍ରସ୍ତ ହୋଇଥିବା କୁହାଯାଇଛି । ଇସ୍ରାଏଲ ୪୦ ଦିନର ଏହି ଯୁଦ୍ଧ 'ଅପରେସନ୍ ରୋରିଂ ଲାୟନ'ର



ସବିଶେଷ ତଥ୍ୟ ରଖିଛି । ଏହି ସମୟରେ ଇରାନର ବାୟୁସେନା ୮,୫୦୦ ଥର ଉଡ଼ାଣ କରିଥିଲା, ଏଥିରେ ୧୦୦୦ ଥର କେବଳ ଇରାନ ସୀମା ଭିତରେ ପଶି ଆକ୍ରମଣ କରାଯାଇଥିଲା । ଇସ୍ରାଏଲ ଇରାନର ୧୦,୮୦୦ ରୁ ଅଧିକ ଷ୍ଟ୍ରାଇକିଂ ପଏଣ୍ଟରେ ଆକ୍ରମଣ କରିଥିଲା, ଯେଉଁଥିରେ କେବଳ ୬,୭୦୦ ସାମରିକ ଭିତ୍ତିଭୂମି ରହିଥିଲା । ଆମେରିକା ଓ ଇରାନ ମଧ୍ୟରେ ଯୁଦ୍ଧ ବିରତି ଘୋଷଣା ହୋଇଥିବାବେଳେ ଇସ୍ରାଏଲ ଆକ୍ରମଣ ବନ୍ଦ କରିନାହିଁ । ଇସ୍ରାଏଲ ଲଗାତର ଦକ୍ଷିଣ ଲେବାନନ୍ ଉପରେ ଆକ୍ରମଣ କରୁଛି । ଇରାନ ଲେବାନନ୍ ଉପରେ ଆକ୍ରମଣକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରୁଛି । ତେବେ ଲେବାନନ୍ ସହିତ ଖୁବ୍‌ଶୀଘ୍ର ଆଲୋଚନା ହେବ ବୋଲି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଆଶ୍ୱାସନା ଦେଇଛନ୍ତି । ଲେବାନନ୍ ଉପରେ ଆକ୍ରମଣକୁ ନେଇ ଆମେରିକା ଓ ଇରାନ ମଧ୍ୟ ଯୁଦ୍ଧବିରତି ସୂତା ଖୁଅରେ ଝୁଲିଛି । ଲେବାନନ୍ ବାରମ୍ବାର ଆଲୋଚନା ପାଇଁ ଅନୁରୋଧ କରୁଥିବାରୁ ନେତାନ୍ୟାହୁ ତାଙ୍କ କ୍ୟାବିନେଟକୁ କଥାବାର୍ତ୍ତା ଶୀଘ୍ର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ହିଜବୁଲ୍ଲାକୁ ନିରସ୍ତ୍ର କରିବା ତଥା ଲେବାନନ ସହିତ ସୁସମ୍ପର୍କ ସ୍ଥାପନ କରିବା ଏହି ଆଲୋଚନାର ପ୍ରମୁଖ ବିଷୟ ହେବ ବୋଲି ନେତାନ୍ୟାହୁ କହିଛନ୍ତି । ତେବେ ଲେବାନନ୍ ସହିତ ଆଲୋଚନା ନ ହେବା ପର୍ଯ୍ୟନ୍ତ ହିଜବୁଲ୍ଲା ସହିତ ଯୁଦ୍ଧବିରତି ହେବ ନାହିଁ ବୋଲି ଇସ୍ରାଏଲ ଅଧିକାରୀ କହିଛନ୍ତି । ଆମେରିକାର ବିଦେଶ ବିଭାଗ କହିଛି ଯେ, ଇସ୍ରାଏଲ ଏବଂ ଲେବାନନ ଆସନ୍ତା ସପ୍ତାହରେ ୱାସିଂଟନରେ ଆଲୋଚନା ଆରମ୍ଭ କରିବେ । ୧୯୪୮ ମସିହାରେ ଇସ୍ରାଏଲ ପ୍ରତିଷ୍ଠିତ ହେବା ପରଠାରୁ ଦୁଇ ଦେଶ ବୈଷୟିକ ଭାବରେ ଯୁଦ୍ଧରେ ଅଛନ୍ତି । ଲେବାନନ୍ ଗତ ୨୪ ଘଣ୍ଟା ହେଲା ଯୁଦ୍ଧ ବିରତି କରିବାକୁ ଅନୁରୋଧ କରିଆସୁଛି । ଇରାନ ସହିତ ଶାନ୍ତି ଆଲୋଚନା ପରିପ୍ରେକ୍ଷୀରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ଇସ୍ରାଏଲକୁ ଲେବାନନ୍ ଉପରେ ଆକ୍ରମଣ କମ୍ କରିବାକୁ ପରାମର୍ଶ ଦେଇଛନ୍ତି ।

## ସେନ୍ସେକ୍ସରେ ୯୧୮ ପଏଣ୍ଟ ବୃଦ୍ଧି

**ନୂଆଦିଲ୍ଲୀ,୧୦।୪(ଏଜେନ୍ସି):**ଚଳିତ ସପ୍ତାହର ଶେଷ କାରବାର ଦିନରେ ଆଜି ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍ସେକ୍ସ ୯୧୮ ପଏଣ୍ଟ ବୃଦ୍ଧି ପାଇ ୭୭,୫୫୦ ପଏଣ୍ଟରେ ବନ୍ଦ ହୋଇଛି । ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ୨୭୫.୫୦ ପଏଣ୍ଟ ବୃଦ୍ଧି ପାଇ ୨୪,୦୫୦ ପଏଣ୍ଟରେ ବନ୍ଦ ହୋଇଛି । ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ଅନିଶ୍ଚିତତା ଲାଗି ରହିଥିବାରୁ ନିବେଶକମାନେ ସତର୍କ ହୋଇ କାରବାର କରୁଛନ୍ତି । ଯୁଦ୍ଧ ବନ୍ଦ ହେବା ସମ୍ଭାବନା ସୃଷ୍ଟି ହେବା ଓ ଅଶୋଧିତ ତେଲ ମୂଲ୍ୟରେ ହ୍ରାସ ଘଟିଥିବାରୁ ନିବେଶକମାନଙ୍କ ମନୋବଳ ବାଇବାରେ ତାହା ସହାୟକ ହୋଇଛି । ଆଜି ଏସିଆନ ପେଣ୍ଟ୍ସର ସେୟାର ମୂଲ୍ୟ ୩.୮୪ ପ୍ରତିଶତ, ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ୍ର ୩.୨୨ ପ୍ରତିଶତ, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରାର ୨.୯୮ ପ୍ରତିଶତ, ଇଣ୍ଡିଗୋର ୨.୭୭ ପ୍ରତିଶତ ଓ ଆକ୍ସିସ୍ ବ୍ୟାଙ୍କର ସେୟାର ମୂଲ୍ୟ ୨.୪୯ ପ୍ରତିଶତ ବୃଦ୍ଧି ପାଇଛି । ସେହି ସମୟରେ ସନ୍ ଫାର୍ମାସ୍ୟୁଟିକାଲ୍ ଇଣ୍ଡଷ୍ଟ୍ରିଜ୍, ଇନ୍ଫୋସିସ୍, ଟାଟା କନ୍ସଲ୍ଟାନ୍ସି ସର୍ଭିସେସ୍, ଟେକ୍ ମହିନ୍ଦ୍ରା ଓ ଏଚ୍‌ସିଏଲ୍ ଟେକ୍ନୋଲୋଜିସର ସେୟାର ମୂଲ୍ୟ ହ୍ରାସ ପାଇଛି ।

# ଯମୁନା ନଦୀରେ ଓଲଟିଲା ଡଙ୍ଗା, ଚାଲିଗଲା ୧୦ ଜୀବନ

**ନୂଆଦିଲ୍ଲୀ,୧୦।୪(ଏଜେନ୍ସି):**ଯମୁନା ନଦୀରେ ଓଲଟିଲା ଡଙ୍ଗା । ମଥୁରା ଜିଲ୍ଲା ବୃନ୍ଦାବନରୁ ଅଘଟଣ ଖବର । ଶେଷ ଖବର ସୁଦ୍ଧା ୧୦ ଜଣ ପ୍ରାଣ ହରାଇଥିବାବେଳେ ୧୫ ଜଣ ଶ୍ରଦ୍ଧାଳୁ ଉଦ୍ଧାର ହୋଇଛନ୍ତି । ସ୍ଥାନୀୟ ଲୋକ ଏବଂ ପ୍ରଶାସନ ତରଫରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ୮ରୁ ଅଧିକ ଏବେ ମଧ୍ୟ ନିଖୋଜ ରହିଛନ୍ତି । ଖବର ମୁତାବକ, ଉତ୍ତରପ୍ରଦେଶ ବୃନ୍ଦାବନର କେଶି ଘାଟରେ ଯମୁନା ନଦୀରେ ଡଙ୍ଗା ବୁଡ଼ିବାରୁ ୧୦ ଜଣ ଶ୍ରଦ୍ଧାଳୁଙ୍କ ପ୍ରାଣ ଚାଲିଯାଇଛି । ଡଙ୍ଗାରେ ଥିବା ଲୋକଙ୍କ ମଧ୍ୟରୁ ଅଧିକ ନିଖୋଜ ରହିଛନ୍ତି । ଡଙ୍ଗାରେ ୩୩ ଜଣ ଯାତ୍ରୀ ଥିଲେ ବୋଲି ଜଣାପଡିଛି । ଘଟଣା ସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଯମୁନା ନଦୀରେ ସର୍ଚ୍ଚ ଅପରେସନର ଜାରି ରହିଛି । ବୁଡ଼ାଳି ନିଖୋଜ ଲୋକଙ୍କୁ ଖୋଜୁଛନ୍ତି । ମଥୁରା ଜିଲ୍ଲା ପ୍ରଶାସନ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ପରଖୁଛନ୍ତି । ଡଙ୍ଗା ବୁଡ଼ିବା ପରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଘଟଣା ବିଷୟରେ ତଦାରଖ କରିଛନ୍ତି । ମୃତକଙ୍କ ପରିବାର ପ୍ରତି ଗଭୀର ସମବେଦନା ଜଣାଇବା ସହିତ ଦୁଃଖ ପ୍ରକାଶ କରିଛନ୍ତି । ଉଦ୍ଧାର କାର୍ଯ୍ୟ ଯଥାଶୀଘ୍ର କରିବା ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯୋଗୀ । ମୃତକଙ୍କ ପରିବାରକୁ ଉଚିତ କ୍ଷତିପୂରଣ ଦେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ମାଜିଷ୍ଟ୍ରେଟ୍ ଚନ୍ଦ୍ର ପ୍ରତାପ ସିଂହ ଦୁର୍ଘଟଣା ବିଷୟରେ ସୂଚନା ଦେଇ କହିଛନ୍ତି ଯେ ଦୁର୍ଘଟଣାରେ ଏପର୍ଯ୍ୟନ୍ତ ୧୦ ଜଣଙ୍କର ମୃତ୍ୟୁ ହୋଇଛି । ୧୫ ଜଣଙ୍କୁ ଉଦ୍ଧାର କରାଯାଇଛି । ଉଦ୍ଧାରକାରୀ ଦଳ ଅନ୍ୟମାନଙ୍କୁ ଖୋଜୁଛନ୍ତି ।

# ପୋଖରାନରେ ଗର୍ଜିଲା 'ଆପାଚେ'

**ନୂଆଦିଲ୍ଲୀ,୧୦।୪(ଏଜେନ୍ସି):**ଭାରତୀୟ ସେନା ନିଜର ଶକ୍ତିଶାଳୀ ରୂପ ଦେଖାଇ ଶତ୍ରୁ ଶିବିରରେ କମ୍ପନ ସୃଷ୍ଟି କରିଛି । ରାଜସ୍ଥାନର ପୋଖରାନ ଫାୟାରିଂ ରେଞ୍ଜରେ ସେନା ପକ୍ଷରୁ 'ବ୍ରହ୍ମାସ୍ତ୍ର' ନାମକ ଏକ ସ୍ୱତନ୍ତ୍ର ଲାଇଭ୍ ଫାୟାରିଂ ଅଭ୍ୟାସ କରାଯାଇଛି । ଏହି ଅଭ୍ୟାସ ସମୟରେ ବିଶ୍ୱର ସବୁଠୁ ଘାତକ ଆଟାକ୍ ହେଲିକପ୍ଟର 'ବୋଇଂ AH-64 ଆପାଚେ' ନିଜର ପ୍ରଳୟଙ୍କାରୀ ରୂପ ପ୍ରଦର୍ଶନ କରିଛି । ଏହି ସମର ଅଭ୍ୟାସ ସମୟରେ ଆପାଚେ ହେଲିକପ୍ଟରଗୁଡ଼ିକ ଅତି ସଠିକତାର ସହ ଶତ୍ରୁର କୃତ୍ରିମ ଘାଟିଗୁଡ଼ିକୁ ଧ୍ୱଂସ କରିଥିଲେ । ଅଭ୍ୟାସ ବେଳେ AGM-114 ହେଲଫାୟାର ମିସାଇଲ୍, ଅତ୍ୟାଧୁନିକ ରକେଟ୍ ଏବଂ ଅଟୋମେଟେଡ ଗନ୍ ସିଷ୍ଟମର ବ୍ୟବହାର କରାଯାଇଥିଲା ।ପାଇଲଟ୍ ଏବଂ ଗ୍ରାଉଣ୍ଡ କ୍ରୁ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରିବା ସହ ଯୁଦ୍ଧ ସମୟରେ କିଭଳି କମ୍ ସମୟରେ ସଠିକ୍ ଲକ୍ଷ୍ୟଭେଦ କରାଯାଇପାରିବ, ତାହାର ପରୀକ୍ଷା କରାଯାଇଥିଲା । ବୋଇଂ AH-64 ଆପାଚେ ହେଉଛି ଦୁନିଆର ସବୁଠୁ ଶକ୍ତିଶାଳୀ ମଲ୍ଟି-ରୋଲ୍ କମ୍ବାଟ୍ ହେଲିକପ୍ଟର ଯକର୍ଣ୍ଣେଲ ବିକ୍ରାନ୍ତ ଶର୍ମାଙ୍କ କହିବା ଅନୁଯାୟୀ, ଆଧୁନିକ ଯୁଦ୍ଧରେ ସ୍ଥଳସେନାକୁ ତୁରନ୍ତ ସହାୟତା ଯୋଗାଇବାରେ ଆଟାକ୍ ହେଲିକପ୍ଟରର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ହେଲିକପ୍ଟରଗୁଡ଼ିକର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ସ୍ଥଳସେନାର କମାଣ୍ଡରଙ୍କ ପାଖରେ ରହିଥାଏ, ଯାହା ଫଳରେ ଯୁଦ୍ଧ କ୍ଷେତ୍ରରେ ଥିବା ସୈନିକମାନଙ୍କୁ ଶୀଘ୍ର ଆକାଶମାର୍ଗରୁ ସୁରକ୍ଷା ଓ ଫାୟାର ସପୋର୍ଟ ମିଳିପାରିବ । ଭାରତୀୟ ସେନାରେ ଆପାଚେର ସାମିଲ ହେବା ଏବଂ ପୋଖରାନରେ ଏହାର ସଫଳ ପ୍ରଦର୍ଶନ ଦର୍ଶାଉଛି ଯେ, ଭାରତୀୟ ସେନା ଏବେ ଯେକୌଣସି ଆହ୍ୱାନର ସାମ୍ନା କରିବାକୁ ପୂର୍ଣ୍ଣ ପ୍ରସ୍ତୁତ ।

# ପବନ ଖେଡ଼ାଙ୍କୁ ଆଗୁଆ ଜାମିନ ପ୍ରଦାନ କଲେ ତେଲେଙ୍ଗାନା ହାଇକୋର୍ଟ

**ନୂଆଦିଲ୍ଲୀ,୧୦।୪(ଏଜେନ୍ସି):**ତେଲେଙ୍ଗାନା ହାଇକୋର୍ଟ ଶୁକ୍ରବାର କଂଗ୍ରେସ ନେତା ତଥା ମୁଖପାତ୍ର ପବନ ଖେଡାଙ୍କୁ ଏକ ସପ୍ତାହ ପାଇଁ ଆଗୁଆ ଜାମିନ ପ୍ରଦାନ କରିଛନ୍ତି । ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ ପତ୍ନୀ ରିନିକି ଭୂୟାଁ ଶର୍ମା ଏକାଧିକ ପାସପୋର୍ଟ ରଖିବା ସମ୍ପର୍କିତ ମାମଲାରେ ଖେଡାଙ୍କ ନାଁରେ ମାମଲା ରୁଜୁ ହୋଇଥିଲା । ଜଷ୍ଟିସ କେ ସୁଜାନା ରାୟ ପ୍ରକାଶ କରି କହିଛନ୍ତି, କୋର୍ଟରେ ଆବେଦନ ଦାଖଲ କରିବା ପାଇଁ ଖେଡାଙ୍କୁ ଗୋଟିଏ ସପ୍ତାହ ସମୟ ଦିଆଯାଇଛି । ଖେଡ଼ାଙ୍କ ନାଁରେ ଗୁଆହାଟି କ୍ରାଇମ ବ୍ରାଞ୍ଚ ପୁଲିସ ଥାନାରେ ବିଏନ୍‌ଏସର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଛି । ଖେଡ଼ା ଏପ୍ରିଲ ୫ ତାରିଖରେ ଅଭିଯୋଗ କରିଥିଲେ ଯେ, ଆସାମ



ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ପତ୍ନୀ ରିନିକି ଭୂୟାଁ ଶର୍ମାଙ୍କର ତିନିଟି ଦେଶର ପାସପୋର୍ଟ, ବିଦେଶରେ ସମ୍ପତ୍ତି ଓ କମ୍ପାନି ରହିଛି । ଏହିସବୁ ସମ୍ପତ୍ତି ସମ୍ପର୍କରେ ବିଶ୍ୱଶର୍ମା ତାଙ୍କ ର୍ନିବାଚନୀ ସତ୍ୟପାଠରେ ଉଲ୍ଲେଖ କରିନାହାନ୍ତି । ତେବେ ବିଶ୍ୱଶର୍ମା ଅଭିଯୋଗ କରିଥିଲେ ଯେ, ଅଭିଯୋଗ କରିବା ପୂର୍ବରୁ କଂଗ୍ରେସ କାଗଜପତ୍ର ଯାଞ୍ଚ କରିନଥିଲା । ହାଇଦ୍ରାବାଦରେ ଖେଡ଼ାଙ୍କର ଘର ଥିବାରୁ ଏଠାରୁ ସେ ଆଗୁଆ ଜାମିନ ପାଇଁ ଆବେଦନ ଦାଖଲ କରିଥିଲେ । ତେବେ ହାଇକୋର୍ଟରେ ଆସାମ ପୁଲିସ ପକ୍ଷରୁ ଉପସ୍ଥିତ ଦେବଜିତ ସାଇକିଆ ଯୁକ୍ତି ଦେଇଥିଲେ ଯେ, ପୁଲିସ ଅଧିକାରୀମାନେ ଖେଡ଼ାଙ୍କ ଦିଲ୍ଲୀ ବାସଭବନରେ ପହଞ୍ଚିବା ପରେ ସେ ଗିରଫଦାରୀକୁ ଏଡ଼ାଇବାକୁ ହାଇଦ୍ରାବାଦ ଚାଲି ଆସିଥିଲେ । ଖେଡ଼ାଙ୍କ ପାଇଁ ବରିଷ୍ଠ ଓକିଲ ଅଭିଷେକ ମନୁ ସିଂଘବୀ କୋର୍ଟରେ ଉପସ୍ଥିତ ହୋଇ ଯୁକ୍ତି କରିଥିଲେ ଯେ, ଖେଡ଼ାଙ୍କ ବିରୋଧରେ ରାଜନୈତିକ ଉଦ୍ଦେଶ୍ୟ ରଖି ଏହି ଅପରାଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।

## ପଶ୍ଚିମବଙ୍ଗ ପାଇଁ ବିଜେପି ଇସ୍ତାହାର ଘୋଷଣା

# ବିଜେପି କ୍ଷମତାକୁ ଆସିଲେ ମହିଳାଙ୍କୁ ମାସିକ ୩୦୦୦ ଟଙ୍କା

**ନୂଆଦିଲ୍ଲୀ,୧୦।୪(ଏଜେନ୍ସି):** କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଶୁକ୍ରବାର ପଶ୍ଚିମବଙ୍ଗ ପାଇଁ ବିଜେପିର ନିର୍ବାଚନୀ ଇସ୍ତାହାର ଘୋଷଣା କରିଛନ୍ତି । ଶାହ କହିଛନ୍ତି ଯେ, ପଶ୍ଚିମବଙ୍ଗରେ ଯଦି ବିଜେପି କ୍ଷମତାକୁ ଆସେ ତାହାହେଲେ ମହିଳାଙ୍କୁ ମାସିକ ୩୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବ । ଏହାସହିତ ୬ ମାସ ଭିତରେ ସମାନ ନାଗରିକ ସଂହିତା (ୟୁସିସି) ଲାଗୁ କରିବ ବୋଲି କହିଛନ୍ତି । କୋଲକାତାରେ ଏକ କାର୍ଯ୍ୟକ୍ରମରେ ବିଜେପି ସଙ୍କଳ୍ପ ପତ୍ର ଜାରି କରି ଅମିତ ଶାହ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଗତ ୧୫ ବର୍ଷର ଶାସନକୁ କଳା ଅଧ୍ୟାୟ ବୋଲି କହିଛନ୍ତି । ଲୋକମାନେ ଏବେ ଭୟଭୀତ ଅଛନ୍ତି ଓ ଶାସନରେ ପରିବର୍ତ୍ତନ ଚାହୁଁଛନ୍ତି । ବିଜେପିର ସଙ୍କଳ୍ପ ପତ୍ର ସବୁ ବର୍ଗକୁ ଲକ୍ଷ୍ୟ କରି ପ୍ରସ୍ତୁତ କରାଯାଇଛି ବୋଲି ଅମିତ ଶାହ କହିଛନ୍ତି । ପଶ୍ଚିମବଙ୍ଗରେ ଲୋକମାନେ ଭୟଭୀତ ଓ ନିରାଶ ଅଛନ୍ତି ଏବଂ ହୃଦୟରୁ ପରିବର୍ତ୍ତନ ଚାହୁଁଛନ୍ତି ବୋଲି ଶାହ କହିଛନ୍ତି । ଏହି ଇସ୍ତାହାର ପ୍ରଧାନମନ୍ତ୍ରୀ



ମୋଦୀଙ୍କ ଦ୍ୱାରା ପରିକଳ୍ପିତ ବିକଶିତ ଭାରତ ପାଇଁ ରୋଡମ୍ୟାପ୍‌ର ଅନୁପ୍ରବେଶ, ଗୋ ଚାଲାଣ ପ୍ରତି ଶୂନ୍ୟ ସହନଶୀଳତା ପ୍ରଦର୍ଶନ କରାଯିବ ବୋଲି ଶାହ କହିଛନ୍ତି । ଦଳ ଆଗାମୀ ନିର୍ବାଚନରେ ବିଜୟୀ ହେଲେ ସବୁ ସରକାରୀ କର୍ମଚାରୀ ଓ ପେନସନଭୋଗୀଙ୍କୁ ମହଙ୍ଗା ଭତ୍ତା ପ୍ରଦାନ କରିବାକୁ ଘୋଷଣା କରିଛି । ସରକାର କ୍ଷମତାକୁ ଆସିବାର ୪୫ ଦିନ ଭିତରେ ୭ମ ବେତନ କମିସନଙ୍କ ସୁପାରିସ୍ ଲାଗୁ କରାଯିବ ବୋଲି ଶାହ ପ୍ରତିଶ୍ରୁତି ଦେଇଛନ୍ତି । ଆୟୁଷ୍ମାନ ଭାରତ ଲାଗୁ କରାଯିବ ବୋଲି କୁହାଯାଇଛି । ଇସ୍ତାହାରକୁ ବିଶ୍ୱାସର ପ୍ରତିଶ୍ରୁତି ବୋଲି କହି ଶାହ କହିଛନ୍ତି, ବିଜେପି ବଙ୍ଗଳାର ସାଂସ୍କୃତିକ ପରିଚୟକୁ ପୁନର୍ଜୀବିତ କରିବ ଏବଂ ଏପରି ଏକ ରାଜ୍ୟ ସୃଷ୍ଟି କରିବା ଲକ୍ଷ୍ୟ ରଖିଛି ଯେଉଁଠାରେ ଲୋକମାନେ ବିନା ଭୟରେ ଗର୍ବର ସହିତ ସମସ୍ତେ ବଞ୍ଚି ପାରିବେ । ସମସ୍ତ ରାଜନୈତିକ ହିଂସାର ତଦନ୍ତ କରାଯିବ ବୋଲି କୁହାଯାଇଛି । ସୂଚନାଯୋଗ୍ୟ, ପଶ୍ଚିମବଙ୍ଗରେ ଆସନ୍ତା ଏପ୍ରିଲ ୨୩ ଓ ଏପ୍ରିଲ ୨୯ ତାରିଖରେ ଭୋଟ ଗ୍ରହଣ କରାଯିବ ।

# ଏବେ ଇସ୍ତଫା ଦେଲେ ଜଷ୍ଟିସ ଯଶବନ୍ତ ବର୍ମା

**ନୂଆଦିଲ୍ଲୀ,୧୦।୪(ଏଜେନ୍ସି):** ଆହ୍ଲାବାଦ ହାଇକୋର୍ଟର ବିଚାରପତି ଜଷ୍ଟିସ ଯଶବନ୍ତ ବର୍ମା ଇସ୍ତଫା ଦେଇଛନ୍ତି । ଜଷ୍ଟିସ ବର୍ମା ରାଷ୍ଟ୍ରପତିଙ୍କ ନିକଟକୁ ତାଙ୍କ ଇସ୍ତଫା ପତ୍ର ପଠାଇ ଦେଇଛନ୍ତି । ଗତବର୍ଷ ଜଷ୍ଟିସ ବର୍ମାଙ୍କର ଦିଲ୍ଲୀସ୍ଥିତ ସରକାରୀ ବାସଭବନରୁ ବିପୁଳ ଟଙ୍କା ମିଳିବା ପରେ ସେ ବିବାଦକୁ ଆସିଥିଲେ । ୨୦୨୫ ମାର୍ଚ୍ଚ ମାସରେ ତାଙ୍କ ଦିଲ୍ଲୀ ବାସଭବନରେ ଅଗ୍ନିକାଣ୍ଡ ଘଟିଥିଲା । ନିଆଁ ଲିଭା ଯିବା ସମୟରେ ତାଙ୍କ ଘରୁ ପ୍ରାୟ ୧.୫ ଫୁଟ ଉଚ୍ଚରେ ଟଙ୍କା ଗଦା ମିଳିଥିଲା । ତତ୍କାଳୀନ ମୁଖ୍ୟ ବିଚାରପତି ଘଟଣାର ତଦନ୍ତ କରି ଜଷ୍ଟିସ୍ ବର୍ମାଙ୍କୁ ଦିଲ୍ଲୀ ହାଇକୋର୍ଟରୁ ଆଲ୍ଲାହାବାଦ ହାଇକୋର୍ଟକୁ ବଦଳି କରିଥିଲେ । ତେବେ ଜଷ୍ଟିସ ବର୍ମା ତାଙ୍କ ଘରୁ ବିପୁଳ ଟଙ୍କା ମିଳିବା କଥାକୁ ଖଣ୍ଡନ କରିଥିଲେ । ସେ ଏହା ମଧ୍ୟ ପ୍ରଶ୍ନ କରିଥିଲେ ଯେ ଯେତେବେଳେ ସେ ସେଠାରେ ଉପସ୍ଥିତ ନଥିଲେ ଓ ସ୍ଥାନଟି ଉପସ୍ଥିତ କର୍ତ୍ତୃପକ୍ଷଙ୍କ ନିୟନ୍ତ୍ରଣରେ ଥିଲା, ସେତେବେଳେ କୌଣସି ଅଭିଯୋଗ ପାଇଁ ତାଙ୍କୁ କିପରି ଦାୟୀ କରାଯାଇପାରିବ । ଅଗଷ୍ଟ ୨୦୨୫ରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଅଭିଯୋଗଗୁଡ଼ିକର ଯାଞ୍ଚ କରିବା ପାଇଁ ବିଚାରପତି (ତଦନ୍ତ) ଆଇନ, ୧୯୬୮ ଅନୁଯାୟୀ ଏକ ତିନି ସଦସ୍ୟ ବିଶିଷ୍ଟ କମିଟି ଗଠନ କରିଥିଲେ । ତେବେ ଜଷ୍ଟିସ୍ ବର୍ମା ସୁପ୍ରିମକୋର୍ଟରେ ଏହି ପ୍ୟାନେଲର ବୈଧତାକୁ ଚ୍ୟାଲେଞ୍ଜ କରି ଯୁକ୍ତି ଦେଇଥିଲେ ଯେ ରାଜ୍ୟସଭାର ଉପାଧ୍ୟକ୍ଷ ତାଙ୍କ ପଦରୁ ଇସ୍ତଫା ଦେବା ପାଇଁ ପ୍ରସ୍ତାବକୁ ଖାରଜ କରିଦେଇଥିଲେ । ତେବେ ସୁପ୍ରିମକୋର୍ଟ ତାଙ୍କ ଆବଦେନକୁ ଖାରଜ କରିଦେଇ ସଂସଦୀୟ କମିଟିକୁ ତଦନ୍ତ କରିବାକୁ ଅନୁମତି ଦେଇଥିଲେ । ସୁପ୍ରିମକୋର୍ଟ ଦ୍ୱାରା ଗଠିତ ଇନ-ହାଉସ୍ ତଦନ୍ତ ପ୍ୟାନେଲ ଜାଣିବାକୁ ପାଇଥିଲା ଯେ, ଟଙ୍କା ମିଳିଥିବା କୋଠରୀ ଉପରେ ଜଷ୍ଟିସ୍ ବର୍ମା ଏବଂ ତାଙ୍କ ପରିବାର ସଦସ୍ୟଙ୍କ ନିୟନ୍ତ୍ରଣ ଥିଲା। ତଦନ୍ତ ଚାଲିଥିବାବେଳେ ଓ ମହାଭିଯୋଗ ପ୍ରକ୍ରିୟା ଆରମ୍ଭ ହେବାର ସମ୍ଭାବନା ଥିବାରୁ ଜଷ୍ଟିସ ବର୍ମା ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି ।

# ସବୁଠୁ ଅଧିକ ସୁନା କିଣୁଛି ପୋଲାଣ୍ଡ

**ନୂଆଦିଲ୍ଲୀ,୧୦।୪(ଏଜେନ୍ସି):**ଜାନୁଆରୀ ଶେଷରେ ସୁନା ଦର ସର୍ବକାଳୀନ ଉଚ୍ଚ ସ୍ତରରେ ପହଞ୍ଚିଯାଇଥିଲା । କିନ୍ତୁ ଫେବୃଆରୀରେ ଏଥିରେ ସାମାନ୍ୟ ହ୍ରାସ ଘଟିଥିଲା । ଏହାର ଫାଇଦା ଉଠାଇ ବିଶ୍ୱର ଅନେକ ରାଷ୍ଟ୍ରର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ବଡ଼ ମାତ୍ରାରେ ସୁନା କିଣି ଚାଲିଲେ । ଜାନୁଆରୀରେ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ କେବଳ ୬ ଟନ ସୁନା କିଣିଥିଲେ । ଫେବୃଆରୀରେ ଏମାନେ ୨୭ ଟନ୍ ସୁନାର ନେଟ୍ କ୍ରେତା ରହିଛନ୍ତି । ଲଗାତର ୨୩ ମାସ ପାଇଁ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ସୁନାର ନେଟ୍ କ୍ରେତା ରହିଛନ୍ତି । ତେବେ ଆଲୋଚ୍ୟ ସମୟରେ ତୁର୍କୀ ଏବଂ ରୁଷ ନିଜ ନିଜ ଭଣ୍ଡାରରୁ ସୁନା ବିକ୍ରି କରିଛନ୍ତି । ବିଶ୍ୱ ବ୍ୟାଙ୍କ ପରିଷଦର ରିପୋର୍ଟ ଅନୁସାରେ, ୟୁରୋପୀୟ ଦେଶ ପୋଲାଣ୍ଡ ସବୁଠୁ ଅଧିକ ୨୦ ଟନ ସୁନା କିଣିଛି । ପ୍ରାୟ ୧ ବର୍ଷରେ ଏହା ପୋଲାଣ୍ଡର ସର୍ବବୃହତ୍ ମାସିକ ସୁନା କ୍ରୟ । ଗତବର୍ଷ ଫେବୃଆରୀରେ ଏହା ୨୯ ଟନ୍ ସୁନା କିଣିଥିଲା । ପ୍ରାୟ ୩.୭ କୋଟି ଜନସଂଖ୍ୟା ବିଶିଷ୍ଟ ଏ ରାଷ୍ଟ୍ରର ସୁନା ଭଣ୍ଡାର ୫୭୦ ଟନ୍‌ରେ ପହଞ୍ଚିଯାଇଛି, ଯାହା ଦେଶର ମୋଟ ବୈଦେଶିକ ମୁଦ୍ରା ଭଣ୍ଡାରର ୩୧%। ପୋଲାଣ୍ଡର କେନ୍ଦ୍ରୀୟ ବ୍ୟାଙ୍କ ଗଭର୍ଣ୍ଣର ୭୦୦ ଟନ୍‌ର ଲକ୍ଷ୍ୟ ରଖିଛନ୍ତି । ଭାରତର ସୁନା ଭଣ୍ଡାର ୮୮୦ ଟନ ରହିଛି, ଯାହା ମୋଟ ମୁଦ୍ରା ଭଣ୍ଡାରର ୧୫.୧୭% । ପୋଲାଣ୍ଡ ବ୍ୟତୀତ ଉଜବେକିସ୍ତାନ ଏବଂ କଜାକସ୍ଥାନ ମଧ୍ୟ ଫେବୃଆରୀରେ ସବୁଠୁ ଅଧିକ ସୁନା କ୍ରୟ କରିଛନ୍ତି । ଚୀନର କେନ୍ଦ୍ରୀୟ ବ୍ୟାଙ୍କ ଲଗାତର ୧୬ ତମ ମାସ ପାଇଁ ସୁନା କିଣିଛି । ଏଥିସହିତ ଚୀନ୍‌ର ସୁନା ଭଣ୍ଡାର ୨,୩୦୮ ଟନ୍‌ରେ ପହଞ୍ଚିଯାଇଛି, ଯାହା ଏହାର ମୋଟ ଭଣ୍ଡାରର ୧୦% । ଏହାମଧ୍ୟରେ ତୁର୍କୀ ଏବଂ ରୁଷ ଫେବୃଆରୀରେ ସୁନା ବିକ୍ରି କରିଛନ୍ତି । ତୁର୍କୀ ୮ ଟନ୍ ଏବଂ ରୁଷ ୬ ଟନ୍ ସୁନା ବିକ୍ରି କରିଛି ।

# ଇରାନ ଯୁଦ୍ଧବିରତି ପରେ ରୁଷିଆ ତେଲ କଟକଣା ପୁନଃ ଲାଗୁ କରିବାକୁ ଭୋଲୋଦିମିର ଜେଲେନସ୍କି ଅନୁରୋଧ

**ନୂଆଦିଲ୍ଲୀ,୧୦।୪(ଏଜେନ୍ସି):** ବିଶ୍ୱ ରାଜନୀତିର ଦ୍ରୁତ ପରିବର୍ତ୍ତନଶୀଳ ଭୂ-ରାଜନୈତିକ ପରିସ୍ଥିତି ମଧ୍ୟରେ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମିର ଜେଲେନସ୍କି ରୁଷର ଅର୍ଥନୈତିକ ମେରୁଦଣ୍ଡ ଭାଙ୍ଗିବା ପାଇଁ ଏକ ନୂତନ ଚାପ ପ୍ରୟୋଗ କରିଛନ୍ତି । ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ଯେ ଯେହେତୁ ମଧ୍ୟପ୍ରାଚ୍ୟରୁ ଶକ୍ତି ଯୋଗାଣ ସ୍ୱାଭାବିକ ହେବାକୁ ଯାଉଛି, ତେଣୁ ରୁଷର ତୈଳ କାରବାର ଉପରେ ପୁନର୍ବାର ସେହି କଠୋର ପ୍ରତିବନ୍ଧକ ଲାଗୁ କରାଯାଉ ଯାହା ପୂର୍ବରୁ ବଳବତ୍ତର ଥିଲା । ମଧ୍ୟପ୍ରାଚ୍ୟ ଓ ଉପସାଗରୀୟ ଅଞ୍ଚଳରେ ଆରମ୍ଭ ହୋଇଥିବା ଏହି ଯୁଦ୍ଧବିରତି ବିଶ୍ୱ ଶକ୍ତି ବଜାର ପାଇଁ ଏକ ସଞ୍ଜୀବନୀ ସଦୃଶ ହୋଇଥିବା ବେଳେ, ଜେଲେନସ୍କି ଏହାକୁ ରୁଷ ବିରୋଧୀ ରଣନୀତିର ଏକ ଶକ୍ତିଶାଳୀ ମାଧ୍ୟମ ଭାବେ ଗ୍ରହଣ କରି ଶୁକ୍ରବାର ଦିନ ସାମ୍ବାଦିକମାନଙ୍କ ଆଗରେ ନିଜର ସ୍ପଷ୍ଟ ଆଭିମୁଖ୍ୟ ପ୍ରକାଶ କରିଛନ୍ତି। ଅନ୍ୟପଟେ, ଆମେରିକା ଓ ଇରାନ ମଧ୍ୟରେ ଜାରି ରହିଥିବା ଛଅ ସପ୍ତାହର ଭୟଙ୍କର ସଂଘର୍ଷରେ ପୂର୍ଣ୍ଣଛେଦ ପକାଇବା ପାଇଁ ଆଜି ପାକିସ୍ତାନର ରାଜଧାନୀ ଇସଲାମାବାଦରେ ଏକ ନିର୍ଣ୍ଣାୟକ ଶାନ୍ତି ଆଲୋଚନା ଆରମ୍ଭ ହୋଇଛି । ଏହି ଐତିହାସିକ ପ୍ରକ୍ରିୟାର ନେତୃତ୍ୱ ନେବା ପାଇଁ ଆମେରିକା ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ ଆଜି ଇସଲାମାବାଦରେ ପହଞ୍ଚିଥିବା ବେଳେ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତୈଳ ପରିବହନ ମାର୍ଗ 'ହର୍ମୁଜ ପ୍ରଣାଳୀ' ପୁଣି ଥରେ ଉନ୍ମୁକ୍ତ ହୋଇଛି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶକ୍ରମେ ଭାନ୍ସ ଏବେ ଇରାନ ସହ ଏକ ସ୍ଥାୟୀ ସମାଧାନ ପାଇଁ ଚେଷ୍ଟା କରୁଛନ୍ତି, ଯାହା ଫଳରେ ଏକ ବଡ଼ ଧରଣର ବିନାଶକୁ ଏଡ଼ାଇ ଦିଆଯାଇପାରିବ । ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କ ମଧ୍ୟସ୍ଥତାରେ ଚାଲିଥିବା ଏହି ଆଲୋଚନା ଉପରେ ଏବେ ସମଗ୍ର ବିଶ୍ୱର ନଜର ରହିଛି, କାରଣ ଏହାର ସଫଳତା ବିଶ୍ୱ ଅର୍ଥନୀତି ଓ ଶାନ୍ତିର ଭବିଷ୍ୟତ ନିର୍ଦ୍ଧାରଣ କରିବ ।



# ରୋହିତ କୁଲ୍ଲୁଙ୍କର ଅସାଧାରଣ ହକି ଯାତ୍ରା

**ଭୁବନେଶ୍ୱର, ୧୦।୪ (ନି.ପ୍ର):** ଓଡ଼ିଶାର କୌପାନି ଗ୍ରାମର ଜଣେ ୧୬ ବର୍ଷୀୟ ଛାତ୍ରଙ୍କୁ କଳ୍ପନା କରନ୍ତୁ, ଯିଏ ହକି ଖେଳ ବିଷୟରେ ମଧ୍ୟ ଭଲଭାବେ ଜାଣିନଥିଲେ। କେବଳ ୨୪ ମାସ ପରେ, ସେଇ ଛୋଟ ଛୋକା ଏବେ ୧୮ ବର୍ଷର ଜୁନିଅର ଓ୍ୱାର୍ଲ୍ଡ କପ୍ ଦଳର ସଦସ୍ୟ, ଯିଏ ଭାରତକୁ ବ୍ରୋଞ୍ଜ ପଦକ ଜିତିବାରେ ସହଯୋଗ କରିଛନ୍ତି, ଏବଂ ୱେଦାନ୍ତ କାଳିଙ୍ଗା ଲାନ୍ସର୍ସ ସହିତ ହକି ଇଣ୍ଡିଆ ଲିଗ୍ (HIL) ଚ୍ୟାମ୍ପିୟନ ମଧ୍ୟ ହୋଇଛନ୍ତି। ରୋହିତ କୁଲ୍ଲୁଙ୍କ କାହାଣୀ ଏହାର ପ୍ରମାଣ ଯେ ଆରମ୍ଭ କରିବା ପାଇଁ କୌଣସି "ଠିକ" କିମ୍ବା "ଭୁଲ" ସମୟ ନାହିଁ; ଯେତେବେଳେ ଦୃଢ଼ ସଂକଳ୍ପ ଓ ସୁଯୋଗ ମିଳେ, ଭାଗ୍ୟ ଏକ ମୁହୂର୍ତ୍ତରେ ବଦଳିଯାଏ। ରୋହିତ କେବଳ ଜଣେ ଉତ୍କୃଷ୍ଟ ଡିଫେଣ୍ଡର ନୁହେଁ; ସେ ଏହି ଧାରଣାର ଜୀବନ୍ତ ଉଦାହରଣ ଯେ ଜୀବନ ସମ୍ପୂର୍ଣ୍ଣ ବଦଳିଯାଇପାରେ, ଯଦି ଆପଣ ଏକ ପଥ ବାଛନ୍ତି। ସେ କହିଛନ୍ତି, "ମୁଁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଲି, ତାପରେ ଗ୍ରାମକୁ ଫେରିଲି। ମୋ ଗାଁରେ ସବୁଠି ହକି ଖେଳନ୍ତି। ଧୀରେ ଧୀରେ ସେମାନଙ୍କୁ ଦେଖି ମୋର ଆଗ୍ରହ ଜଗିଲା।" ସ୍ଥାନୀୟ ପରିବେଶ ତାଙ୍କ ଉତ୍ସୁକତା ବଢ଼ାଇଥିଲା, କିନ୍ତୁ ତାଙ୍କର ପ୍ରମୁଖ ପ୍ରେରଣା ଘରୁ ଆସିଥିଲା। ତାଙ୍କ



ପିତା, ଯିଏ ନିଜେ ଜଣେ ହକି ଖେଳାଳି ଥିଲେ, ସେ ନିଜ ଖେଳ ଦିନର କାହାଣୀ କହୁଥିଲେ, ଯାହା ରୋହିତଙ୍କ ମନରେ ଏକ ସ୍ୱପ୍ନର ଆରମ୍ଭ କଲା। ନିଜର ଗିୟାର ନଥିବା ସତ୍ତ୍ୱେ, ସେ ଧାର କରା ଷ୍ଟିକ୍ ସହ ଗାଁର ଘାସ ମାଠରେ ଅଭ୍ୟାସ ଆରମ୍ଭ କଲେ—ଏକ ସରଳ ଆରମ୍ଭ, ଯାହା ତାଙ୍କୁ ଭୁବନେଶ୍ୱରର ନାଭାଲ୍ ଟାଟା ହକି ଏକାଡେମୀର ଆଧୁନିକ ନୀଳ ଟର୍ଫ୍ ପର୍ଯ୍ୟନ୍ତ ନେଇଗଲା।

# ଜନା ସ୍ମଲ ଫାଇନାନ୍ସ ବ୍ୟାଙ୍କ ପକ୍ଷରୁ ବ୍ରହ୍ମପୁରରେ ୮୨୩ତମ ଶାଖା ଉଦ୍‌ଘାଟିତ

**ଭୁବନେଶ୍ୱର, ୧୦।୪ (ନି.ପ୍ର) :** ଜନା ସ୍ମଲ ଫାଇନାନ୍ସ ବ୍ୟାଙ୍କ ପକ୍ଷରୁ ଓଡ଼ିଶାର ବ୍ରହ୍ମପୁରରେ ୮୨୩ତମ ଶାଖା ଉଦ୍‌ଘାଟନ କରାଯାଇଛି ଯାହା ଫଳରେ ରାଜ୍ୟରେ ଏହାର ଉପସ୍ଥିତି ସୁଦୃଢ଼ ହୋଇଛି ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ଆଗକୁ ବଢ଼ାଇବା ପାଇଁ ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି। ଏହା ସହିତ ଓଡ଼ିଶାରେ ବ୍ୟାଙ୍କର ଶାଖା ସଂଖ୍ୟା ୮୯ରେ ପହଂଚିଛି। ସେଥିରୁ ୬୩ ଟି ହେଉଛି ଅଣ ବ୍ୟାଙ୍କ ଗ୍ରାମୀଣ ବ୍ୟାଙ୍କ (ୟୁଆର୍‌ବି)। ବ୍ୟାଙ୍କ ପହଂଚିନଥିବା କିମ୍ବା ପର୍ଯ୍ୟାପ୍ତ ବ୍ୟାଙ୍କ ସେବା ମିଳୁନଥିବା ଅଂଚଳରେ ସଂଗଠିତ ବ୍ୟାଙ୍କିଙ୍ଗ ସେବା ପହଂଚାଇବା ପାଇଁ ଆମର ଜାରି ରହିଥିବା ଗୁରୁତ୍ୱକୁ ଏହା ପ୍ରତିଫଳିତ କରୁଛି।

ବ୍ରହ୍ମପୁର ଶାଖାକୁ ଖଲିଖୋଟ କଲେଜ ପଢ଼ିଆ ନିକଟରେ ଖୋଲାଯାଇଛି ଯାହା ସ୍ଥାନୀୟ ସମୁଦାୟର ବିବିଧ ଆବଶ୍ୟକତାକୁ ପୂରଣ କରିବ। ଏହା ସଞ୍ଚୟ ଏବଂ ଚଳନ୍ତି ଜମା ଖାତା, ସ୍ୱଳ୍ପମୂଲ୍ୟର ଗୃହ ଋଣ, ସୁନା ଋଣ ଏବଂ ଅସୁରକ୍ଷିତ ଋଣ ଭଳି ବିଭିନ୍ନ ପ୍ରକାରର ରିଟେଲ୍ ଆର୍ଥିକ ସମାଧାନ ସମେତ ଏକ ବ୍ୟାପକ ଉତ୍ପାଦ ଏବଂ ସେବା ପ୍ରଦାନ କରିବ। ଏହି ଶାଖାକୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ଶ୍ରୀମତୀ ଗୀତାଳି ଦାଶ ଉଦଘାଟନ କରିଥିଲେ ଓ ଏହି ଅବସରରେ ଜନା ସ୍ମଲ ଫାଇନାନ୍ସ ବ୍ୟାଙ୍କର ଅନ୍ୟ ବରିଷ୍ଠ ଅଧିକାରୀ ଓ ସମ୍ମାନିତ ଅତିଥିମାନେ ଉପସ୍ଥିତ ଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ଶ୍ରୀମତୀ ଗୀତାଳି ଦାଶ କହିଛନ୍ତି ଯେ, 'ବ୍ରହ୍ମପୁରରେ ଜନା ସ୍ମଲ୍ ଫାଇନାନ୍ସ ବ୍ୟାଙ୍କର ଏହି ସମ୍ପ୍ରସାରଣ, ଅଞ୍ଚଳରେ ଆନୁଷ୍ଠାନିକ ବ୍ୟାଙ୍କିଙ୍ଗ୍ ସେବାର ସୁଯୋଗକୁ ସୁଦୃଢ଼ କରିବା ଦିଗରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହିଭଳି ପ୍ରୟାସଗୁଡ଼ିକ ସ୍ଥାନୀୟ ସମ୍ପ୍ରଦାୟକୁ ସମର୍ଥନ କରିବା ଏବଂ ଅନ୍ତର୍ଭୁକ୍ତ ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଜନା ସ୍ମଲ ଫାଇନାନ୍ସ ବ୍ୟାଙ୍କର ବ୍ରାଞ୍ଚ ବ୍ୟାଙ୍କିଙ୍ଗ୍ ଏବଂ ମାର୍କେଟିଂ ମୁଖ୍ୟ ତଥା ସଭାପତି ଶ୍ରୀ ଶ୍ରୀନିବାସ



ମୂର୍ତି କହିଛନ୍ତି ଯେ, 'ଓଡ଼ିଶା ଆମ ପାଇଁ ଏକ ପ୍ରମୁଖ ରାଜ୍ୟ ହୋଇ ରହିଛି ଏବଂ ବ୍ରହ୍ମପୁର ଶାଖାର ଶୁଭାରମ୍ଭ ଏହି ରାଜ୍ୟରେ ଆମର ଉପସ୍ଥିତିକୁ ଆହୁରି ଗଭୀର କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଜନା ସ୍ମଲ୍ ଫାଇନାନ୍ସ ବ୍ୟାଙ୍କରେ ଆମର ପ୍ରୟାସ ହେଉଛି ବ୍ୟାଙ୍କିଙ୍ଗ୍ ସେବାକୁ ସରଳ, ସୁଲଭ ଏବଂ ପ୍ରାସଙ୍ଗିକ କରିବା-ବିଶେଷ କରି ଉଦୀୟମାନ ଏବଂ ବ୍ୟାଙ୍କିଙ୍ଗ୍ ସେବାରୁ ବଞ୍ଚିତ ବଜାରର ଗ୍ରାହକମାନଙ୍କ ପାଇଁ। ଏହି ଶାଖା ମାଧ୍ୟମରେ, ଆମେ ଗ୍ରାହକ-କୈନ୍ଦ୍ରିକ ଏବଂ ବୈଷୟିକ ଜ୍ଞାନକୌଶଳ ସମ୍ପନ୍ନ ଆର୍ଥିକ ସମାଧାନ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛୁ, ଯାହା ବ୍ୟକ୍ତିବିଶେଷ, ପରିବାର ଏବଂ କ୍ଷୁଦ୍ର ବ୍ୟବସାୟୀଙ୍କ ଆକାଂକ୍ଷାକୁ ସମର୍ଥନ କରିବା ସହିତ ସ୍ଥାନୀୟ ଅର୍ଥନୈତିକ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବ। ଜନା ସ୍ମଲ ଫାଇନାନ୍ସ ବ୍ୟାଙ୍କ ଏହାର ଦୃଢ଼ ରିଟେଲ୍ ଡିପୋଜିଟ୍ ଫ୍ରାଂଚାଇଜି ଓ ବିବିଧ ଋଣ ପୋର୍ଟଫୋଲିଓ ଜରିଆରେ ୧୨ ନିୟୁତରୁ ଅଧିକ ଗ୍ରାହକଙ୍କୁ ସେବା ପ୍ରଦାନ କରୁଛୁ। ଏହାର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରେ ଏକ ବ୍ୟାପକ ନେଟୱର୍କ ରହିଛି ଏବଂ ବ୍ୟାଙ୍କ ସେବା ପହଂଚିନଥିବା ଗ୍ରାମୀଣ କେନ୍ଦ୍ରରେ ଏହାର ଉଲ୍ଲେଖନୀୟ ଉପସ୍ଥିତି ରହିଛି ଯାହା ଅନ୍ତର୍ଭୁକ୍ତୀକରଣ ଅଭିବୃଦ୍ଧି ପ୍ରତି ଏହାର ଦୀର୍ଘକାଳୀନ ପ୍ରତିବଦ୍ଧତାକୁ ଦର୍ଶାଉଛି।

# ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ହେଲେ ସୁକେଶୀ ଓରାମ

**ଯୋଡ଼ା, ୧୦।୪(ନି.ପ୍ର):** ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ,ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଓ ସ୍ଥାୟୀ ନିମନ୍ତ୍ରିତ ସଦସ୍ୟଙ୍କ ନାମ ତାଲିକା ଘୋଷଣା କରିଛନ୍ତି। ଏଥିରେ କେନ୍ଦୁଝର ଜିଲ୍ଲା ଚମ୍ପୁଆ ଉପଖଣ୍ଡ ର ସୁଶ୍ରୀ ସୁକେଶୀ ଓରାମ ଙ୍କୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଭାବେ ମନୋନୀତ



କରାଯାଇଛି। ଏନେଇ ରାଜ୍ୟ ବିଜେପି ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଛି।ସୁକେଶୀ ଓରାମ ପୂର୍ବରୁ ବିଜେପିରାଜ୍ୟ ଉପସଭାପତି ଭାବେ ୩ ଥର ଏବଂ ଥରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଭାବେ ଦାୟିତ୍ୱ ତୁଲାଇ ଦୀର୍ଘ ୨୭ ବର୍ଷରୁ ଭାଜପା ରେ ଏକ ଶୃଙ୍ଖଳିତ କର୍ମୀ ଭାବେ କାମ କରିଆସୁଛନ୍ତି।ନାମ ଘୋଷଣା ପରେ ଶୁଭଚିନ୍ତକ ମାନେ ଅଭିନନ୍ଦନ ଜଣେଇବା ସହ ନୂତନ ଦାୟିତ୍ୱ ପାଇଁ ସଫଳତା କାମନା କରିଛନ୍ତି।ତାଙ୍କୁ ଏହି ଦାୟିତ୍ୱ ମିଳିଥିବାରୁ ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ବିଜେପି ରାଷ୍ଟ୍ରୀୟ ସଭାପତି ନିତିନ ନବୀନ ଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଟାଟା ମୋଟର୍ସ ପକ୍ଷରୁ ଭାରତର ସବୁଠାରୁ ବ୍ୟାପକ ଇଲେକ୍ଟ୍ରିକ୍ ସିଭି ପୋର୍ଟଫୋଲିଓର ସମ୍ପ୍ରସାରଣ

**ଭୁବନେଶ୍ୱର, ୧୦।୪ (ନି.ପ୍ର):** ଟାଟା ମୋଟର୍ସ, ଭାରତର ବୃହତ୍ତମ ବାଣିଜ୍ୟିକ ଯାନ ନିର୍ମାତା, ଆଜି ସମ୍ପୂର୍ଣ୍ଣ ନୂତନ ଟାଟା ଇଂଗ୍ରା ଇଭି ପିକ୍‌ଅପ ଶୁଭାରମ୍ଭ କରିବା ସହିତ ବୈଦ୍ୟୁତିକ ବାଣିଜ୍ୟିକ ଗତିଶୀଳତା କ୍ଷେତ୍ରରେ ନିଜର ନେତୃତ୍ୱକୁ ଆହୁରି ମଜବୁତ କରିଛି। ନିଜର ବୈଦ୍ୟୁତିକ କ୍ଷୁଦ୍ର ବାଣିଜ୍ୟିକ ଯାନ ପୋର୍ଟଫୋଲିଓକୁ ସମ୍ପ୍ରସାରିତ କରି, ଏହି ନୂତନ ପିକଅପ ଭରସାଯୋଗ୍ୟ ଇଂଗ୍ରା ମଂଚ୍‌ର ଶକ୍ତି ଏବଂ ଏକ ସ୍ୱତନ୍ତ୍ର ବୈଦ୍ୟୁତିକ କୁଶଳୀତାର ସମନ୍ୱୟ ଆଣିଛି - ଯାହା ଭାରତର ପରିବର୍ତ୍ତନଶୀଳ ମାଲବହନକାରୀ ଆବଶ୍ୟକତା ପାଇଁ ଏକ ନିର୍ଭରଯୋଗ୍ୟ ଏବଂ ଅଧିକ ରୋଜଗାରକ୍ଷମ ସମାଧାନ ପ୍ରଦାନ କରିବ। ଏହା ସାରା ଦେଶରେ ଟାଟା ମୋଟର୍ସର ବାଣିଜ୍ୟିକ ଯାନ ବିକ୍ରେତା ଗୁଡ଼ିକରେ ୧୧.୯୫ ଲକ୍ଷ ଟଙ୍କାର (ଏକ୍ସଶୋ'ରୁମ)ର ଅଦ୍ୱିତୀୟ ପ୍ରାରମ୍ଭିକ ମୂଲ୍ୟରେ ଉପଲବ୍ଧ ହେବ। ଟାଟା ଇଂଗ୍ରା ଇଭି ପିକ୍‌ଅପ ଶୁଭାରମ୍ଭ ଅବସରରେ ଗିରିଶ ୱାଘ ପରିଚାଳନା ନିର୍ଦ୍ଦେଶକ ଏବଂ ସିଇଓ, ଟାଟା ମୋଟର୍ସ ଲିମିଟେଡ୍ କହିଛନ୍ତି, 'ସବୁଜ ଗତିଶୀଳତା ପ୍ରତି ଆମର ପ୍ରତିବଦ୍ଧତା ଏଭଳି ସ୍ଥାୟୀ ସମାଧାନ ପ୍ରଦାନ କରିବା ଉପରେ କେନ୍ଦ୍ରିଭୂତ, ଯାହା ଭାରତର ବିଭିନ୍ନ ବାଣିଜ୍ୟିକ ଆବଶ୍ୟକତା ପାଇଁ ପ୍ରାସଙ୍ଗିକ ଅଟେ। ଆମର ବୈଦ୍ୟୁତିକ ମିନି ଟ୍ରକ୍ ପ୍ରତି ମିଳିଥିବା ଦୃଢ଼ ବଜାର ପ୍ରତିକ୍ରିୟା ଏବଂ ଦେଶର ୧୦ଟି ସହରରେ ସଫଳତାର ସହ ଚାଲୁଥିବା ବୈଦ୍ୟୁତିକ ବସ୍ ସେବା ପରେ, ଆମେ ଚଳିତ ବର୍ଷ ଆରମ୍ଭରେ ଆମର ପରବର୍ତ୍ତୀ ପିଢ଼ିର ବୈଦ୍ୟୁତିକ ଟ୍ରକ ଉନ୍ମୋଚନ କରିଥିଲୁ ଏବଂ ବର୍ତ୍ତମାନ ବୈଦ୍ୟୁତିକ ପିକଅପ ଶୁଭାରମ୍ଭ କରି



ଆମେ ଆହୁରି ଆଗକୁ ବଢ଼ୁଛୁ। ଏହି ପ୍ରଗତି ମାଧ୍ୟମରେ ଟାଟା ମୋଟର୍ସ ଦେଶର ସବୁଠାରୁ ବ୍ୟାପକ ବୈଦ୍ୟୁତିକ ବାଣିଜ୍ୟିକ ଯାନ ପୋର୍ଟଫୋଲିଓ ପ୍ରତିଷ୍ଠା କରିଛି। ସରକାରଙ୍କ ପ୍ରଗତିଶୀଳ ନୀତି ଗ୍ରାହକ, ଅଂଶୀଦାର ତଥା ଯୋଗାଣକାରୀଙ୍କ ମଧ୍ୟରେ ଥିବା ଦୃଢ଼ ସହଯୋଗ ଭାରତକୁ ସ୍ୱଚ୍ଛ ଏବଂ ସ୍ଥାୟୀ ପରିବହନ ଦିଗରେ ଅଗ୍ରସର ହେବାରେ ସାହାଯ୍ୟ କରୁଛି। ବାସ୍ତବ - ଦୁନିଆର କାର୍ଯ୍ୟଦକ୍ଷତା ଏବଂ କଠିନ ପରିସ୍ଥିତିକୁ ଦୃଷ୍ଟିରେ ରଖି ନିର୍ମିତ ଏହି ଇଂଗ୍ରା ଇଭି ପିକଅପ୍, ଦେଶର ଅନ୍ୟତମ ବହୁମୁଖୀ ପିକଅପ ଶ୍ରେଣୀରେ ବୈଦ୍ୟୁତିକ କ୍ଷମତାକୁ ଅର୍ନ୍ତଭୁକ୍ତ କରିଛି। ଏହା ଅପରେଟରମାନଙ୍କୁ ଅଧିକ ଭାର ପରିବହନ କରିବା, ଦୀର୍ଘ ପଥ ଅତିକ୍ରମ କରିବା ଏବଂ ଅଧିକ ଆତ୍ମବିଶ୍ୱାସ ସହିତ କାର୍ଯ୍ୟ କରିବାରେ ସକ୍ଷମ କରିବ, ଯାହା ଦ୍ୱାରା ପରିଚାଳନା ଖର୍ଚ୍ଚ ହ୍ରାସ ହେବା ସହ ପରିବେଶ ଉପରେ ମଧ୍ୟ ଏହାର ସକାରାତ୍ମକ ପ୍ରଭାବ ପଡ଼ିବ। ଟାଟା ଇଂଗ୍ରା ଇଭି ପିକ୍‌ଅପ ଉପରେ ମନ୍ତବ୍ୟ ପ୍ରଦାନ କରି ପିନାକୀ ହଲଦାର, ଉପସଭାପତି ଏବଂ ବିଜିନେସ ମୁଖ୍ୟ - ଏସସିଭିପିୟୁ, ଟାଟା ମୋଟର୍ସ ଲିମିଟେଡ୍ କହିଛନ୍ତି, 'ସମ୍ପୂର୍ଣ୍ଣ- ନୂତନ ଇଂଗ୍ରା ଇଭି ପିକ୍‌ଅପ ରୋଜଗାର କ୍ଷମତା ଏବଂ ଦୈନନ୍ଦିନ ବ୍ୟବହାରକୁ ଦୃଷ୍ଟିରେ ରଖି ବିକଶିତ କରାଯାଇଛି। ଏଥିରେ ଏହି ସେଗମେଂଟରେ ସବୁଠାରୁ ଅଧିକ ଭାର କ୍ଷମତା ସହିତ ଶକ୍ତିଶାଳୀ ପ୍ରଦର୍ଶନ, ଲମ୍ବା ଦୂରତ୍ୱ ଏବଂ ଉନ୍ନତ କାର୍ଯ୍ୟଦକ୍ଷତା ରହିଛି- ତାହା ପୁଣି ଏକ ସୁଲଭ ମୂଲ୍ୟରେ। ଏହାର ଆରାମଦାୟକ ତଥା ଧକ୍କା ଜନିତ ପରୀକ୍ଷଣ କ୍ୟାବିନ ଏବଂ କାର ଭଳି ଚଳନାର ଅନୁଭୂତି ଚାଳକର ଥକ୍କାପଣ ଦୂର କରିବା ସହ ଉତ୍ପାଦକତା ବୃଦ୍ଧି କରିବ। ଯେହେତୁ ସ୍ୱଚ୍ଛ ପ୍ରଯୁକ୍ତିବିଦ୍ୟାର ଆଦୃତି ବଢୁଛି, ଟାଟା ମୋଟର୍ସ ଶିଳ୍ପର ମାନଦଣ୍ଡକୁ ବୃଦ୍ଧି କରିବା ଏବଂ ବୈଦ୍ୟୁତିକ ମାଲ ପରିବହନକୁ ବ୍ୟବସାୟକ ପାଇଁ ଏକ ବ୍ୟବହାରିକ ତଥା ନିର୍ଭରଯୋଗ୍ୟ ପସନ୍ଦ କରିବାକୁ ପ୍ରତିବଦ୍ଧ।

# ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ ଏଆଇ-ଆଧାରିତ ବହୁଭାଷୀ ସଂଳାପ ପ୍ଲାଟଫର୍ମ 'ବିଓବି ସମ୍ବାଦ'ର ଶୁଭାରମ୍ଭ

**ଭୁବନେଶ୍ୱର, ୧୦।୪ (ନି.ପ୍ର) :** ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ ଗ୍ରାହକମାନଙ୍କ ସହ ହେଉଥିବା କଥାବର୍ତ୍ତାକୁ ଅଧିକ ସହଜ ଓ ପ୍ରଭାବଶାଳୀ କରିବା ପାଇଁ ଏହାର ନୂତନ ଏଆଇ-ଆଧାରିତ ବହୁଭାଷୀ ସଂଳାପ ପ୍ଲାଟଫର୍ମ 'ବିଓବି ସମ୍ବାଦ'ର ଶୁଭାରମ୍ଭ କରିଛି। ଏହାକୁ ୨୮ ମାର୍ଚ୍ଚ ୨୦୨୬ରେ ମୁମ୍ବାଇରେ ଅର୍ଥ ମନ୍ତ୍ରଣାଳୟର ଆର୍ଥିକ ସେବା ବିଭାଗ (ଡିଏଫ୍‌ଏସ୍) ସଚିବ ଶ୍ରୀ ଏମ୍. ନାଗରାଜୁ ଔପଚାରିକ ଭାବେ ଉଦଘାଟନ କରିଥିଲେ। ଏହି ପ୍ଲାଟଫର୍ମଟି ଶିଳ୍ପ ଜଗତରେ ପ୍ରଥମ ଏଆଇ-ଆଧାରିତ ବହୁଭାଷୀ ସଂଳାପ ପ୍ଲାଟଫର୍ମ, ଯାହାର ଲକ୍ଷ୍ୟ ଶାଖାଗୁଡ଼ିକରେ ଗ୍ରାହକଙ୍କ ସହ କଥାବର୍ତ୍ତାକୁ ରୂପାନ୍ତରିତ କରିବା। ଭାଷାଗତ ବାଧାକୁ ଦୂର କରିବା ପାଇଁ ଡିଜାଇନ୍ କରାଯାଇଥିବା ଏହି ପ୍ଲାଟଫର୍ମ ଗ୍ରାହକ ଏବଂ ଶାଖା କର୍ମଚାରୀଙ୍କୁ ସେମାନଙ୍କ ପସନ୍ଦର ଭାଷାରେ ପରସ୍ପର ସହ ନିର୍ବିଘ୍ନ କଥାବର୍ତ୍ତା କରିବାରେ ସକ୍ଷମ କରେ।

ଆର୍ଥିକ ସେବା ବିଭାଗର ସଚିବ ଶ୍ରୀ ଏମ୍. ନାଗରାଜୁ ଏହି ଶୁଭାରମ୍ଭ ପାଇଁ ବ୍ୟାଙ୍କ ଅଫ୍ ବରୋଦାକୁ ଅଭିନନ୍ଦନ ଜଣାଇଛନ୍ତି। ସଚିବ, ଡିଏଫଏସ୍ ବ୍ୟାଙ୍କିଂ କ୍ଷେତ୍ରରେ ଭାଷାଗତ ବାଧାକୁ ଦୂର କରିବା ଏବଂ ଗ୍ରାହକଙ୍କ ଅନୁଭବକୁ ସମୃଦ୍ଧ କରିବା ପାଇଁ ପ୍ରଯୁକ୍ତିବିଦ୍ୟାର ଅଭିନବ ବ୍ୟବହାର ନିମନ୍ତେ ବ୍ୟାଙ୍କ ଅଫ୍ ବରୋଦାର ପ୍ରଶଂସା କରିଛନ୍ତି। ଶ୍ରୀ ନାଗରାଜୁ କହିଛନ୍ତି ଯେ 'ବିଓବି ସମ୍ବାଦ' ଅଧିକ ଅନ୍ତର୍ଭୁକ୍ତମୂଳକ ଓ ସହଜ ସେବା ପ୍ରଦାନକୁ ପ୍ରୋତ୍ସାହିତ କରିବ ଏବଂ ଶାଖାଗୁଡ଼ିକରେ ଗ୍ରାହକ ସେବାରେ ଉନ୍ନତି ଆଣିବାରେ ସାହାଯ୍ୟ କରିବ। ଏହି ପଦକ୍ଷେପ ଏହି କ୍ଷେତ୍ର ପାଇଁ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି ବୋଲି ସେ ପ୍ରକାଶ କରିଛନ୍ତି। ଶ୍ରୀ ନାଗରାଜୁ 'ବିଓବି ଫରେଷ୍ଟ' ମଧ୍ୟ ପରିଦର୍ଶନ କରିଥିଲେ, ଯାହା ବ୍ୟାଙ୍କର 'ବିଓବି ଆର୍ଥ', ଗ୍ରୀନ୍ ଡିପୋଜିଟ୍ ଏବଂ ଗ୍ରୀନ୍ ବଣ୍ଡ ପରେ ଅନ୍ୟ ଏକ ସବୁଜ ପଦକ୍ଷେପ, ଯାହା ବ୍ୟାଙ୍କର ସ୍ଥିରତା ଏବଂ ସାମଗ୍ରିକ ଇଏସଜି ଲକ୍ଷ୍ୟ ପ୍ରତି ପ୍ରତିବଦ୍ଧତାକୁ

ପ୍ରତିଫଳିତ କରେ। 'ବିଓବି ଫରେଷ୍ଟ' ହେଉଛି ବ୍ୟାଙ୍କ ଅଫ୍ ବରୋଦାର ମୁମ୍ବାଇସ୍ଥିତ ବିକେସି କାର୍ଯ୍ୟାଳୟରେ ନିର୍ମିତ ୬,୦୦୦ ବର୍ଗଫୁଟର ଏକ ସବୁଜ ଉଦ୍ୟାନ ଯାହା ପରିବେଶକୁ ପ୍ରୋତ୍ସାହିତ କରେ। ଏହି ଶୁଭାରମ୍ଭ ଉପରେ ମନ୍ତବ୍ୟ ଦେଇ ବ୍ୟାଙ୍କ ଅଫ୍ ବରୋଦାର ପରିଚାଳନା ନିର୍ଦ୍ଦେଶକ (ଏମ୍ ଡି) ଓ ସିଇଓ ଡ଼. ଦେବଦତ୍ତ ଚାନ୍ଦ କହିଛନ୍ତି, ''ବିଓବି ସମ୍ବାଦ' ସହିତ, ବ୍ୟାଙ୍କ ଅଫ୍ ବରୋଦା ଆମ ଶାଖାଗୁଡ଼ିକୁ ଅଧିକ ଅନ୍ତର୍ଭୁକ୍ତମୂଳକ ଓ ଗ୍ରାହକ-ଅନୁକୂଳ କରିବା ପାଇଁ ଏଆଇର ବ୍ୟବହାର କରୁଛି, ଯାହା ସ୍ଥାନୀୟ ଭାଷାରେ ନିର୍ବିଘ୍ନରେ ରିୟଲ-ଟାଇମ୍ କଥାବାର୍ତ୍ତାକୁ ସକ୍ଷମ କରେ। ଏହି ପଦକ୍ଷେପ ପ୍ରଯୁକ୍ତିବିଦ୍ୟାକୁ ଗ୍ରାହକ-କୈନ୍ଦ୍ରିକ ଡିଜାଇନ୍ ସହିତ ମିଶ୍ରଣ କରି ଆମର କାର୍ଯ୍ୟକ୍ଷମ ଉତ୍କର୍ଷ ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ସମ୍ପୂର୍ଣ୍ଣରୂପେ ଇନ-ହାଉସ୍ ଭାବେ ବିକଶିତ, 'ବିଓବି ସମ୍ବାଦ' ଏଆଇ-ଚାଳିତ ବକ୍ତବ୍ୟ ଏବଂ ଭାଷା ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରି ୨୨ଟି ଭାଷାରେ ରିୟଲ-ଟାଇମ୍, କମ୍ ସମୟରେ, ଉଭୟ ପକ୍ଷ ଯୋଗାଯୋଗକୁ ସକ୍ଷମ କରେ, ଯାହା ପ୍ରସଙ୍ଗଗତ ସଠିକତା ଏବଂ ପ୍ରାକୃତିକ ସ୍ୱଚ୍ଛତା ସୁନିଶ୍ଚିତ କରେ, ଏବଂ ଏଥିସହ ଭାରତର ଭାଷାଗତ ବିବିଧତାକୁ ଗ୍ରହଣ କରେ। ସେବା କାଉଣ୍ଟରରେ, ଏହି ଆପ୍ଲିକେସନ୍ ଜରିଆରେ ଗ୍ରାହକ ଏବଂ ଶାଖା କର୍ମଚାରୀଙ୍କ ମଧ୍ୟରେ ବିନା ବାଧାରେ ଯୋଗାଯୋଗକୁ ସକ୍ଷମ କରେ। ଗ୍ରାହକମାନେ ସେମାନଙ୍କ ପସନ୍ଦର ଭାଷାରେ ସେମାନଙ୍କ ପ୍ରଶ୍ନ ପଚାରିପାରିବେ ଅବା ଲିଖିତ ପ୍ରଶ୍ନକୁ ପ୍ରେରିତ କରିପାରିବେ, ଯାହା ତତକ୍ଷଣାତ୍ କର୍ମଚାରୀଙ୍କ ବଛାଯାଇଥିବା ଭାଷାରେ ଅନୁବାଦ ହୋଇଯିବ, ଏବଂ ବିପରୀତ କ୍ରମରେ ମଧ୍ୟ ହେବ, ଯାହା ସୁଗମ, ରିୟଲ-ଟାଇମ୍ ଯୋଗାଯୋଗକୁ ସୁଗମ କରିବ, ସଠିକ୍ ବୁଝାମଣା ଏବଂ ଦକ୍ଷ ସେବା ପ୍ରଦାନକୁ ସୁନିଶ୍ଚିତ କରିବ। ଏହି ସମ୍ଭାଷଣ ସ୍କ୍ରିନରେ ଟେକ୍ସଟ୍ ଭାବରେ ପ୍ରଦର୍ଶିତ ହେବ, ଏକ ବିକଳ୍ପ ଭଏସ୍ ମୋଡ୍ ସହିତ ଯାହା ଟେକ୍ସଟକୁ ସ୍ପିଚରେ ରୂପାନ୍ତର ହେବ। ପ୍ରଥମ ପର୍ଯ୍ୟାୟରେ, 'ବିଓବି ସମ୍ବାଦ' ତାମିଲନାଡୁ, କର୍ଣ୍ଣାଟକ, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ ଏବଂ ମହାରାଷ୍ଟ୍ରର ୨୫୦ଟି ଶାଖାରେ କାର୍ଯ୍ୟକରୀ ହେବ। ଏହା ପରେ ବ୍ୟାଙ୍କର ଶାଖା ନେଟୱାର୍କରେ ଏହାର ପର୍ଯ୍ୟାୟକ୍ରମେ ବ୍ୟାପକ ପ୍ରସାର କରାଯିବ।

# ଫିଟନେସ୍ ପରି ଓରାଲ୍ କେୟାର୍ 'ରିସେଟ୍' ହୁଏନାହିଁ

**ଭୁବନେଶ୍ୱର, ୯।୪ (ନି.ପ୍ର):** ଅନେକ ଲୋକ ଜିମ ଯୋଗ ଦେବା କିମ୍ବା ନୂତନ ଡାଇଏଟ୍ ଅନୁସରଣ କରି ନିଜର ଫିଟନେସ୍ ରୁଟିନ୍କୁ ସମୟ ସମୟରେ 'ରିସେଟ୍' କରୁଥିବା ବେଳେ, ମୁଖ ସ୍ୱାସ୍ଥ୍ୟ ସେତେ ଗୁରୁତ୍ୱ ପାଉନାହିଁ। ପବ୍ଲିକ୍ ହେଲ୍ଥ ଡେଣ୍ଟିଷ୍ଟର ପ୍ରୋଫେସର ଡା. ସୋନିଆ ଦତ୍ତ କହିଛନ୍ତି ଯେ ଶୈଶବକାଳରେ ଗଢ଼ିଉଠିଥିବା ବ୍ରଶ କରିବାର ଅଭ୍ୟାସ ଦଶକ ଧରି ପରିବର୍ତ୍ତନ ହୁଏନାହିଁ, ଯଦିଓ ଜୀବନଶୈଳୀ ଓ ସ୍ୱାସ୍ଥ୍ୟ ଆବଶ୍ୟକତା ସମୟ ସହିତ ବଦଳିଯାଏ। ବ୍ୟକ୍ତିଗତ ସ୍ୱାସ୍ଥ୍ୟ ପ୍ରାଥମିକତାରେ ଅସମତା ଶାରୀରିକ ଫିଟନେସର କଥା ଆସିଲେ ଅନେକେ ଅବହେଳା ପରେ ଶୀଘ୍ର ସ୍ୱାସ୍ଥ୍ୟକର ଅଭ୍ୟାସ ଗ୍ରହଣ କରନ୍ତି। କିନ୍ତୁ ମୁଖ ସ୍ୱାସ୍ଥ୍ୟ-ବିଶ୍ୱରେ ସବୁଠୁ ସାଧାରଣ ସଂକ୍ରାମକ ନ ହେବା ସମସ୍ୟାମାନଙ୍କ ମଧ୍ୟରୁ ଗୋଟିଏ-ପ୍ରାୟତଃ ଅବହେଳିତ ରହିଯାଏ। ଏହି ଅବହେଳା କେବଳ ମୁଖରେ ସୀମିତ ନୁହେଁ, ସମଗ୍ର ଶାରୀରିକ ସୁସ୍ଥତାକୁ ପ୍ରଭାବିତ କରେ, କିନ୍ତୁ ଫିଟନେସ୍ ପରି ଏହା ପ୍ରତି ପୁନର୍ବିଚାର କରାଯାଏ ନାହିଁ। ଓରାଲ୍ କେୟାର୍ କାହିଁକି ଅବହେଳିତ ହୁଏ ଫିଟନେସ୍ କିମ୍ବା ଓଜନ ପରିବର୍ତ୍ତନ ପରି ମୁଖ ସ୍ୱାସ୍ଥ୍ୟର ଆରମ୍ଭିକ ସମସ୍ୟା ସବୁବେଳେ ସ୍ପଷ୍ଟ ଦେଖାଯାଏ ନାହିଁ। ପ୍ଲାକ୍ ସଞ୍ଚୟ, ଏନାମେଲ୍ କ୍ଷୟ ଓ ଆରମ୍ଭିକ ମସୁଡ଼ା ସୁଜନ ବେଦନା ବିନା ବଢ଼ିଥାଏ। ଏହି କାରଣରୁ ଆମେ ବର୍ତ୍ତମାନର ରୁଟିନ 'ପର୍ଯ୍ୟାପ୍ତ' ବୋଲି ଧରିନେଉଥାଉ ଏବଂ ବ୍ରଶ କରିବାର ପ୍ରଣାଳୀ, ସମୟ କିମ୍ବା ବ୍ୟବହୃତ ପ୍ରୋଡକ୍ଟ ଉପରେ ପୁନର୍ବିଚାର କରୁନାହୁଁ। ସମୟ ସହିତ ଏହା ଦାନ୍ତ ଖୋଳା, ମାଢ଼ି ରୋଗ ଏବଂ ଦାଂର ସେନ୍ସିଟିଭିଟି ବଢ଼ାଇଦିଏ। ଆୟୁର୍ବେଦର ଲାଭ: ପାରମ୍ପରିକତା ଓ ବିଜ୍ଞାନର ସମନ୍ୱୟ ଏହି ସେନ୍ସିଟିଭିଟିକୁ ହ୍ରାସ କରିବା ପାଇଁ ଡା. ଦତ୍ତ ଦୀର୍ଘକାଳୀନ ଓ ସ୍ଥିର ଅଭିଗମକୁ ଗୁରୁତ୍ୱ ଦେଇଛନ୍ତି। ଆୟୁର୍ବେଦରେ ଲବଙ୍ଗ ଓ ଶୁଣ୍ଠି ପରି ଉପାଦାନ ବ୍ୟବହୃତ ହୁଏ, ଯାହାରେ ଜୀବାଣୁବିରୋଧୀ ଓ ସୋଜାବିରୋଧୀ ଗୁଣ ରହିଛି।

ଡାବର୍ ରେଡ୍ ପେଷ୍ଟ ଆୟୁର୍ବେଦିକ ଜ୍ଞାନକୁ ଆଧୁନିକ ଡେଣ୍ଟାଲ୍ ବିଜ୍ଞାନ ସହିତ ସମନ୍ୱୟ କରି ଏହି ଖାଲିକୁ ପୂରଣ କରେ। ଏହା ଭାରତୀୟ ଡେଣ୍ଟାଲ୍ ଆସୋସିଏସନ୍ର ସ୍ୱୀକୃତି ପାଇଥିବା ଏକ ବିଶ୍ୱସନୀୟ ଦୈନିକ ସମାଧାନ, ଯାହା ମୁଖ ସ୍ୱଚ୍ଛତାକୁ ଉନ୍ନତ କରିବାକୁ ଇଚ୍ଛୁକ ଲୋକଙ୍କ ପାଇଁ ଉପଯୁକ୍ତ।

ଓରାଲ୍ କେୟାର୍ ଅଭ୍ୟାସ ପୁନର୍ଗଠନ ପାଇଁ ପ୍ରାୟୋଗିକ ପଦକ୍ଷେପ

ଫିଟନେସ୍ ରୁଟିନ୍ ପରି ଓରାଲ୍ ହାଇଜିନ୍ ଅଭ୍ୟାସକୁ ପୁନଃ ଆଲୋଚନା କରିବା ମଧ୍ୟ ଅତ୍ୟ' ଦରକାର। ଡେଣ୍ଟାଲ୍ ସଂଘଗୁଡ଼ିକ ଦିନକୁ ଦୁଇଥର ବ୍ରଶ କରିବାକୁ ସୁପାରିଶ କରନ୍ତି। ମସୁଡ଼ା ଲାଇନ୍ ସହିତ ଠିକ୍ ବ୍ରଶିଂ ପ୍ରଣାଳୀ ଅତ୍ୟାବଶ୍ୟକ। ଦିନସରା ଫ୍ଲସିଂ କରିବା ଦାଂ ମଧ୍ୟରେ ସଫା କରେ ଏବଂ ନିୟମିତ ଡେଣ୍ଟାଲ୍ ଚେକଅପ୍ ପ୍ରାରମ୍ଭିକ ଚିହ୍ନଟ ଓ ପ୍ରତିରୋଧକ ସେବାକୁ ସମର୍ଥନ କରେ। ଉପସଂହାର: ଓରାଲ୍ କେୟାର୍କୁ ଅନିବାର୍ଯ୍ୟ ଅଭ୍ୟାସ କରନ୍ତୁ

ମୁଖ ସ୍ୱାସ୍ଥ୍ୟକୁ ଅନ୍ୟ ସୁସ୍ଥତା ପ୍ରାଥମିକତା ସହ ସମାନ ଗୁରୁତ୍ୱ ଦେବା ଆବଶ୍ୟକ। ସ୍ୱାଭାବିକ ଓ କାର୍ଯ୍ୟକାରୀ ଉପାଦାନ ସହିତ ସାନା କିନ୍ତୁ ନିୟମିତ ପରିବର୍ତ୍ତନ ଦୀର୍ଘ ସମୟ ପର୍ଯ୍ୟନ୍ତ ଦାନ୍ତ ଓ ମାଢ଼ିକୁ ସୁରକ୍ଷିତ ରଖିପାରିବ।

# ନାସା - ବିଏମଇ ସହଯୋଗରେ ମାଟିର ଆଦ୍ରତା ନିରୀକ୍ଷଣରେ ନୂତନ ପଦକ୍ଷେପ

**ଭୁବନେଶ୍ୱର,୧୦।୪ (ନି.ପ୍ର) :** ଭାରତ ବିଶ୍ୱର ୧୮ ପ୍ରତିଶତ ଜନସଂଖ୍ୟାକୁ ଆଶ୍ରୟ ଦେଇଥିଲେ ମଧ୍ୟ ମୋଟ ମଧୁର ଜଳ ସମ୍ପଦର କେବଳ ୪ ପ୍ରତିଶତ ଭାଗ ରଖିଛି ଏବଂ ପ୍ରାୟ ୬୦ କୋଟି ଲୋକ ଉଚ୍ଚ ଜଳ ଚାପ ଅଞ୍ଚଳରେ ବସବାସ କରୁଛନ୍ତି। ଦେଶର ଅର୍ଦ୍ଧାଧିକ ଚାଷଭୂମି ବର୍ଷା ଉପରେ ନିର୍ଭର କରୁଥିବାରୁ କମ୍ ମୌସୁମୀ ବର୍ଷା କିମ୍ବା ଦୀର୍ଘ ସମୟ ଧରି ଗ୍ରୀଷ୍ମ ଲହରୀ ଚାଲିଲେ ଫସଲ ଉପରେ ଗୁରୁତର ପ୍ରଭାବ ପକାଇପାରେ। ଏହି ପରିପ୍ରେକ୍ଷିତରେ ନାସା ଓ ବୁଡାପେଷ୍ଟ ପ୍ରଯୁକ୍ତି ଓ ଅର୍ଥନୀତି ବିଶ୍ୱବିଦ୍ୟାଳୟ (ବିଏମଇ) ମଧ୍ୟରେ ଆରମ୍ଭ ହୋଇଥିବା ବୈଜ୍ଞାନିକ ସହଯୋଗ ମାଟିର ଆଦ୍ରତା ସମ୍ବନ୍ଧୀୟ ଉପଗ୍ରହ ତଥ୍ୟର ଗୁଣତ୍ୱ ବୃଦ୍ଧି କରି ଖରା ନିରୀକ୍ଷଣ, ଫସଲ



ପୂର୍ବାନୁମାନ ଓ ଜଳବାୟୁ ମଡେଲକୁ ଅଧିକ ସଠିକ କରିବାକୁ ଲକ୍ଷ୍ୟ ରଖିଛି।

ଏହି ସହଯୋଗ ଅନୁସାରେ ବିଏମଇ ହଙ୍ଗେରୀର ମାଟି ମାପନ କେନ୍ଦ୍ରଗୁଡ଼ିକରୁ ସଂଗୃହିତ ବିସ୍ତୃତ ତଥ୍ୟ ନାସାକୁ ପ୍ରଦାନ କରୁଛି, ଯାହାକୁ ଏସ୍‌ମ୍ୟାପ୍ ଓ ନିସାର ଭଳି ଉପଗ୍ରହ ମିଶନର ତଥ୍ୟ ସହ ସମ୍ମିଳନ କରାଯାଉଛି। ଏହା ଦ୍ୱାରା ଉପଗ୍ରହ ଆଧାରିତ ମାଟି ଆଦ୍ରତା ମାପନର ସଠିକତା ବଢ଼ିବ ଏବଂ ଭାରତରେ ମନସୁନ ଖରା ନିରୀକ୍ଷଣ, ସିଂଚନ ପରିକଳ୍ପନା ଓ ଜଳ ବଂଟନ ବ୍ୟବସ୍ଥାପନାରେ ଦୂରଗାମୀ ଲାଭ ମିଳିବ।

ବିଏମଇର ସହଯୋଗୀ ପ୍ରଫେସର ଡ଼ଃ ଜସଫିଆ କଗ୍ଲର କହିଛନ୍ତି, 'ମାଟିର ଉପରି ଭାଗର ୧୦ ସେଂଟିମିଟର ଭାଗରେ ଘଟୁଥିବା ପରିବର୍ତ୍ତନ ଗ୍ରୀଷ୍ମ ଲହରୀକୁ ସାଧାରଣ ଅସୁବିଧାରୁ ଗୁରୁତର ଫସଲ କ୍ଷତି ଓ ଜଳ ସୁରକ୍ଷା ସମସ୍ୟାରେ ପରିଣତ କରିପାରେ। ଆମର ଲକ୍ଷ୍ୟ ହେଉଛି ଏହି ଉପଗ୍ରହ ତଥ୍ୟକୁ ସର୍ବାଧିକ ନିର୍ଭରଯୋଗ୍ୟ କରିବା।'ବିଶେଷଜ୍ଞମାନଙ୍କ ମତାନୁସାରେ, ଏହି ପଦକ୍ଷେପ ଭାରତର ଖାଦ୍ୟ ସୁରକ୍ଷା, ଜଳ ପରିଚାଳନା ଓ ଜଳବାୟୁ ସହନଶୀଳତା ବୃଦ୍ଧିରେ ସହାୟକ ହୋଇପାରିବ।

# ୧୦୦ ବିଲିୟନ ଡଲାର ମୂଲ୍ୟାଙ୍କନ ଆକଳନ ସହିତ ରିଲାଏନ୍ସ ରିଟେଲ୍ ବିଶ୍ୱରେ ୭ମ ସ୍ଥାନ

**ନୂଆଦିଲ୍ଲୀ, ୧୦।୪ (ନି.ପ୍ର) :** ବିଶ୍ୱର ସବୁଠାରୁ ମୂଲ୍ୟବାନ ଘରୋଇ ଷ୍ଟାର୍ଟଅପ୍ କମ୍ପାନୀଗୁଡ଼ିକର ବିଶ୍ୱ ତାଲିକାରେ ରିଲାଏନ୍ସ ରିଟେଲ୍ ସପ୍ତମ ସ୍ଥାନରେ ପହଞ୍ଚିଛି। ଷ୍ଟାନଫୋର୍ଡ ଗ୍ରାଜୁଏଟ୍ ସ୍କୁଲ୍ ଅଫ୍ ବିଜନେସର ଗବେଷଣା ଅନୁଯାୟୀ, କମ୍ପାନୀ ୧୦୦ ବିଲିୟନ ଡଲାରରୁ ଅଧିକ ମୂଲ୍ୟାଙ୍କନ ସହିତ ବିଶ୍ୱ ସ୍ତରରେ ଏକ ପ୍ରମୁଖ ମାଇଲଖୁଣ୍ଟ ହାସଲ କରିଛି। ପ୍ରଥମ ୧୦୦ ସବୁଠାରୁ ମୂଲ୍ୟବାନ ଷ୍ଟାର୍ଟଅପ୍ କମ୍ପାନୀ ତାଲିକାରେ ତିନୋଟି ଭାରତୀୟ କମ୍ପାନୀ ଅନ୍ତର୍ଭୁକ୍ତ ରହିଛନ୍ତି। ସେମାନଙ୍କ ମଧ୍ୟରେ ସର୍ବୋଚ୍ଚ ସ୍ଥାନ ହାସଲ କରି, ରିଲାଏନ୍ସ ରିଟେଲ୍ ଏହି ତାଲିକାରେ ଏକ ଦୃଢ଼ ଭାରତୀୟ ଉପସ୍ଥିତି ଜାହିର କରିଛି।

ରିପୋର୍ଟ ଅନୁଯାୟୀ, ରିଲାଏନ୍ସ ରିଟେଲ୍‌ର ପୋଷ୍ଟ-ମନି ମୂଲ୍ୟାଙ୍କନ ୧୦୦ ବିଲିୟନ ଡଲାରରୁ ଅଧିକ ରହିଛି, ଯାହା ଫଳରେ ଏହାକୁ 'ହେକ୍ଟୋକର୍ଣ୍ଣ' ଭାବରେ ନାମିତ ସାତଟି ବିଶ୍ୱ କମ୍ପାନୀ ମଧ୍ୟରେ ସ୍ଥାନିତ କରିଛି। ଏହି ଶବ୍ଦଟି ଷ୍ଟାର୍ଟଅପଗୁଡ଼ିକୁ ବୁଝାଏ ଯାହାର ମୂଲ୍ୟାଙ୍କନ ୧୦୦ ବିଲିୟନ ଡଲାର ଅତିକ୍ରମ କରିଥାଏ। ସ୍ଥାନ ପାଇଥିବା ଶ୍ରେଷ୍ଠ ସାତଟି କମ୍ପାନୀ ମଧ୍ୟରେ, ରିଲାଏନ୍ସ ରିଟେଲ୍ ହେଉଛି ରିଟେଲ କ୍ଷେତ୍ରର ଏକମାତ୍ର କମ୍ପାନୀ। କମ୍ପାନୀକୁ କତାର ଇନଭେଷ୍ଟମେଣ୍ଟ ଅଥୋରିଟି, ଆବୁଧାବି ଇନଭେଷ୍ଟମେଣ୍ଟ ଅଥୋରିଟି, କେକେଆର, ସିଲଭର ଲେକ୍, ଜିଆଇସି, ଟିପିଜି ଏବଂ ମୁବାଡାଲା ଭଳି ବିଶ୍ୱର ପ୍ରମୁଖ ନିବେଶକଙ୍କଠାରୁ ପୁଞ୍ଜିନିବେଶ ମିଳିଛି। ଏହି ନିବେଶକମାନଙ୍କ ଦ୍ୱାରା କମ୍ପାନୀକୁ ଦିଆଯାଇଥିବା ମୂଲ୍ୟାଙ୍କନ ରାଙ୍କିଙ୍ଗ ପାଇଁ ପ୍ରାଥମିକ ଆଧାର ଭାବରେ କାର୍ଯ୍ୟ କରିଥିଲା। ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ଉପଲବ୍ଧ ତଥ୍ୟ ଉପରେ ଆଧାରିତ, ଷ୍ଟାନଫୋର୍ଡ ଗ୍ରାଜୁଏଟ୍ ସ୍କୁଲ୍ ଅଫ୍ ବିଜନେସର ଭେଞ୍ଚର କ୍ୟାପିଟାଲ୍ ଇନିସିଏଟିଭ୍ ଦ୍ୱାରା କରାଯାଇଥିବା ଗବେଷଣାରେ ଏହି ରାଙ୍କିଙ୍ଗ ଉଲ୍ଲେଖ କରାଯାଇଛି। ଏହି ତାଲିକାର ଶୀର୍ଷ ତିନୋଟି ସ୍ଥାନ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତ୍ତା କମ୍ପାନୀ ଓପନ୍‌ଏଆଇ, ଇଲନ ମସ୍କଙ୍କ ସ୍ପେସ୍‌ଏକ୍ସ ଏବଂ ଆନ୍‌ଥ୍ରୋପିକ ଦଖଲ କରିଛନ୍ତି - ଯାହା ବିଶ୍ୱ ନିବେଶ ଧାରା ମଧ୍ୟରେ ଟେକ୍ ଏବଂ ଏଆଇ କମ୍ପାନୀଗୁଡ଼ିକର ବର୍ଦ୍ଧିତ ପ୍ରାଧାନ୍ୟକୁ ସୂଚିତ କରୁଛି।

ରିପୋର୍ଟରେ ମୋଟ ତିନୋଟି ଭାରତୀୟ କମ୍ପାନୀକୁ ସ୍ଥାନ ଦିଆଯାଇଛି। ନ୍ୟାସନାଲ ଷ୍ଟକ୍ ଏକ୍ସଚେ (ଏନଏସଇ ଇଣ୍ଡିଆ) ୨୪ ବିଲିୟନ ଡଲାର ମୂଲ୍ୟାଙ୍କନ ସହିତ ୨୭ ତମ ସ୍ଥାନରେ ରହିଥିବାବେଳେ ଟାଟା ଇଭି ମୋବିଲିଟି ୯ ବିଲିୟନ ଡଲାର ମୂଲ୍ୟାଙ୍କନ ସହିତ ୯୩ ତମ ସ୍ଥାନରେ ରହିଛି। ଯୁକ୍ତରାଷ୍ଟ୍ର ଆମେରିକା ୬୫ ଟି କମ୍ପାନୀ ସହିତ ତାଲିକାରେ ଆଗରେ ରହିଥିବାବେଳେ ଚୀନର ୨୧ ଟି କମ୍ପାନୀ ପ୍ରତିନିଧିତ୍ୱ କରୁଛନ୍ତି। ଭାରତ ଏବଂ ବ୍ରିଟେନ ପ୍ରତ୍ୟେକର ତିନୋଟି ଲେଖାଏଁ କମ୍ପାନୀ ଏହି ତାଲିକାରେ ସ୍ଥାନ ପାଇଛନ୍ତି। ରିପୋର୍ଟ ଅନୁଯାୟୀ, ଶୀର୍ଷ ତିନୋଟି କମ୍ପାନୀ - ଓପନ୍‌ଏଆଇ, ସ୍ପେସ୍‌ଏକ୍ସ ଏବଂ ଆନ୍‌ଥ୍ରୋପିକ - ସାମୂହିକ ଭାବରେ ସମଗ୍ର ତାଲିକାର ମୋଟ ମୂଲ୍ୟାଙ୍କନର ପ୍ରାୟ ଏକ ତୃତୀୟାଂଶ ହାସଲ କରିଛନ୍ତି, ଯାହା ବିଶ୍ୱ ନିବେଶରେ ଏଆଇ କ୍ଷେତ୍ରର ଦବଦବାକୁ ସ୍ପଷ୍ଟ କରୁଛି। ରିଲାଏନ୍ସ ରିଟେଲର ରାଙ୍କିଙ୍ଗ ବିଶ୍ୱ ରିଟେଲ ବଜାରରେ ଭାରତର ବଢୁଥିବା ଉପସ୍ଥିତିକୁ ରେଖାଙ୍କିତ କରୁଛି।

# ଏନବିବିଏଲର ବ୍ୟାଙ୍କିଂ କନେକ୍ଟରେ ଯୋଡ଼ିହେଲା ଆକ୍ସିସ ବ୍ୟାଙ୍କ

**ଭୁବନେଶ୍ୱର, ୯।୪ (ନି.ପ୍ର) :** ନ୍ୟାସନାଲ ପେମେଂଟ କର୍ପୋରେସନ ଅଫ୍ ଇଣ୍ଡିଆ (ଏନପିସିଆଇ)ର ସମ୍ପୂର୍ଣ୍ଣ ସହାୟକ ସଂସ୍ଥା ଏନପିସିଆଇ ଭାରତ ବିଲପେ ଲିମିଟେଡ (ଏନବିବିଏଲ)ର ବ୍ୟାଙ୍କିଂ କନେକ୍ଟ ପ୍ଲାଟଫର୍ମରେ ଦେଶର ଅନ୍ୟତମ ସର୍ବବୃହତ ଘରୋଇ ବ୍ୟାଙ୍କ ଆକ୍ସିସ ବ୍ୟାଙ୍କ ଯୋଡ଼ିହୋଇଛି। ଏହି ସମନ୍ୱୟ ଦ୍ୱାରା ଆକ୍ସିସ ବ୍ୟାଙ୍କର ୩୭ ନିୟୁତ ଗ୍ରାହକ ଉପକୃତ ହେବେ। ସେମାନେ ଦ୍ରୁତ ଚେକଆଉଟ ପ୍ରକ୍ରିୟା ଏବଂ ଦେଶର ୪୮୦୦ ମର୍ଚାଂଟଙ୍କ ପାଖରେ ଉନ୍ନତ ନେଟ ବ୍ୟାଙ୍କିଂ ଅନୁଭୂତି ପାଇପାରିବେ। ଏସବିଆଇ, ଆଇସିଆଇସିଆଇ ବ୍ୟାଙ୍କ ଓ ଏଚଡିଏଫସି ବ୍ୟାଙ୍କ ସମେତ ଭାରତର ଆଠଟି ପ୍ରମୁଖ ବ୍ୟାଙ୍କ ବ୍ୟାଙ୍କିଂ କନେକ୍ଟରେ ଯୋଡ଼ି ହୋଇଛନ୍ତି। ଏଥିରେ ୧୧ଟି ପେମେଂଟ ଏଗ୍ରିଗେଟର ମଧ୍ୟ ସାମିଲ ହୋଇଛନ୍ତି। ଏହି ପ୍ଲାଟଫର୍ମ ସହଜରେ ଯୋଡ଼ି ହେବା, ସମନ୍ୱୟ ସମୟ ହ୍ରାସ କରିବା ଏବଂ ପେମେଂଟ ଏଗ୍ରିଗେଟରମାନଙ୍କୁ ମର୍ଚାଂଟମାନଙ୍କୁ ଶୀଘ୍ର ସକ୍ରିୟ କରିବା ସୁବିଧା ପ୍ରଦାନ କରୁଛି। ନିର୍ଦ୍ଦିଷ୍ଟ ବ୍ୟାଙ୍କ ସହ ସମନ୍ୱିତ ହେବା ପାଇଁ ମର୍ଚାଂଟମାନଙ୍କୁ ଦରକାର ପଡୁନାହିଁ। ମର୍ଚାଂଟମାନେ ମଧ୍ୟ ଉନ୍ନତ ନେଟ ବ୍ୟାଙ୍କିଂ ଅନୁଭୂତି ଓ ଉନ୍ନତ ପେମେଂଟ ଭରସା ଓ ଗ୍ରାହକ ସନ୍ତୁଷ୍ଟି ପାଉଛନ୍ତି। ଏନବିବିଏଲର ଏମଡି ଓ ସିଇଓ ନୁପୂର ଚତୁର୍ବେଦୀ କହିଛନ୍ତି ଯେ, 'ନେଟ ବ୍ୟାଙ୍କିଂ ପେମେଂଟ ବ୍ୟବସ୍ଥାରେ ବ୍ୟାଙ୍କିଂ କନେକ୍ଟ ଦ୍ରୁତ ରୂପାନ୍ତରଣ ଆଣିଛି। ଏହି ପ୍ଲାଟଫର୍ମର ଦ୍ରୁତ ଗ୍ରହଣୀୟତା ଏନବିବିଏଲର ଭିତ୍ତିଭୂମି ଉପରେ ଆମ ସହଯୋଗୀ ଓ ଗ୍ରାହକମାନେ ପ୍ରକଟ କରିଥିବା ଭରସା ଓ ବିଶ୍ୱାସକୁ ଦର୍ଶାଉଛି। ଭବିଷ୍ୟତ ପାଇଁ ପ୍ରସ୍ତୁତ ଡିଜିଟାଲ ସମାଧାନ ଗଠନ କରିବା ଉପରେ ଆମର ଗୁରୁତ୍ୱ ରହିବ ଯାହା ଗ୍ରାହକଙ୍କ ପାଇଁ ପେମେଂଟ ଅନୁଭୂତିରେ ଉନ୍ନତି ଆଣିବ ଓ ବ୍ୟବସାୟ ପାଇଁ ପରିଚାଳନା ଦକ୍ଷତାକୁ ସୁଦୃଢ଼ କରିବ।

ଏକ ବ୍ୟାପକ, ଆଧୁନିକ ଓ ଅନ୍ତର୍ଭୁକ୍ତୀକରଣ ଫ୍ରେମୱର୍କ ଜରିଆରେ ଭାରତର ଡିଜିଟାଲ ପେମେଂଟ ସ୍ୱପ୍ନ ପ୍ରତି ଆମେ ସହଯୋଗ ଜାରି ରଖିଥିବା ବେଳେ ଆକ୍ସିସ ବ୍ୟାଙ୍କର ଯୋଗଦାନ ଏକ ଉତ୍ସାହଜନକ ପଦକ୍ଷେପ। ଆକ୍ସିସ ବ୍ୟାଙ୍କର କାର୍ଡସ, ପେମେଂଟସ ଓ ୱେଲଥ ମ୍ୟାନେଜମେଂଟର ସଭାପତି ଓ ମୁଖ୍ୟ ଆର୍ନିକା ଦିକ୍ଷୀତ କହିଛନ୍ତି ଯେ, 'ବ୍ୟାଙ୍କିଂ କନେକ୍ଟ ପ୍ଲାଟଫର୍ମ ସହିତ ଆମର ସମନ୍ୱୟ ଆମ ଗ୍ରାହକଙ୍କ ପାଇଁ ନେଟ ବ୍ୟାଙ୍କିଂ ପେମେଂଟର ସରଳୀକରଣ ଓ ସଂଗଠିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ବ୍ୟାଙ୍କିଂ କନେକ୍ଟକୁ ଏକ ଏକକ ଇଂଟରଅପରେବଲ ସ୍ୱିଚ ଭାବେ ବ୍ୟବହାର କରି ଆମେ ସମନ୍ୱୟକୁ ସଂଗଠିତ କରିପାରିବା, ପରିଚାଳନା ଦକ୍ଷତାରେ ଉନ୍ନତି ଆଣିପାରିବା ଓ ଏକ ଅବିରତ ଚେକଆଉଟ ଅନୁଭୂତି ପ୍ରଦାନ କରିପାରିବା। ଡିଜିଟାଲ ପେମେଂଟରେ ଉନ୍ନତି ଜାରି ରହିଥିବା ବେଳେ ଆମେ ଆଧୁନିକ, ବ୍ୟାପକ ଭିତ୍ତିଭୂମି ଗ୍ରହଣ କରିବା ଉପରେ ଗୁରୁତ୍ୱ ଜାରି ରଖିଛୁ ଯାହା ଆକ୍ସିସ ବ୍ୟାଙ୍କ ଗ୍ରାହକଙ୍କ ପାଇଁ ସୁବିଧା ବଢ଼ାଇବ ଏବଂ ଭାରତର ବର୍ଦ୍ଧିତ ଡିଜିଟାଲ ପେମେଂଟ ବ୍ୟବସ୍ଥାକୁ ସୁଦୃଢ଼ କରିବ।

# ନାବାଳିକା ଶିଶୁ ଦୁଷ୍କର୍ମ ଓ ହତ୍ୟା ମାମଲାରେ ଦୋଷୀଙ୍କୁ ଫାଶୀ ଦଣ୍ଡ

ଅନୁଗୁଳ, ୧୦।୪: ନାବାଳିକା ଦୁଷ୍କର୍ମ ଓ ହତ୍ୟା ମାମଲାରେ ଏକ ଐତିହାସିକ ଓ କଠୋର ରାୟ ଦେଇଛି ଅନୁଗୁଳ ପୋକ୍‌ସୋ କୋର୍ଟ। ମାତ୍ର ୧୩ ମାସ ମଧ୍ୟରେ ଶୁଣାଣି କରି ଅଭିଯୁକ୍ତକୁ ଫାଶୀ ଦଣ୍ଡ ଶୁଣାଇଛନ୍ତି କୋର୍ଟ। ୪ ବର୍ଷ ୧୦ ମାସର ଜଣେ ନିର୍‌ଦୋଷ ଶିଶୁକୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିଲା।୪୦ ବର୍ଷୀୟ ଅଭିଯୁକ୍ତ ଦୋଷୀ ବାବୁଲାଲ ଜେନାଙ୍କୁ ଫାଶୀ ଦଣ୍ଡ ଶୁଣାଇଛନ୍ତି କୋର୍ଟ। ଅଭିଯୁକ୍ତ ଜଣକ ଜରେଙ୍ଗ ଗାଁର ବସିନ୍ଦା, ତାଙ୍କ ଡିଏନଏ ରିପୋର୍ଟ, ଫରେନସିକ ପ୍ରମାଣ ଓ ସାକ୍ଷୀଙ୍କ ବୟାନ ଆଧାରରେ କୋର୍ଟ ଏହି ରାୟ ଶୁଣାଇଛନ୍ତି। ଘଟଣା ଅନୁସାରେ, ୨୦୨୫ ମାର୍ଚ୍ଚ ୧୪ ତାରିଖରେ ନିଶା ଶିକ୍ଷାଞ୍ଚଳ ଥାନା ଅଞ୍ଚଳରୁ ଶିଶୁଟି ହଠାତ୍ ଗାୟବ ହୋଇଥିଲା। ପରିବାର ତରଫରୁ ଖବର ପାଇ ପୁଲିସ ତତ୍‌କ୍ଷଣାତ୍ ତଲାସୀ ଅଭିଯାନ ଆରମ୍ଭ କରିଥିଲା। ପରବର୍ତ୍ତୀ ଦିନ ଘର ନିକଟରେ ଥିବା ମହୁଆ ଗଛ ପାଖରୁ ଶିଶୁଟିଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ପୋଷ୍ଟମର୍ଟମ ରିପୋର୍ଟରେ ଦୁଷ୍କର୍ମ ପରେ ଗଳା କାଟି ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଥିଲା। ତଦନ୍ତ ପରେ ମାର୍ଚ୍ଚ ୧୭ରେ ପୁଲିସ ଦୋଷୀଙ୍କୁ ଗିରଫ କରିଥିଲା। ପରେ ସମସ୍ତ ପ୍ରମାଣ ଓ ସାକ୍ଷୀଙ୍କ ଆଧାରରେ କୋର୍ଟ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ଫାଶୀ ସଜା ଦେଇଛନ୍ତି।

# ହର୍ମୁଜ୍ ପ୍ରଣାଳୀ ଅତିକ୍ରମ କରିଛି ଭାରତର ଏଲପିଜି ଜାହାଜ ଗ୍ରୀନ୍ ଆଶା

ନୂଆଦିତଦିଲ୍ଲୀ, ୧୦।୪(ପିଆଇବି): ପଶ୍ଚିମ ଏସିଆରେ ବିକଶିତ ପରିସ୍ଥିତି ବିଷୟରେ ଗଣମାଧ୍ୟମକୁ ସୂଚନା ଦେବା ପାଇଁ ଏହାର ଜାରି ପ୍ରସାରର ଅଂଶ ଭାବରେ, ସରକାର ଭାରତ ଆଜି ଜାତୀୟ ଗଣମାଧ୍ୟମ କେନ୍ଦ୍ରରେ ଏକ ସାମ୍ବାଦିକ ସମ୍ମିଳନୀ କରିଛନ୍ତି। ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ, ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ, ବୈଦେଶିକ ବ୍ୟାପାର ତଥା ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ଅଧିକାରୀମାନେ ଇନ୍ଧନ ଉପଲବ୍ଧତା, ସାମୁଦ୍ରିକ କାର୍ଯ୍ୟ, ଏହି ଅଞ୍ଚଳରେ ଭାରତୀୟ ନାଗରିକମାନଙ୍କୁ ସହାୟତା ଏବଂ ପ୍ରମୁଖ କ୍ଷେତ୍ରଗୁଡ଼ିକରେ ସ୍ଥିରତା ବଜାୟ ରଖିବା ପାଇଁ ଗ୍ରହଣ କରାଯାଉଥିବା ପଦକ୍ଷେପ ବିଷୟରେ ଅପଡେଟ୍ ପ୍ରଦାନ କରିଛନ୍ତି। ଔଷଧ ବିଭାଗ, ରାସାୟନିକ ଏବଂ ସାର ମନ୍ତ୍ରଣାଳୟ ମଧ୍ୟ ଔଷଧ କ୍ଷେତ୍ର ସହିତ ଜଡିତ ଅପଡେଟ୍ ସୂଚନା ପ୍ରଦାନ କରିଛନ୍ତି।

ଔଷଧ କ୍ଷେତ୍ର ସମ୍ବନ୍ଧୀୟ ଅପଡେଟ୍ ?ରସାୟନ ଏବଂ ସାର ମନ୍ତ୍ରଣାଳୟର ଔଷଧ ବିଭାଗ ବର୍ତ୍ତମାନର ସ୍ଥିତି ଉପରେ ଏକ ଅପଡେଟ୍ ପ୍ରଦାନ କରିଛି: ପଶ୍ଚିମ ଏସିଆ ସଙ୍କଟ ଯୋଗୁଁ ଔଷଧ ସାମଗ୍ରୀର ବିଶ୍ୱ ଯୋଗାଣ ଶୃଙ୍ଖଳରେ ବାଧା ସୃଷ୍ଟି ହୋଇଛି, ବିଶେଷକରି ସକ୍ରିୟ ଔଷଧ ସାମଗ୍ରୀ (ଏପିଆଇ) ପ୍ରଭାବିତ ହୋଇଛି। ଏହି ଚ୍ୟାଲେଞ୍ଜ ସତ୍ତ୍ୱେ, ଦେଶରେ ଔଷଧର ବିକ୍ରୟ ମୂଲ୍ୟରେ କୌଣସି ବଡ଼ ବୃଦ୍ଧି ହୋଇନାହିଁ। ଔଷଧ ଶିଳ୍ପକୁ ସମର୍ଥନ କରିବା ଏବଂ ଅତ୍ୟାବଶ୍ୟକ ଏବଂ ଜୀବନ ରକ୍ଷାକାରୀ ଔଷଧର ନିରନ୍ତର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ, ରାଜସ୍ୱ ବିଭାଗ ୧ ଏପ୍ରିଲ ୨୦୨୬ ରେ ଏକ ବିଜ୍ଞପ୍ତି ମାଧ୍ୟମରେ ୪୦ ଟି ପେଟ୍ରୋକେମିକାଲ୍ ଉତ୍ପାଦ ଉପରେ କଷ୍ଟମ୍ ଡ୍ୟୁଟିକୁ ଶୂନ୍ୟ କରିଛି। ଔଷଧ କ୍ଷେତ୍ରର ପେଟ୍ରୋଲିୟମ୍ ଏବଂ ପେଟ୍ରୋକେମିକାଲ୍ସ କ୍ଷେତ୍ର ସହିତ ଦୃଢ଼ ମୂଲ୍ୟ-ଶୃଙ୍ଖଳ ସମ୍ପର୍କ ରହିଛି। ଔଷଧ ବିଭାଗ ଔଷଧ ଉତ୍ପାଦନ ପାଇଁ ଅତ୍ୟାବଶ୍ୟକ ସାମଗ୍ରୀର ନିରନ୍ତର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ଏବଂ ରାସାୟନିକ ତଥା ପେଟ୍ରୋକେମିକାଲ୍ସ ବିଭାଗ ସହିତ ଘନିଷ୍ଠ ସମନ୍ୱୟରେ କାର୍ଯ୍ୟ କରୁଛି। ଔଷଧ ଶିଳ୍ପ ଦ୍ୱାରା ଆବଶ୍ୟକ ପ୍ରମୁଖ ଦ୍ରାବକଗୁଡ଼ିକ ମଧ୍ୟରେ ପ୍ରୋପିଲିନ୍, ଆମୋନିଆ ଏବଂ ମିଥାନଲ୍ ଅନ୍ତର୍ଭୁକ୍ତ, ଯେତେବେଳେ କିଛି ଆଣ୍ଟିବାୟୋଟିକ୍ ପାଇଁ ବ୍ୟୁଟାନଲ୍ କମ୍ ପରିମାଣରେ ଆବଶ୍ୟକ ହୁଏ। ପ୍ରୋପିଲିନ୍ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଇନପୁଟ୍ ରହିଛି କାରଣ ଏହା ଆଇସୋପ୍ରୋପିଲ୍ ଆଲକୋହଲ୍ (ଆଇପିଏ) ଏବଂ ଆଇସୋବ୍ୟୁଟିଲ୍ ବେଞ୍ଜେନ୍ ଉତ୍ପାଦନରେ ବ୍ୟବହୃତ ହୁଏ, ଯାହା ଆଇବୁପ୍ରୋଫେନ୍ ଭଳି ଔଷଧରେ ବ୍ୟବହୃତ ହୁଏ।ପ୍ରୋପିଲିନ୍ ଯୋଗାଣର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ବର୍ତ୍ତମାନ ଭାରତ ପେଟ୍ରୋଲିୟମ୍ କର୍ପୋରେସନ୍ ଲିମିଟେଡର କୋଚି ଏବଂ ମୁମ୍ବାଇ ରିଫାଇନାରୀ ମାଧ୍ୟମରେ ପୂରଣ କରାଯାଉଛି ଏବଂ ଆଇସୋପ୍ରୋପିଲ୍ ଆଲକୋହଲ୍ ର ପ୍ରମୁଖ ନିର୍ମାତାମାନଙ୍କୁ ଯୋଗାଇ ଦିଆଯାଉଛି। ସମ୍ପୃକ୍ତ ବିଭାଗର ସମର୍ଥନ ସହିତ, ସାର ଶିଳ୍ପ ଔଷଧ ୟୁନିଟଗୁଡ଼ିକୁ ଆମୋନିଆ ଏବଂ ସମ୍ବନ୍ଧିତ ଇନପୁଟ୍ ର ପର୍ଯ୍ୟାପ୍ତ ଯୋଗାଣ ନିଶ୍ଚିତ କରିଛି। ମିଥାନଲ୍ ଯୋଗାଣ ଏକ ଚିନ୍ତାର ବିଷୟ ଭାବରେ ଉଭା ହୋଇଥିଲା; ତଥାପି, ଆସାମ ପେଟ୍ରୋକେମିକାଲ୍ସ ଏବଂ ଗୁଜରାଟ ନର୍ମଦା ଭ୍ୟାଲି ଫର୍ଟିଲାଇଜର୍ସ ଏବଂ କେମିକାଲ୍ସ (ଜିଏନଏଫସି) ପର୍ଯ୍ୟାପ୍ତ ପରିମାଣରେ ଯୋଗାଣ କରିବାକୁ ସହମତ ହୋଇଛନ୍ତି, ଏବଂ ଯୋଗାଣ ପୂର୍ବରୁ ଆରମ୍ଭ ହୋଇଥିବା ସହିତ ଲଜିଷ୍ଟିକ୍ ବ୍ୟବସ୍ଥା ଚାଲିଛି। ମେଟଫର୍ମିନ୍ ଏବଂ ଆସ୍ପିରିନ୍ ଭଳି ଔଷଧ ପାଇଁ ମଧ୍ୟବର୍ତ୍ତୀ ଭାବରେ ବ୍ୟବହୃତ ମିଥାଇଲେଟେଡ୍ ଆମୋନିୟମ୍ ଉତ୍ପାଦର ଉପଲବ୍ଧତା ଉପରେ କଡ଼ା ନଜର ରଖାଯାଇଛି। ରାସାୟନିକ ଏବଂ ପେଟ୍ରୋକେମିକାଲ୍ସ ବିଭାଗ ଅନେକ ଜୀବନ ରକ୍ଷାକାରୀ ଔଷଧ ନିର୍ମାଣରେ ବ୍ୟବହୃତ ଏକ ଗୁରୁତ୍ୱପୂର୍ଣ୍ଣ ଇନପୁଟ୍ ମର୍ଫ ?ଲିନ୍ ପାଇଁ ଗୁଣବତ୍ତା ନିୟନ୍ତ୍ରଣ ଆଦେଶକୁ ସ୍ଥଗିତ ରଖିଛି।

ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ବର୍ତ୍ତମାନର ଇନ୍ଧନ ଯୋଗାଣ ପରିସ୍ଥିତି ଉପରେ ଏକ ଅପଡେଟ୍ ସେୟାର କରିଛି, ଯେଉଁଥିରେ ହର୍ମୁଜ୍ ପ୍ରଣାଳୀକୁ ପ୍ରଭାବିତ କରୁଥିବା ଘଟଣାକ୍ରମ ମଧ୍ୟରେ ପେଟ୍ରୋଲିୟମ ଉତ୍ପାଦ ଏବଂ ଏଲପିଜି ର ନିରନ୍ତର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ଗ୍ରହଣ କରାଯାଉଥିବା ପଦକ୍ଷେପଗୁଡ଼ିକର ରୂପରେଖା ଦିଆଯାଇଛି। ଏହା ଉଲ୍ଲେଖ କରାଯାଇଛି ଯେ:ନାଗରିକମାନଙ୍କୁ ପେଟ୍ରୋଲ, ଡିଜେଲ ଏବଂ ଏଲପିଜି ର ଆତଙ୍କିତ କ୍ରୟ ଏଡାଇବାକୁ ଏବଂ ସୂଚନା ପାଇଁ କେବଳ ସରକାରୀ ଉତ୍ସ ଉପରେ ନିର୍ଭର କରିବାକୁ ପରାମର୍ଶ ଦିଆଯାଇଛି। ଏଲପିଜି ଗ୍ରାହକମାନଙ୍କୁ ଡିଜିଟାଲ୍ ବୁକିଂ ପ୍ଲାଟଫର୍ମ ବ୍ୟବହାର କରିବାକୁ ଅନୁରୋଧ କରାଯାଇଛି।ନାଗରିକମାନଙ୍କୁ ପିଏନଜି ଏବଂ ବୈଦ୍ୟୁତିକ କିମ୍ବା ଇଣ୍ଡକ୍ସନ୍ କୁକଟପ୍ ଭଳି ବିକଳ୍ପ ଇନ୍ଧନ ବ୍ୟବହାର କରିବାକୁ ଉତ୍ସାହିତ କରାଯାଇଛି।

ପ୍ରଚଳିତ ଭୌଗୋଳିକ ପରିସ୍ଥିତି ଦ୍ୱାରା ଏଲପିଜି ଯୋଗାଣ ପ୍ରଭାବିତ ହୋଇଛି। ଏଲପିଜି ବିତରକମାନଙ୍କରେ କୌଣସି ଡ୍ରାଇ-ଆଉଟ୍ ରିପୋର୍ଟ କରାଯାଇନାହିଁ। ସମଗ୍ର ଶିଳ୍ପରେ ଅନଲାଇନ୍ ଏଲପିଜି ବୁକିଂ ପ୍ରାୟ ୯୮% ବୃଦ୍ଧି ପାଇଛି। ଡାଇଭର୍ସନକୁ ରୋକିବା ପାଇଁ ବିତରଣ ପ୍ରମାଣୀକରଣ କୋଡ୍ (ଡିଏସି) ଆଧାରିତ ବିତରଣ ପ୍ରାୟ ୯୨% ବୃଦ୍ଧି ପାଇଛି। ଘରୋଇ ଏଲପିଜି ସିଲିଣ୍ଡର ବିତରଣ ସ୍ୱାଭାବିକ ରହିଛି। ୦୮.୦୪.୨୦୨୬ ରେ, ୫୧.୫ ଲକ୍ଷରୁ ଅଧିକ ଘରୋଇ ଏଲପିଜି ସିଲିଣ୍ଡର ବିତରଣ କରାଯାଇଥିଲା। ବାଣିଜ୍ୟିକ ମୋଟ ବାଣିଜ୍ୟିକ ଏଲପିଜି ଆବଣ୍ଟନକୁ ୧୦% ସଂସ୍କାର-ସଂଲଗ୍ନ ଆବଣ୍ଟନ ସହିତ ସଙ୍କଟ ପୂର୍ବ ସ୍ତରର ପ୍ରାୟ ୭୦% ବୃଦ୍ଧି କରାଯାଇଛି।ଭାରତ ସରକାର ୦୮.୦୪.୨୦୨୬ ତାରିଖର ପତ୍ର ମାଧ୍ୟମରେ ଜଣାଇ ଦେଇଛନ୍ତି ଯେ ଔଷଧ, ଖାଦ୍ୟ, ପଲିମର, କୃଷି, ପ୍ୟାକେଜିଂ, ରଙ୍ଗ, ୟୁରାନିୟମ୍, ଭାରୀ ଜଳ, ଇସ୍ପାତ, ବିହନ, ଧାତୁ, ସେରାମିକ୍, ଫାଉଣ୍ଡ୍ରି, ଫୋରଜିଂ, କାଚ, ଏରୋସଲ୍ ଇତ୍ୟାଦି କ୍ଷେତ୍ରର ଶିଳ୍ପ ୟୁନିଟ୍ ଗୁଡ଼ିକୁ ମଧ୍ୟ ମାର୍ଚ୍ଚ ୨୦୨୬ ପୂର୍ବରୁ ୟୁନିଟ୍ ?ଗୁଡ଼ିକର ବଲ୍କ ଅଣ-ଘରୋଇ ଏଲପିଜି ବ୍ୟବହାର ସ୍ତରର ୭୦% ପାଇବେ।

# ୨୦୦ରୁ ଗ୍ରାମରୁ ଅଧିକ ବ୍ରାଉନସୁଗାର ଜବତ, ୩ ଗିରଫ

ଭଦ୍ରକ/ବାଲେଶ୍ୱର: ଭଦ୍ରକ ଓ ବାଲେଶ୍ୱରରେ ନିଶା କାରବାର ମାମଲାରେ ଅବକାରୀ ବିଭାଗକୁ ବଡ଼ ସଫଳତା ମିଳିଛି । ୨୦୦ ଗ୍ରାମରୁ ଉର୍ଦ୍ଧ୍ୱ ବ୍ରାଉନ ସୁଗାର ସହିତ ୩ ଜଣ ଗିରଫ ହୋଇଛନ୍ତି ।

ରାଜପଥ କଡ଼ରେ ହେଉଥିଲା ବ୍ରାଉନ ସୁଗାର ବେପାର । ନିୟମିତ ଚେକିଙ୍ଗ ବେଳେ ଧରିଲା ଅବକାରୀ ବିଭାଗ ର ମୋବାଇଲ୍ ଟିମ । ଭଦ୍ରକ ଅବକାରୀ ବିଭାଗର ମୋବାଇଲ୍ ଟିମ ନିୟମିତ ରାଜପଥରେ ପାଟ୍ରୋଲିଂ କରିବା ସମୟରେ ୧୬ ନମ୍ବର୍ ଜାତୀୟ ରାଜପଥ ନଳାଙ୍ଗ ଛକ ନିକଟରେ ସନ୍ଦେହଜନକ କାର ?ୟକଳାପ ଦେଖି ଜଣେ ଯୁବକଙ୍କୁ କାବୁ କରିଥିଲା । ଯାଞ୍ଚ ବେଳେ ଯୁବକଙ୍କ ନିକଟରୁ ୪୫ ଗ୍ରାମ ବ୍ରାଉନ ସୁଗାର ଜବତ କରାଯାଇଥିଲା । ଯାହାର ବଜାର ମୂଲ୍ୟ ସାଢେ ୪ ଲକ୍ଷରୁ ଅଧିକ ହେବ ବୋଲି ଅନୁମାନ କରାଯାଉଛି । ଅବକାରୀ ବିଭାଗ ଯୁବକକୁ ଗିରଫ କରିବା ସହ ବ୍ରାଉନସୁଗାର ଓ ବାଇକ୍ ଜବତ କରିଛି । ଗିରଫ ଯୁବକ ଜଣକ ଧାମନଗର ଥାନା ଅଧୀନ ଅଞ୍ଚଳର ବୋଲି ସୂଚନା ମିଳିଛି ।

ସେହିପରି ବାଲେଶ୍ୱର ଜିଲ୍ଲା ଭୋଗରାଇ ଅବକାରୀ ବିଭାଗ ପକ୍ଷରୁ ଦୁଇଟି ପୃଥକ ସ୍ଥାନରେ ଚଢଉ ସମୟରେ ମୋଟ ୧୬୦ ଗ୍ରାମର ବ୍ରାଉନସୁଗାର ଜବତ କରାଯାଇଛି । ଗୋଟିଏ ବାଇକ ଜବତ କରିବା ସହିତ ଦୁଇ ଜଣ ବେପାରୀଙ୍କୁ ଗିରଫ କରିଛି । ଅବକାରୀ ପୋଲିସ ବାଇକରେ ବ୍ରାଉନସୁଗାର ଚାଲାଣ ହେଉଥିବା ନେଇ କୌଣସି ସୂତ୍ରରୁ ଖବର ପାଇ ଅବକାରୀ ଟିମ୍ ତାଳସାରୀ ବେଳାଭୂମିରେ ଚଢଉ କରି ୯୦ ଗ୍ରାମର ବ୍ରାଉନସୁଗାର ଜବତ କରିଥିଲା । ଅନ୍ୟପକ୍ଷରେ ଉଦୟପୁର ବେଳାଭୂମିରେ ଚଢଉ କରି ୭୦ ଗ୍ରାମର ବ୍ରାଉନସୁଗାର ଜବତ କରିଛି । ଏହି ଦୁଇ ପୃଥକ ଘଟଣାରେ ଦୁଇ ଜଣ ବେପାରୀକୁ ଗିରଫ ହୋଇଥିବା ବେଳେ ଉଭୟଙ୍କ ଘର ଭୋଗରାଇ ଥାନା ଅଞ୍ଚଳରେ ବୋଲି ଜଣାପଡିଛି । ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୧୬ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ସୂତ୍ରରୁ ଜଣା ପଡିଛି ।

# ୩୬ ବନ୍ଧୁକ ସହ ୪୨ ନକ୍ସଲଙ୍କ ଆତ୍ମସମର୍ପଣ

ମାଲକାନଗିରି,, ୧୦।୪(ନି.ପ୍ର.): : ସୀମାନ୍ତ ତେଲେଙ୍ଗାନା ପୁଲିସକୁ ମିଳିଛି ବଡ ସଫଳତା। ସରକାରଙ୍କ ଶେଷ ଟାର୍ଗେଟର ୧୦ ଦିନ ପରେ ବି ଜଙ୍ଗଲରେ ରହିଯାଇଥିବା ୪୨ଜଣ ନକ୍ସଲ ଆତ୍ମସମର୍ପଣ କରିଛନ୍ତି। ହାଇଦ୍ରାବାଦରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀଙ୍କ ସମ୍ମୁଖରେ ଏହି ନକ୍ସଲମାନେ ୩୬ଟି ଅତ୍ୟାଧୁନିକ ବନ୍ଧୁକ ସହ ଆତ୍ମସମର୍ପଣ କରିଛନ୍ତି।

ଏମାନଙ୍କ ମଧ୍ୟରୁ ଜଣେ କେନ୍ଦ୍ରୀୟ କମିଟି ମେମ୍ବର ରହିଥିବା ବେଳେ ଜଣେ ତେଲେଙ୍ଗାନା ଷ୍ଟେଟ୍ ? କମିଟି ମେମ୍ବର, ୫ ଜଣ ଡିଭିସିଏମ୍ ?, ୧୮ ଜଣ ଏସିଏମ୍ ? ଏବଂ ୧୭ ଜଣ ପାର୍ଟି ମେମ୍ବର ଅଛନ୍ତି। ଆତ୍ମସମର୍ପଣ କରିଥିବା ନକ୍ସଲମାନଙ୍କ ମଧ୍ୟରେ କେନ୍ଦ୍ରୀୟ କମିଟି ସଦସ୍ୟ ସୋଡି ମଲ୍ଲା ଓରଫ ନିଖିଲ, ଷ୍ଟେଟ କମିଟି ମେମ୍ବର ଚପା ନାରାୟଣ ଓରଫ ଗଜେନ୍ଦ୍ର ଅଛନ୍ତି। ଅନ୍ୟମାନେ ହେଲେ ଡିଭିସିଏମ୍ ? ସଦସ୍ୟ ମାଡବୀ ମଡ୍ଡା, କାଡତି ସୋନୁ, ମଡିୟମ ମୁନ୍ନି,




ପୁନେମ ଶୁକ୍କା, ହେମଲା ଲଛି, ଏସିଏମ୍ ? ସୋଡୀ ଭୀମା, ତାଟି ରାଜୁ, କୋବାସୀ ରାଜୁ, ମଡିୟମ ଭୀମା, ମାଡକମ ଭୀମା, ପୋଡିୟମ ଗାଙ୍ଗି, ସୋଡି ଭୀମା, କୁଡାମ ଦେବୀ।

ଏମାନଙ୍କ ନାମରେ ସରକାର ୧ କୋଟି ୯୩ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ଏମାନେ ପୁଲିସ ନିକଟରେ ୫ଟି ଏକେ-୪୭, ୪ ଏସ୍ ?ଏଲ୍ ?ଆର ରାଇଫଲ, ୩ଟି ଇନସାସ, ୬ଟି ୩୦୩ ରାଇଫଲ, ଗୋଟିଏ ୯ଏମ୍ ?ଏମ୍ ? ପିସ୍ତଲ, ୨ଟି ରିଭଲଭର, ଗୋଟିଏ ବିଜିଏଲ ବନ୍ଧୁକ, ଗୋଟିଏ ଏୟାର ଗନ୍ ? ସମେତ ୧୦୦୭ଟି ଜୀବନ୍ତ ଗୁଳି ଏବଂ ୮୦୦ ଗ୍ରାମ ସୁନା ମଧ୍ୟ ହସ୍ତାନ୍ତର କରିଛନ୍ତି। ଏଥିସହ ଏକେ-୪୭ ବନ୍ଧୁକ ପାଇଁ ୪ ଲକ୍ଷ, ଇନ୍ ?ସାସ୍ ? ବନ୍ଧୁକ ପାଇଁ ୨ ଲକ୍ଷ, ଏସ୍ ?ଏଲ୍ ?ଆର ବନ୍ଧୁକ ପାଇଁ ୨ ଲକ୍ଷ ଟଙ୍କା, ୩୦୩ ପାଇଁ ଏକ ଲକ୍ଷ ଟଙ୍କା, ୧୨ ବୋର ବନ୍ଧୁକ ପାଇଁ ୩୦ ହଜାର ଟଙ୍କା, ୯ଏମ୍ ?ଏମ୍ ? ବନ୍ଧୁକ ପାଇଁ ୨୫ ହଜାର ଟଙ୍କା ପୁରସ୍କାର ରହିଛି।

ପ୍ରକାଶ ଥାଉକି ତେଲେଙ୍ଗାନା ପୁଲିସ ନିକଟରେ ୨୦୨୪ ମସିହାରେ ୪୭ ଜଣ ଆତ୍ମସମର୍ପଣ କରିଥିବା ବେଳେ ୩୬ଟି ବନ୍ଧୁକ, ୨୦୨୫ରେ ୫୦୯ ଜଣ ନକ୍ସଲ ସହ ୬୦ ବନ୍ଧୁକ ଏବଂ ୨୦୨୬ରେ ୨୦୫ ଜଣ ନକ୍ସଲ ଆତ୍ମସମର୍ପଣ ସହ ୨୦୬ଟି ବନ୍ଧୁକ ପୁଲିସ ନିକଟରେ ହସ୍ତାନ୍ତର କରିଛନ୍ତି। ଆଉ ଯେଉଁ ନକ୍ସଲମାନେ ଏବେ ବି ଜଙ୍ଗଲରେ ବୁଲୁଛନ୍ତି। ଜଙ୍ଗଲରେ ଚଳପ୍ରଚଳ କରୁଥିବା ମାଓବାଦୀମାନଙ୍କୁ ତୁରନ୍ତ ଆତ୍ମସମର୍ପଣ କରିବାକୁ ତେଲେଙ୍ଗାନା ସରକାର ଅନୁରୋଧ କରିଛନ୍ତି।

# ରାଜଗାଙ୍ଗପୁର ସହର ରେ ଓଡ଼ିଆ ପକ୍ଷ ପାଳନ ପାଳିତ

ରାଜଗାଙ୍ଗପୁର, ୧୦।୪(ନି.ପ୍ର.); ରାଜଗାଙ୍ଗପୁର ପୌରପାଳିକା ପକ୍ଷରୁ ଚଳିତ ମାସ ୧ ତାରିଖ ରୁ ୧୪ ଏପ୍ରିଲ ସ୍ୱଚ୍ଛ ଓଡ଼ିଆ ଦିବସ ଓଡ଼ିଆ ପକ୍ଷ ପାଳନ ଅବସରରେ ସ୍ୱଛତା ହେଉଛି ସଂସ୍କୃତ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇ ରାଜଗାଙ୍ଗପୁର ସହର ର ବିଭିନ୍ନ ଦେବାଳୟ ଐତିହ୍ୟ ସ୍ଥଳ ଠାରେ ପରିବେଶ ନିର୍ମଳ ନିରୋଗ ରହିବା ଉଦେଶ୍ୟରେ ସଫା ସୁତୁରା କରାଯାଇ ଜନ ସଚେତନତା ସୃଷ୍ଟି କରାଯାଉଛି ସେହି ପରିପ୍ରେକ୍ଷୀରେ ପୈରପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୋବିନ୍ଦ ଦଣ୍ଡସେନା ଚେୟାରମେନ ଶ୍ରୀ ମତି ମାଧୁରୀ ଲୁଗୁଣ ଉପାଧକ୍ଷ ଏଡି ଇରଫାନ୍ ନୋଡାଲ ଅଧିକାରୀ ଡଃ ଅଇଶ୍ୱର୍ଯ୍ୟ ପାଣିଗ୍ରାହୀ ପରିମଳ ଅଧିକାରୀ କାର୍ତ୍ତିକ ମହାରଣା କାଉନସିଲର ବୁଧ ନାରାୟଣ ସାହୁ କୋସାଲ ସିଂ ଙ୍କ ସହ ସ୍ୱଚ୍ଛ ସାଥି ପୈରପରିଷଦ ର ସମସ୍ତ କର୍ମଚାରୀ ସାମିଲ ହୋଇ ଐତିହାସିକ ବାବାତଲାବ ପାହାଡ଼ି ଶିବ ମନ୍ଦିର ଲିପଲୋଇ ସମଲୋଇ ଓ ଜଗନ୍ନାଥ ମନ୍ଦିର ର ଚତୁର୍ପାର୍ଶ୍ୱରେ ଝାଡୁ ଓ ପାଣି ଦେଇ ସଫା ସୁତୁରା କରାଯାଇଥିଲା।



# ପଟିଆ ଗ୍ରାମର ମୁରବି ତଥା ସମାଜ ମଙ୍ଗଳ କାର୍ଯ୍ୟରେ ସାହାଯ୍ୟ କରୁଥିବା ବ୍ୟକ୍ତିଙ୍କ ଦେହାନ୍ତ

ଭୁବନେଶ୍ୱର, ୧୦।୪ (ନି.ପ୍ର.); ମୁରବୀ ତଥା ଜଣେ ଜଣାଶୁଣା ବ୍ୟକ୍ତି ଶିବେନ୍ଦ୍ର ପରିଡ଼ାଙ୍କ ଦେହାନ୍ତ ଗୁରୁବାର ଦିନ ହୋଇଯାଇଛି।ମୃତ୍ୟୁ ବେଳକୁ ତାଙ୍କୁ ୭୧ ବର୍ଷ ହୋଇ ଥିଲା।ଗତ କିଛିଦିନ ହେବ ସେ ଅସୁସ୍ଥ ଥ ?ିବାବେଳେ ହଠାତ୍ ବୁଧବାର ତାଙ୍କର ଦେହ ବେଶୀ ଖରାପ ହୋଇଯାଇଥିଲା। ପରିବାର ଲୋକ ତାଙ୍କୁ ଏକ ଘରୋଇ ଡାକ୍ତରଖାନାକୁ ଚିକିତ୍ସା ପାଇ ନେଇଥିବା ବେଳେ ଗୁରୁବାର ତାଙ୍କର ମୃତ୍ୟୁ ହୋଇଥିଲା।ସେ ଭୁବନେଶ୍ୱର ମହାନଗର ନିଗମ ୱାର୍ଡ ନମ୍ବର ୩ର କର୍ପୋରେଟର ଲକ୍ଷ୍ମୀପ୍ରିୟା ପରିଡାଙ୍କ ଶଶୁର ଅଟନ୍ତି।ସେ ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମରେ ଯୋଗଦାନ କରି ବେଶ୍ ପରିଚିତ ଥିଲେ। ତାଙ୍କର ମର ଶରୀରକୁ ପଟିଆଗଡସ୍ଥିତ ତଳସାହିର ପରିଡାଭବନକୁ ଅଣାଯାଇଥିଲା। ସେଠାରେ ପରିବାରବର୍ଗ, ଗ୍ରାମର ମୁରବୀ,ଯୁବକ,ବହୁ ରାଜନୈତିକ ବ୍ୟକ୍ତି ବିଶେଷ ଆସି ଶେଷ ଦର୍ଶନ କରିଥିଲେ।ଏକ ବିରାଟ ଶୋଭାଯାତ୍ରାରେ ତାଙ୍କ ମର ଶରୀରକୁ ଗ୍ରାମ ପରିକ୍ରମା କରାଇ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡପୁଅ ତଥା ଯୁବ ସମାଜସେବୀ, ସଂଗଠକ, ନାଟ୍ୟକାର ସନ୍ତୋଷ କୁମାର ପରିଡ଼ା ମୁଖାଗ୍ନିଦେଇଥିଲେ।

# ଜନ୍ମଦିନରେ କିସ୍ ଛାତ୍ରଛାତ୍ରୀଙ୍କୁ ଅନନ୍ତ ଅମ୍ବାନୀଙ୍କ ଉପହାର ଛାତ୍ରବୃତ୍ତି, ଚାକିରି ଓ ଏକ୍ସପୋଜର ସୁଯୋଗ

ଭୁବନେଶ୍ୱର, ୧୦।୪: ନିଜ ଜନ୍ମଦିନରେ କିସ୍ ଛାତ୍ରଛାତ୍ରୀଙ୍କ ପାଇଁ ଛାତ୍ରବୃତ୍ତି, ଚାକିରି ଓ ଏକ୍ସପୋଜର ସୁଯୋଗ ଭଳି ଅନେକ ଘୋଷଣା କରିଛନ୍ତି ଅନନ୍ତ ଅମ୍ବାନୀ। ଆଜି ନିଜ ଜନ୍ମଦିନ ପାଳନ ଅବସରରେ ଅନନ୍ତ କିସ୍ ଛାତ୍ରଛାତ୍ରୀଙ୍କ ପାଇଁ ରିଲାଏନ୍ସ ଗ୍ରୁପରେ ଚାକିରି ସୁଯୋଗ ସହ ଚଳିତ ଶିକ୍ଷାବର୍ଷରେ କିସ ଛାତ୍ରଛାତ୍ରୀଙ୍କ ପାଇଁ ଛାତ୍ରବୃତ୍ତି, କେଜିରୁ ପିଜିସ୍ତରରେ ଶେଷ୍ଠ ପ୍ରଦର୍ଶନ କରିଥିବା ଟପ୍ପରମାନଙ୍କୁ ଅନନ୍ତଙ୍କ ଦ୍ୱାରା ପ୍ରତିଷ୍ଠିତ ବିଶାଳ ବନ୍ୟପ୍ରାଣୀ କେନ୍ଦ୍ର ବନତାରା ପରିଦର୍ଶନ କରିବାର ସୁଯୋଗ ଆଦି ଘୋଷଣା କରିଛନ୍ତି। ଅନନ୍ତଙ୍କ ଘୋଷଣା ଅନୁସାରେ ପ୍ରତିବର୍ଷ କିସର ୩୦ଜଣ ସ୍ନାତକଙ୍କୁ ରିଲାଏନ୍ସ ଗ୍ରୁପର ବିଭିନ୍ନ କମ୍ପାନୀରେ ଚାକିରି ପ୍ରଦାନ କରାଯିବ। ଏହା ଜନଜାତି ଯୁବକ ଯୁବତୀଙ୍କ ପାଇଁ ସ୍ଥାୟୀ କ୍ୟାରିୟର ପଥ ଖୋଲିବ। ଏହି ଘୋଷଣା ଦ୍ୱାରା ହଜାର ହଜାର ଜନଜାତି ଛାତ୍ରଛାତ୍ରୀ ଉପକୃତ ହେବେ। ସେହିପରି ଶିକ୍ଷାଗତ ଜ୍ଞାନକୁ ଆହୁରି ବୃଦ୍ଧି କରିବା ନିମନ୍ତେ କିସ୍‌ର ସମସ୍ତ ଛାତ୍ରଛାତ୍ରୀଙ୍କୁ ଅନନ୍ତ ଅତିରିକ୍ତ ଅଧ୍ୟୟନ ସାମଗ୍ରୀ ପ୍ରଦାନ କରିଛନ୍ତି। ଏହା



ସହ ସେମାନଙ୍କ ଶୈକ୍ଷିକ ଅଭିବୃଦ୍ଧି, ଦକ୍ଷତା ବିକାଶ ଓ ଭବିଷ୍ୟତର ଜୀବିକା ନିର୍ବାହରେ ସହାୟକ ହେବ।

ଅନନ୍ତଙ୍କ ଜନ୍ମଦିନ ପାଳନର ଅଂଶ ସ୍ୱରୂପ କିସ୍ ଛାତ୍ରଛାତ୍ରୀମାନେ ଏକ ବିଶାଳ କେକ୍ କାଟି ଉତ୍ସବ ପାଳନ କରିଥିଲେ। ଅନନ୍ତଙ୍କ ଉତ୍ତମ ସ୍ୱାସ୍ଥ୍ୟ, ଖୁସି ଓ ଦୀର୍ଘ ଜୀବନ କାମନା କରି ଶ୍ରୀବାଣୀକ୍ଷେତ୍ର ଜଗନ୍ନାଥ ମନ୍ଦିରରେ କିସ ପିଲାମାନେ ଦୀପ ଜାଳି ପ୍ରାର୍ଥନା କରିଥିଲେ ଓ ଶ୍ରୀବାଣୀକ୍ଷେତ୍ର ବେଦପାଠଶାଳା ଛାତ୍ରଛାତ୍ରୀମାନେ ବେଦପାଠ ଜରିଆରେ ଅନନ୍ତଙ୍କୁ ଶୁଭକାମନା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ କିସ ଭୁବନେଶ୍ୱର କ୍ୟାମ୍ପସ ସମେତ ବଲାଙ୍ଗୀର, କଳାହାଣ୍ଡି, ବାରିପଦା ଓ ବାଲେଶ୍ୱର ଆଦି କ୍ୟାମ୍ପସରେ ଛାତ୍ରଛାତ୍ରୀମାନେ ସାମିଲ ହୋଇଥିଲେ। ଛାତ୍ରଛାତ୍ରୀମାନେ ବନତାରା ଲୋଗୋ ଦ୍ୱାରା ଅନୁପ୍ରାଣିତ ମାନବ ଅକ୍ଷର ଗଠନ କରିଥିଲେ। ପରେ ସନ୍ଧ୍ୟାରେ କିସ୍‌ର ୪୦ ହଜାର ଛାତ୍ରଛାତ୍ରୀଙ୍କ ପାଇଁ ଅନନ୍ତଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର ରାତ୍ରଭୋଜନର ଆୟୋଜନ କରାଯାଇଥିଲା। ଏହି ଅବସରରେ ସମଗ୍ର କ୍ୟାମ୍ପସରେ ଉତ୍ସବମୁଖର ଓ ଆନନ୍ଦମୟ ପରିବେଶ ସୃଷ୍ଟି ହୋଇଥିଲା। ଛାତ୍ରଛାତ୍ରୀମାନେ ଅନନ୍ତଙ୍କୁ ସେମାନଙ୍କର ଶୁଭ କାମନା ଜଣାଇବା ସହ କୃତଜ୍ଞତା ପ୍ରକାଶ କରିଥିଲେ।

କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଶ୍ରୀ ସାମନ୍ତ ମଧ୍ୟ ଅନନ୍ତଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ। ଶ୍ରୀ ସାମନ୍ତ କହିଲେ, କିସ୍ ପିଲାଙ୍କ ପାଇଁ ଅନନ୍ତ ଯେଉଁ ସବୁ ଘୋଷଣା କରିଛନ୍ତି ତାହା ଦ୍ୱାରା ଛାତ୍ରଛାତ୍ରୀଙ୍କ ଆତ୍ମବିଶ୍ୱାସ ଓ ଭବିଷ୍ୟତ ସମ୍ଭାବନାକୁ ବହୁ ପରିମାଣରେ ମଜବୁତ କରିବ। ଏଭଳି ସମର୍ଥନ ସାଧାରଣ ଜନଜାତି ପୃଷ୍ଠଭୂମିରୁ ଆସୁଥିବା ପିଲାମାନଙ୍କ ପାଇଁ ଯଥେଷ୍ଟ ଗୁରୁତ୍ୱ ରଖିବା ସହ ସୁଯୋଗର ନୂତନ ଦ୍ୱାର ଖୋଲିବ ବୋଲି ଶ୍ରୀ ସାମନ୍ତ କହିଛନ୍ତି। ଏହି କାର୍ଯ୍ୟକ୍ରମରେ କିସର ସମସ୍ତ କ୍ୟାମ୍ପସର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଯୋଜନା, କୁରୁକ୍ଷେତ୍ର ଏବଂ ଏମ୍ପ୍ଲୟମେଣ୍ଟ୍ ନ୍ୟୁଜ୍ ଏବେ ୱେଭ୍ସ ଓଟିଟିରେ ମାଗଣାରେ ଉପଲବ୍ଧ

ନୂଆଦିଲ୍ଲୀ, ୧୦।୪(ପିଆଇବି); ଡିଜିଟାଲ ଜ୍ଞାନର ଉପଲବ୍ଧତା ଦିଗରେ ଏକ ପ୍ରମୁଖ ପ୍ରୟାସ ଭାବରେ, ପ୍ରକାଶନ ବିଭାଗ ଏହାର ପ୍ରମୁଖ ପତ୍ରିକା ଯୋଜନା, କୁରୁକ୍ଷେତ୍ର, ଆଜକଲ୍ ଏବଂ ବାଲ ଭାରତୀକୁ ପ୍ରସାର ଭାରତୀର ୱେଭ୍ସ ଓଟିଟି ପ୍ଲାଟଫର୍ମରେ ମାଗଣାରେ ଉପଲବ୍ଧ କରାଇଛି। ଏହା ସହିତ ସାପ୍ତାହିକ ଏମ୍ପ୍ଲୟମେଣ୍ଟ୍ ନ୍ୟୁଜ୍ ମଧ୍ୟ ଯୋଡି ହୋଇଛି। ଏହା ଦ୍ୱାରା ଜ୍ଞାନର ସମୃଦ୍ଧ ଭଣ୍ଡାର ଦେଶବ୍ୟାପୀ ପାଠକଙ୍କ ନିକଟରେ ସିଧାସଳଖ ଉପଲବ୍ଧ ହେବ।ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ସାରା ଦେଶରେ ପାଠକଙ୍କ ପାଇଁ ବିଶ୍ୱସନୀୟ, ସୂଚନାପ୍ରଦ ଏବଂ ସାଂସ୍କୃତିକ ଭାବରେ ସମୃଦ୍ଧ ବିଷୟବସ୍ତୁର ଉପଲବ୍ଧତାକୁ ସାର୍ବଜନୀନ କରିବା।



ଭୁବନେଶ୍ୱର ବିଜୁ ଜନତା ଦଳ ତରଫରୁ, ବିଜେପି ସରକାରର ହୀନ ମାନସିକତା ଯୋଗୁଁ ଆଜି ଭୁବନେଶ୍ୱର କଟକ ମେଟ୍ରୋ ପ୍ରକଳ୍ପ ବନ୍ଦ ହୋଇଯିବା ପ୍ରତିବାଦରେ ମାଷ୍ଟରକ୍ୟାଣ୍ଟିନ ଛକ ଠାରେ ଆୟୋଜିତ ବିକ୍ଷୋଭ ସମାବେଶ ରେ ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗଦେଇଛନ୍ତି।

# କ୍ରୀଷ୍ଣା ବିକାଶ ଗଡୋଦିଆ ଗ୍ଲୋବାଲ ସ୍କୁଲର ଶୁଭ ଉଦଘାଟନ

ରାଜଗାଙ୍ଗପୁର, ୧୦।୪(ନି.ପ୍ର.): ରାଜଗାଙ୍ଗପୁର ବାଣ୍ଟୁପଡା ସୁମିତ୍ରା ମେରେଜ ପ୍ଲେସ ନିକଟରେ ସହର ବାସୀ ଙ୍କ ବହୁ ଦିନର ଆଶା ଆକାଂକ୍ଷା ପୂରଣ କଲେ ଓଡ଼ିଶା ତଥା ଭାରତର ବିଶିଷ୍ଟ ଶିଳ୍ପପତି ଗଡୋଦିଆ ପରିବାର ଲୋକେ ନିଜସ୍ୱ ସାତ ଏକର ଜମି ଉପରେ ରାଜଗାଙ୍ଗପୁର ଓ ଆଖପାଖ ଅଞ୍ଚଳର ଛାତ୍ର ଛାତ୍ରୀ ଙ୍କ ଉଜ୍ଜଳ ଭବିଷ୍ୟତ ନିମନ୍ତେ କ୍ରୀଷ୍ଣା ବିକାଶ ଗରୋଦିଆ ଗ୍ଲୋବାଲ ସ୍କୁଲ ର ଶୁଭ ଉଦଘାଟନ କାର୍ଯ୍ୟକ୍ରମରେ ନବ ଦୁର୍ଗା ଫାଉଣ୍ଡେସନ ଚେୟାରମେନ ନୀମୀସ ଗଡୋତିଆ ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ତାଙ୍କର ମାଁ ସରସ୍ୱତୀ ଦେବୀ ଗଡୋଦିଆ ଙ୍କ କର କମଳରେ ଫିତା କାଟି ସ୍କୁଲ ର ଆନୁଷ୍ଠାନିକ ଭାବେ



ଉଦଘାଟନ କରିଥିଲେ ଏହି ଅବସରରେ ଶ୍ରୀ ମୋତୀ ବିନିତା ଗଡୋଦିଆ ରାଜେଶ ଗଡୋଦିଆ ଅର୍ଚ୍ଚନା ଗଡୋଦିଆ ସଞ୍ଜୟ ଗଡୋଦିଆ ପବନ ଗଡୋଦିଆ ଙ୍କ ସହ ଗଡୋଦିଆ ପରିବାର ର ବହୁ ସଦସ୍ୟ ଙ୍କ ଉପସ୍ଥିତିରେ ସ୍କୁଲ ପରିସରରେ ପୂଜା ଅର୍ଚ୍ଚନା ଓ ପ୍ରଦିପ ପ୍ରଜ୍ଜଳନ କରି ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ମାଧ୍ୟମରେ ସ୍କୁଲ ର ବର୍ତ୍ତମାନ ଭବିଷ୍ୟତ ଛାତ୍ର ଛାତ୍ରୀ ଙ୍କ ଶିକ୍ଷା ଲାଭ ପାଠପଢ଼ା ସହିତ ଶାରୀରିକ ତାଲିମ ଖେଳ କୁଦ ଆତ୍ମନିର୍ଭରଶୀଳ ସହନଶୀଳତା ଆଚରଣ ବ୍ୟବହାର ଗୁରୁଶିଷ୍ୟ ମଧ୍ୟ ରେ ଉତମ ସମ୍ପର୍କ ମାତୃଭାଷା କୁ ଆଦର ନୀତି ନିୟମ ସମ୍ପର୍କରେ ଶ୍ରୀ ମତି ବିନିତା ଗଡୋଦିଆ, ଚେୟାରମେନ ମୁରଲି କ୍ରୀଷନନ ଜିଏମ ଅବଦୁଲ ଜୀ ଉପସ୍ଥିତ ଛାତ୍ରଛାତ୍ରୀ ଅଭିଭାବକ ମାଣ୍ୟଗଣ୍ୟ ବ୍ୟକ୍ତି ସାଧାରଣ ନାଗରିକ ଙ୍କୁ ବିସ୍ତୃତ ଭାବରେ ଆଲୋକପାତ କରିଥିଲେ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ବସ୍ ସ୍ୱାସ୍ଥ୍ୟ ସେବା ପରିବେଶ ନିର୍ମଳ ନିରୋଗ ସବୁଜିମା ଭରା ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଯୁକ୍ତ ଖେଳପଡ଼ିଆ ବିଭିନ୍ନ କଳା ମାଧ୍ୟମରେ ଶିକ୍ଷାଦାନ ତାଲିମ ପ୍ରାପ୍ତ ଦକ୍ଷ ଶିକ୍ଷକ ଶିକ୍ଷୟିତ୍ରୀ କର୍ମଚାରୀ ସୁରକ୍ଷା ବଳ ଓ ଅନ୍ୟାନ୍ୟ ସେବା ସ୍କୁଲ ରେ ଯୋଗଦେଇଥିବା ସ୍କୁଲ କର୍ତ୍ତୃପକ୍ଷ ସୁଚନା ଦେଇଥିଲେ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, **Email : odishamanthan@gmail.com**

● **Editor : Sarat Raut** ସଂପାଦକ: ଶରତ ରାଉତ